# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୮/୨୦୨୦ (୧୨ ପୃଷ୍ଠା) | Rayagada, Tuesday, December 8/2020 | ★

୧୦ମ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ପେରେଜଙ୍କୁ ଟାଇଟଲ**

ରେସିଂ ପଏଣ୍ଟ ଟିମ୍‌ର ସର୍ଗିଓ ପେରେଜ ସାଖୀର ଗ୍ରାଁପ୍ରିରେ କ୍ୟାରିୟରର ପ୍ରଥମ ଫର୍ମୁଲାୱାନ ମୋଟରରେସିଂ ଟାଇଟଲ ହାସଲ କରିଛନ୍ତି।

୧୨

୧୦

**ବିରିୟାନି ଚଖାଇଲେ ମଦାଲସା**

ଟେଲି ଅଭିନେତ୍ରୀ ମଦାଲସା ଶର୍ମା ଘରୁ ଆସିଥିବା ଭେଜ୍ ବିରିୟାନିକୁ ସେଟ୍‌ର ସମସ୍ତ ମେମ୍ବରଙ୍କୁ ଚଖାଇଛନ୍ତି।



# ବନ୍ଦ ରହିବ ସରକାରୀ କାର୍ଯ୍ୟାଳୟ



ପଞ୍ଜାବର ଜଳନ୍ଧରରେ 'ଭାରତ ବନ୍ଦ' ସପକ୍ଷରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି କଲେଜ ଛାତ୍ରୀ।



ନୂଆଦିଲ୍ଲୀ: କୃଷକ ଆନ୍ଦୋଳନରେ ବିଭିନ୍ନ ସମ୍ପ୍ରଦାୟର ଆଧାତ୍ମିକ ଗୁରୁ ସାମିଲ ହୋଇଛନ୍ତି।

**ଆଜି ଭାରତ ବନ୍ଦ**

- ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ବନ୍ଦ
- ଅତ୍ୟାବଶ୍ୟକ ସେବା ଜାରି ରହିବ
- ୧୦ରୁ ଊର୍ଦ୍ଧ୍ୱ ବିରୋଧୀ ଦଳ ସମେତ ଟ୍ରେଡ୍ ୟୁନିୟନର ସମର୍ଥନ

**କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀଙ୍କ ଆନ୍ଦୋଳନ ସୋମବାର ଦ୍ୱାଦଶ ଦିନରେ ପହଞ୍ଚିଛି। ସରକାର ଏହି ଆଇନର କେତେକ ଧାରାରେ ସଂଶୋଧନ ପାଇଁ ସଙ୍କେତ ଦେଇଥିବାବେଳେ କୃଷକମାନେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ଏହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ଦାବିରେ ଅଡ଼ିବସିଛନ୍ତି। ହେଲେ ସରକାର ସେମାନଙ୍କ କଥା ଶୁଣୁନାହାନ୍ତି। ଘନଘନ ବୈଠକ ପରେ ବି କିଛି ସୁଫଳ ନ ମିଳିବାରୁ ଶତାଧିକ କୃଷକ ସଙ୍ଗଠନ କେନ୍ଦ୍ର ଉପରେ ଚାପ ପକାଇବା ପାଇଁ ଡିସେମ୍ବର ୮ ମଙ୍ଗଳବାର 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ। ତେବେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଯୋଗାଣ ଅବ୍ୟାହତ ରହିବ। ଏହି ହରତାଳକୁ ଅନେକ ବିରୋଧୀ ଦଳ ଓ ଟ୍ରେଡ୍ ୟୁନିୟନ୍‌ର ସମର୍ଥନ ମିଳିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସମସ୍ତ ରାଜ୍ୟ ସରକାରଙ୍କୁ କଡ଼ା ସୁରକ୍ଷା ବନ୍ଦୋବସ୍ତ ଲାଗି ଆଡ୍‌ଭାଇଜରି ଜାରି କରିଛି। ଓଡ଼ିଶା ସରକାର ସମସ୍ତ ସରକାରୀ ଅଫିସ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।**

**ଭୁବନେଶ୍ୱର,(ବ୍ୟୁରୋ)/ନୂଆଦିଲ୍ଲୀ, ୭।୧୨**

ନୂତନ କୃଷି ବିଲ୍‌କୁ ବିରୋଧ କରି କୃଷକ ସଂଗଠନ କେନ୍ଦ୍ର ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। କୃଷି ଓ କୃଷକ ବିରୋଧୀ ବିଲ୍‌କୁ ସରକାର ପ୍ରତ୍ୟାହାର ନ କରିବା ଯାଏ ଚାଷୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ପାଳନକୁ ଓଡ଼ିଶାର ସମର୍ଥନ ମିଳିଛି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଫିସ ବନ୍ଦ କରିବାକୁ ଘୋଷଣା କରିଛନ୍ତି।

ଦିଲ୍ଲୀ ସୀମାରେ ୧୨ ଦିନ ହେଲା ଆନ୍ଦୋଳନ ଚାଲିଥିବାବେଳେ କେନ୍ଦ୍ର ସରକାରଙ୍କ ସହ ୫ ଥର ଆଲୋଚନା ବିଫଳ ହୋଇଛି। କୃଷକମାନେ ବିବାଦୀୟ ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଛନ୍ତି। ସରକାରଙ୍କ ଉପରେ ଅଧିକ ଚାପ ସୃଷ୍ଟି ଲାଗି ଚାଷୀ ସଂଗଠନଗୁଡ଼ିକର ଆହ୍ୱାନକ୍ରମେ ମଙ୍ଗଳବାର ଦେଶବ୍ୟାପୀ ବନ୍ଦ ପାଳନ କରାଯାଉଛି। ପୂର୍ବାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିବା ଲାଗି କୃଷକ ସଂଗଠନଗୁଡ଼ିକ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତ ବନ୍ଦକୁ କଂଗ୍ରେସ, ଅକାଳୀ ଦଳ, ଆମ୍ ଆଦ୍‌ମୀ ପାର୍ଟି, ଟିଆରଏସ୍, ବାମପନ୍ଥୀ ଭଳି ୧୦ରୁ ଊର୍ଦ୍ଧ୍ୱ ବିରୋଧୀ ଦଳ ଏବଂ କେତେକ ଟ୍ରେଡ୍ ୟୁନିୟନ ସମର୍ଥନ କରୁଥିବାରୁ ଏହାର ଜୋର୍‌ଦାର ପ୍ରଭାବ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ବନ୍ଦ ଯୋଗୁ ସାରା ଦେଶରେ ଯାନବାହନ, ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାପକ ସତର୍କତା ଅବଲମ୍ବନ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। କୃଷକ ସଂଗଠନର ☞ପୃଷ୍ଠା–୪

## ଲୋକଙ୍କ ଅସୁବିଧା ପାଇଁ କେନ୍ଦ୍ର ଦାୟୀ ରହିବ: କଂଗ୍ରେସ

**ନୂଆଦିଲ୍ଲୀ, ୭।୧୨:** ଭାରତ ବନ୍ଦ ବେଳେ ଜନସାଧାରଣଙ୍କ ଯେକୌଣସି ଅସୁବିଧା ପାଇଁ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି କଂଗ୍ରେସ କହିଛି। କୃଷିର କର୍ପୋରେଶନକରଣ କରାଯାଉଥିବା ଅଭିଯୋଗ କରି ପଞ୍ଜାବ କଂଗ୍ରେସ ସଭାପତି ସୁନୀଲ ଜାଖର କହିଛନ୍ତି, ଆଇନକୁ କୃଷକମାନେ ବିରୋଧ କରିବା ଯଥାର୍ଥ। ଭାରତ ବନ୍ଦକୁ ସବୁ ବର୍ଗର ଲୋକ ଓ ରାଜନୈତିକ ଦଳ ସମର୍ଥନ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି।

## ଆଡଭାଇଜରି ଜାରି କଲା କେନ୍ଦ୍ର

ଭାରତ ବନ୍ଦ ବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି। ଶାନ୍ତି ବଜାୟ ରହିବା ଜରୁରୀ ବୋଲି କେନ୍ଦ୍ର କହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ଜାରି ହୋଇଥିବା ଆଡଭାଇଜରିରେ କୁହାଯାଇଛି, କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତ୍ୱ ସମେତ ବିଭିନ୍ନ କଟକଣା ଯେପରି କଡ଼ାକଡ଼ି ପାଳନ ହେବ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସେଥିପ୍ରତି ଦୃଷ୍ଟିଦେବେ। ବନ୍ଦ ପାଳନ ବେଳେ ଦେଶର କୌଣସି ସ୍ଥାନରେ ଯେପରି ଅପ୍ରୀତିକର ଘଟଣା ନ ଘଟେ ତାହା ସୁନିଶ୍ଚିତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।



**" ପୁରୁଣା ଆଇନରେ ନୂଆ ଶତାବ୍ଦୀ ଗଢ଼ାଯାଇପାରିବ ନାହିଁ। ବିକାଶ ପାଇଁ ସଂସ୍କାର ଜରୁରୀ। ପୂର୍ବ ଶତାବ୍ଦୀର କେତେକ ଆଇନ ବର୍ତ୍ତମାନ ସମୟରେ ବୋଝ ପାଲଟିଛି। ସମ୍ପୂର୍ଣ୍ଣ ସଂସ୍କାର ଉପରେ ସରକାର ବିଶ୍ୱାସ କରନ୍ତି।**

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଓସିଏସ୍ ମେନ୍ ପରୀକ୍ଷା ଘୁଞ୍ଚିଲା

**ଭୁବନେଶ୍ୱର, ୭।୧୨(ବ୍ୟୁରୋ):** ଭାରତ ବନ୍ଦ ଯୋଗୁ ମଙ୍ଗଳବାର ହେବାକୁ ଥିବା ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୧୯ (ମେନ୍) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜାନୁୟାରୀ ୨ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଓପିଏସ୍‌ସି ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ଚାଷୀ ଆନ୍ଦୋଳନ ସମୟରେ ଗାଡ଼ି ମୋଟର ବନ୍ଦ ରହିବ। ତେଣୁ ଗମନାଗମନ ବା ଯାତାୟାତରେ ଅନେକ ବାଧା ସୃଷ୍ଟି ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷାକୁ ଘୁଞ୍ଚାଯାଇଛି। ତେବେ ୨ ତାରିଖରେ ହେବାକୁ ଥିବା ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କେନ୍ଦ୍ର ଓ ସମୟରେ ହେବ। ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ କି କୌଣସି ନୂଆ ଆବେଦନ ମଧ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସୂଚନାଯୋଗ୍ୟ, ଏହି ପରୀକ୍ଷା ଡିସେମ୍ବର ୭ରୁ ଆରମ୍ଭ ହୋଇ ୩୧ରେ ଶେଷ ହେବାର ଥିଲା।

## ଏବେ ହେବନି ୟୁଜି, ପିଜି ପରୀକ୍ଷା

**ଭୁବନେଶ୍ୱର, ୭।୧୨(ବ୍ୟୁରୋ):** ବର୍ତ୍ତମାନ ୟୁଜି ଏବଂ ପିଜି ପରୀକ୍ଷା ହେବନି। ଏନେଇ ସମସ୍ତ କୁଳପତି ଓ ଅଧକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ଲେଖିଛି। କରୋନା ପାଇଁ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପାଠପଢ଼ା ଯାଉଛି। କିନ୍ତୁ ଅଧିକାଂଶ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ଏହାର ସୁବିଧା ପାଇପାରୁନାହାନ୍ତି। ତେଣୁ ଅନ୍‌ଲାଇନ୍ ପାଠପଢ଼ାକୁ ନେଇ ଏବେ ପରୀକ୍ଷା କରିବା ଉଚିତ ହେବନି। ଯେତେବେଳେ କ୍ଲାସ୍‌ରୁମ ପାଠପଢ଼ା ସମ୍ଭବ ହେବ, ସେତେବେଳେ ପରୀକ୍ଷା କଥା ଚିନ୍ତା କରାଯିବ। କ୍ଲାସରୁମ୍ ପାଠପଢ଼ା ଓ ସିଲାବସ ସରିବା ପରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହେବ ବୋଲି ବିଭାଗର ସଚିବ ଶାଶ୍ୱତ ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, କରୋନା କଟକଣା ପାଇଁ ଡିସେମ୍ବର ୩୧ ଗାଇଡ୍‌ଲାଇନ୍ ଜାରି ହୋଇଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ, ସ୍କୁଲ ଖୋଲିବା ଉପରେ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବ। ସେହିପରି କଲେଜ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେବ। ଇଞ୍ଜିନିୟରିଂ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବା ନିଷ୍ପତ୍ତି ମଧ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ତେବେ ସ୍କୁଲ, କଲେଜ ନ ଖୋଲିଲେ ମଧ ପରୀକ୍ଷା, ଖାତାଦେଖା ଚାଲୁ ରହିବ।

**ଆଜିର ସମ୍ପାଦକୀୟ**

**ଖାଦ୍ୟ ସୈନିକ**

**ଆଜିର ମନ୍ତବ୍ୟ**

" ସୁସ୍ଥ ଗଣତନ୍ତ୍ର ଲାଗି ସୋସିଆଲ ମିଡିଆ ଉପରେ ଅଙ୍କୁଶ ନ ରହିବା ଜରୁରୀ।

– କେ.କେ. ବେଣୁଗୋପାଳ, ଆଟର୍ନି ଜେନେରାଲ

# ତଦନ୍ତ କରିବେ ଲୋକାୟୁକ୍ତ

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ବିଜେଡିରୁ ନିଲମ୍ବିତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ପ୍ରଦୀପଙ୍କ ବିରୋଧରେ ଉଠିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରିବେ ଲୋକାୟୁକ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏ ନେଇ ଲୋକାୟୁକ୍ତଙ୍କୁ ସୁପାରିସ କରିଛନ୍ତି। ଲୋକାୟୁକ୍ତ ଗଠନ ହେବା ପରେ ରାଜ୍ୟ ସରକାରଙ୍କର ଏହା ହେଉଛି ପ୍ରଥମ ସୁପାରିସ। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ସରକାର ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଛନ୍ତି। ଦୁର୍ନୀତି ପାଇଁ ଶୂନ ସହନଶୀଳତା ନୀତି ସରକାର ଅବଲମ୍ବନ କରିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ ପ୍ରଶାସନ ଦେବା ନେଇ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

**ପ୍ରଦୀପଙ୍କ ଦୁର୍ନୀତି ମାମଲା**



ପ୍ରଦୀପ ପାଣିଗ୍ରାହୀ

ଉଲ୍ଲେଖଯୋଗ୍ୟ, ଟାଟାରେ ଚାକିରି କରାଇଦେବା ନାଁରେ ବିଧାୟକ ପାଣିଗ୍ରାହୀ ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ଜରିଆରେ ଲୋକଙ୍କୁ ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ☞ପୃଷ୍ଠା–୪

## ଜାମିନ ମିଳିଲାନି

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ସୋମବାର ମଧ୍ୟାହ୍ନରେ ଏଡିଜେ–୩ କୋର୍ଟରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ପ୍ରଥମେ ରାୟକୁ ସଂରକ୍ଷିତ ରଖାଯାଇଥିବାବେଳେ ଅପରାହ୍ନରେ ବିଚାରପତି ଲୁନା ମହାନ୍ତି ଆବେଦନକୁ ଖାରଜ କରିଦେଇଥିଲେ। ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଓ ସାଇବର ଅପରାଧ ଅଭିଯୋଗରେ ବିଧାୟକ ପାଣିଗ୍ରାହୀ ଗିରଫ ହୋଇ ଏବେ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଅଛନ୍ତି। ☞ପୃଷ୍ଠା–୪

## ପେଟ୍ରୋଲ ୩୦, ଡିଜେଲ ୨୯ ପଇସା ବୃଦ୍ଧି



**ନୂଆଦିଲ୍ଲୀ,୭।୧୨**

୨୦ ନଭେମ୍ବରରୁ ପୁଣିଥରେ ତେଲ ଦର ବଢ଼ିବା ଆରମ୍ଭ କରିଛି ଯେ କମିବାର ନାଁ ଧରୁନାହିଁ। ଗତ ୧୮ ଦିନ ମଧରେ ୧୫ ଥର ତେଲ ଦର ବୃଦ୍ଧି ପାଇଲାଣି। ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୩୦ ପଇସା ବଢ଼ି ୮୪.୩୪ ଟଙ୍କାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ମଧ ☞ପୃଷ୍ଠା–୪

# ବଢ଼ିଲା ବସ୍ ଭଡ଼ା

### କିଲୋମିଟର ପିଛା ୧ ଓ ୨ ପଇସା

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ରାଜ୍ୟରେ ପୁଣି ବସ୍ ଭଡ଼ା ବୃଦ୍ଧି ପାଇଛି। ୨୦୨୦ ଜୁଲାଇ ୧ ତାରିଖରେ ରାଜ୍ୟ ସରକାର ଭଡ଼ା ବୃଦ୍ଧି କରିଥିଲେ। ଗତ କିଛି ଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି ପାଇବାରେ ଲାଗିଛି। ଜୁନ ୧୬ ତାରିଖରେ ଡିଜେଲ ଦର ୭୩.୪୨ ଟଙ୍କା ଥିବା ବେଳେ ଜୁଲାଇ ପହିଲାରେ ୭୮.୬୭ ଟଙ୍କା ଏବଂ ଡିସେମ୍ବର ୭ ତାରିଖରେ ଡିଜେଲ ଲିଟର ପିଛା ୮୦.୪୬ ପଇସାରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସୋମବାର ବିଜ୍ଞପ୍ତି



ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୧ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡ଼ା କିଲୋମିଟର ☞ପୃଷ୍ଠା–୪





# ରାମମନ୍ଦିର ଚାନ୍ଦା ହିସାବ ଦିଅ


**ରାୟପୁର,୭।୧୨**

- ମନ୍ଦିର ଦାନରେ ହେରଫେର ସନ୍ଦେହ କଲା କଂଗ୍ରେସ
- ୧୦୧ କୋଟି ଦିଅ, ତା'ପରେ ହିସାବ ମାଗିବ: ଭାଜପା

କେବଳ ଭାରତ ନୁହେଁ, ବିଶ୍ୱର କୋଣ ଅନୁକୋଣରେ ଥିବା କୋଟି କୋଟି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ ହେଉଛି ରାମମନ୍ଦିର। ଉତ୍ତର ପ୍ରଦେଶର ଅଯୋଧ୍ୟା ନଗରୀରେ ନିର୍ମାଣାଧୀନ ଏହି ଭବ୍ୟ ମନ୍ଦିର ପାଇଁ ମିଳିଥିବା ଦାନ ଅର୍ଥ ହେରଫେର ହେଉଛି କି? ଏହି ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ, ଭାଜପାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ସଂଗୃହୀତ ଚାନ୍ଦାର ପରିମାଣ କେତେ ତାହା କାହାକୁ ଜଣାନାହିଁ। ଏଥିଲାଗି ମନ୍ଦିର ନାମରେ କେତେ ଟଙ୍କା ଚାନ୍ଦା ଆକାରରେ ଅସୁଲ କରାଯାଇଛି ତାହା ଜାଣିବାକୁ ଚାହିଁଛନ୍ତି ଛତିଶଗଡ଼ର କଂଗ୍ରେସ ସରକାର। ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓ ଲୋକଙ୍କଠାରୁ ଅସୁଲ କରାଯାଇଥିବା ଚାନ୍ଦାର ସ୍ୱଚ୍ଛତାକୁ ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି।

୧୯୯୨ ମସିହାରେ ଭାଜପା ଶିଳାପୂଜନ ନାମରେ କୋଟି କୋଟି ଟଙ୍କା ଆଦାୟ କରିଥିଲା। ସେହି ଟଙ୍କା କେମିତି ଓ କେଉଁ ବାଟରେ ଖର୍ଚ୍ଚ କରାଯାଇଛି ଭାଜପା ପ୍ରଥମେ ତା'ର ହିସାବ ଦେଉ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବାଘେଲ କହିଛନ୍ତି। ସେହିପରି ଏବେ ୭ ଲକ୍ଷ ଗାଁରୁ ଅସୁଲ କରାଯାଇଥିବା ଚାନ୍ଦାର ହିସାବ ମାଗିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ସିଂହଦେଓ। ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାର ୨୮ ବର୍ଷ ପୂର୍ତ୍ତି ଅବସରରେ ଦୁଇ ବରିଷ୍ଠ କଂଗ୍ରେସ ନେତାଙ୍କ ପ୍ରଶ୍ନ ଭାଜପା ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବା ସହ ଜାତୀୟ ରାଜନୀତିରେ ଝଡ଼ ଉଠାଇଛି। ସେପଟେ ଭାଜପା ଏନେଇ କଂଗ୍ରେସକୁ ଓଲଟା ବଦନାମ କରିବାକୁ ଉଦ୍ୟମ କରିଛି। ଗୈରିକ ଦଳ କହିଛି, କଂଗ୍ରେସ ଏକ ନକଲି ହିନ୍ଦୁ ପାର୍ଟି, ଯାହାର ରାମମନ୍ଦିର ପାଣ୍ଠି ସମ୍ପର୍କରେ ପ୍ରଶ୍ନ ପଚାରିବା ଅଧିକାର ନାହିଁ। କାରଣ ଶ୍ରୀରାମଙ୍କ ମନ୍ଦିର ନିର୍ମାଣରେ କଂଗ୍ରେସର କିଛି ଅବଦାନ ନାହିଁ।

୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟଙ୍କ ରାୟ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରିଥିଲା। ୨୦୨୦ ଅଗଷ୍ଟ ☞ପୃଷ୍ଠା–୪



ଭୂପେଶ ବାଘେଲ

ଧରିତ୍ରୀ
DHARITRI
ମଙ୍ଗଳବାର, ୮ ଡିସେମ୍ବର, ୨୦୨୦



ଟେଲିଭିଜନ ଅଭିନେତ୍ରୀ ଦିବ୍ୟା ଭଟ୍ଟନାଗର(୩୪)ଙ୍କ ସୋମବାର କରୋନାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ନଭେମ୍ବର ୨୬ରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ମୁମ୍ବାଇର ସେଭେନହିଲ୍ସ ହସ୍ପିଟାଲରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଉଚ୍ଚ ରକ୍ତଚାପ ସହ ନିମୋନିଆରେ ସେ ପୀଡ଼ିତ ଥିଲେ।



## ସଂକ୍ଷେପରେ

### ବୈଜ୍ଞାନିକଙ୍କ ହତ୍ୟାରେ ବ୍ୟବହାର ହୋଇଛି ସାଟେଲାଇଟ୍

**ତେହେରାନ, ୭।୧୨:** ଗତ ନଭେମ୍ବର ୨୭ରେ ଇରାନର ଖ୍ୟାତନାମା ପରମାଣୁ ବୈଜ୍ଞାନିକ ମୋସେନ ଫକୀରଜାଦେହଙ୍କ ହତ୍ୟାରେ ସାଟେଲାଇଟର ବ୍ୟବହାର କରାଯାଇଛି। କୃତ୍ରିମ ଉପଗ୍ରହ ଦ୍ୱାରା ନିୟନ୍ତ୍ରିତ ବନ୍ଧୁକରୁ ତାଙ୍କୁ ଗୁଳି କରାଯାଇଥିବା ରିଭୋଲ୍ୟୁସନାରି ଗାର୍ଡସ୍‌ର ଡେପୁଟି କମାଣ୍ଡର ରବିବାର ଗଣମାଧ୍ୟମକୁ ଜଣାଇଛନ୍ତି। ଇରାନର ରାଜଧାନୀ ତେହେରାନଠାରେ ମୋସେନ ୧୧ ସିକ୍ୟୁରିଟି ଗାର୍ଡଙ୍କ ସହ ଯାଉଥିବାବେଳେ ମେଶିନ୍ ଗନ୍ ଯୋଗେ ତାଙ୍କୁ ଲକ୍ଷ୍ୟ କରି ଗୁଳିଚାଳନା ହୋଇଥିଲା। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଅତ୍ୟାଧୁନିକ କ୍ୟାମେରା ବ୍ୟବହାର କରାଯାଇ ଅନଲାଇନ ଯୋଗେ ଅତି ନିୟନ୍ତ୍ରିତ ଭାବେ ଏପରି ଏହି ହତ୍ୟାକାଣ୍ଡ ହୋଇଥିଲା ଯେ ମାତ୍ର ୧୦ ଇଞ୍ଚ ଦୂରତାରେ ବସିଥିବା ତାଙ୍କ ସ୍ତ୍ରୀଙ୍କ ଦେହରେ ଗୁଳି ବାଜି ନ ଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

### ୪ ଲକ୍ଷ ତଳକୁ ଖସିଲା ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୭।୧୨:** ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ତଳକୁ ଖସିଛି। ସୋମବାର ସୁଦ୍ଧା ଏହି ସଂଖ୍ୟା ୩ ଲକ୍ଷ ୯୬ ହଜାର ୭୨୯ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ୧୪୦ ଦିନରେ ଏହା ସର୍ବନିମ୍ନ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ମୋଟ ସଂକ୍ରମଣର ଏହା ମାତ୍ର ୪.୧ ପ୍ରତିଶତ। ଜୁଲାଇ ୨୦ରେ ଦେଶରେ ୩ ଲକ୍ଷ ୯୦ ହଜାର ୪୫୯ ସକ୍ରିୟ ମାମଲା ରହିଥିଲା। ଗତ ୧୦ ଦିନ ମଧ୍ୟରେ ଲଗାତର ଭାବେ ଆରୋଗ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗୋଟିଏ ଦିନରେ ୩୨ ହଜାର ୯୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩୯ ହଜାର ୧୦୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ପଦ୍ମଶ୍ରୀ ଫେରାଇଲେ ପଞ୍ଜାବୀ କବି ସୁରଜିତ



**ନୂଆଦିଲ୍ଲୀ, ୭।୧୨:** କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଖ୍ୟାତନାମା ପଞ୍ଜାବୀ କବି ଡ. ସୁରଜିତ ପାଟର ପଦ୍ମଶ୍ରୀ ପୁରସ୍କାର ଫେରାଇଦେବାକୁ ସୋମବାର ଘୋଷଣା କରିଛନ୍ତି। ସେ ୨୦୧୨ରେ ପଦ୍ମଶ୍ରୀ ପାଇଥିଲେ। ଆନ୍ଦୋଳନରତ କୃଷକମାନଙ୍କ ଦାବି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ବେଦନହୀନ ବ୍ୟବହାର ଲାଗି ସେ ବ୍ୟଥିତ ବୋଲି ସୁର୍‌ଜିତ କହିଛନ୍ତି।

### ରିପବ୍ଲିକ୍ ଟିଭି ପିଟିଶନ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ, ୭।୧୨:** ମହାରାଷ୍ଟ୍ରରେ ରିପବ୍ଲିକ୍ ଟିଭି ଓ ଏହାର କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ହେଉଥିବାରୁ ସୁରକ୍ଷା ଦେବା ଲାଗି ଏହାର ମାଲିକାନା ସଂସ୍ଥା ଏଆରଜି ଆଉଟଲିୟର ମିଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆବେଦନ କରାଯାଇଥିଲା। ଉକ୍ତ ପିଟିଶନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠକୁ ଉକ୍ତ ପିଟିଶନ ଶୁଣାଣି ପାଇଁ ଯାଇଥିଲା। ଆବେଦନକାରୀ ସମ୍ପୂର୍ଣ୍ଣ ଅଭିଳାଷୀ ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି। କର୍ମଚାରୀମାନଙ୍କୁ ମହାରାଷ୍ଟ୍ର ପୋଲିସ ଗିରଫ କରିବ ନାହିଁ ଓ ମାମଲାକୁ ସିବିଆଇକୁ ଦେବା ଲାଗି ପିଟିଶନରେ ଅନୁରୋଧ କରାଯାଇଥିଲା।

### ବିବାହ କଲେ ଦୁଇ ଭଉଣୀ: ସ୍ୱୀକୃତି ପାଇଁ ଲଢ଼ିବେ

**ନୂଆଦିଲ୍ଲୀ, ୭।୧୨:** ଗତ ନଭେମ୍ବର ୮ରେ ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଛନ୍ତି ଦୁଇ ସମ୍ପର୍କୀୟ ଭଉଣୀ। ଝାଡଖଣ୍ଡର କୋଡରମା ଜିଲାର ୨୪ ଓ ୨୦ ବର୍ଷର ଏହି ଦୁଇ ଯୁବତୀ ବାହାଘରକୁ ବୈଧ ମାନ୍ୟତା ଦେବାକୁ ଆଇନଗତ ଲଢ଼େଇ କରିବେ ବୋଲି କହିଛନ୍ତି। ୨୪ ବର୍ଷୀୟା ଯୁବତୀ ଜଣକ ମାତାପିତାଙ୍କ ସହ ରହୁଥିବାବେଳେ ମା'ବାପା ଛେଉଣ୍ଡ ତାଙ୍କ ଭଉଣୀ ପିଲାଦିନରୁ ମାଉସୀଙ୍କ ଘରେ ରହୁଥିଲେ।

# ଜାନୁୟାରୀ ସୁଦ୍ଧା ୨ ଟିକା

**ନୂଆଦିଲ୍ଲୀ, ୭।୧୨**




ଜାନୁୟାରୀ ସୁଦ୍ଧା ଭାରତରେ ୨ଟି ଟିକା ଏବଂ ଏପ୍ରିଲ୍ ଶେଷ ବେଳକୁ ୪ଟି ଟିକା ଉପଲବ୍ଧ ହେବା ନେଇ ସରକାର ଆଶାବାଦୀ ଅଛନ୍ତି। ଅକ୍ସଫୋର୍ଡ ଏବଂ ଅଷ୍ଟ୍ରାଜେନିକା ପ୍ରସ୍ତୁତ କରୁଥିବା କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ ଜାନୁୟାରୀରେ ମିଳିପାରେ। ଜୁଲାଇ ବେଳକୁ ଦେଶର ୩୦ କୋଟି ଲୋକଙ୍କ ପାଇଁ ଟିକା ଉପଲବ୍ଧ ହୋଇପାରିବ ବୋଲି କୁହାଯାଇଛି। ଇତିମଧ୍ୟରେ କୋଭିଶିଲ୍ଡ ଏହାର ଜରୁରୀ ବ୍ୟବହାର ପାଇଁ ଆବେଦନ କରିଥିବାବେଳେ ପରୀକ୍ଷା ସଫଳ ହେବା ପରେ ଜାନୁୟାରୀ ଶେଷ କିମ୍ବା ଫେବୃୟାରୀ ଆରମ୍ଭରେ କୋଭାକ୍ସିନ ଏଥିପାଇଁ ଆବେଦନ କରିବ। ଫାଇଜର କରିଥିବା ଆବେଦନ ଉପରେ ସରକାର ବିଚାର କରୁଛନ୍ତି। ଏହି ୩ ଟିକାକୁ ବାଦ୍ ଦେଲେ ରୁଷିଆର ସ୍ପୁଟ୍‌ନିକ ଭି ଏପ୍ରିଲରେ ଭାରତରେ ପହଞ୍ଚିପାରେ ବୋଲି ବିଶ୍ୱାସ କରାଯାଉଛି। ଜୁନ୍ ଜୁଲାଇ ସୁଦ୍ଧା ଦେଶର ଅତି ଜରୁରୀ ବର୍ଗଙ୍କୁ ଟିକା ଦେବା ପାଇଁ ଯଥେଷ୍ଟ ଡୋଜ୍ ଉପଲବ୍ଧ ହୋଇପାରିବ ବୋଲି ଜଣାପଡିଛି।

# ବୋମା ମିଳିବାରୁ ୧୩ ହଜାର ସ୍ଥାନାନ୍ତର

**ବର୍ଲିନ, ୭।୧୨**

ଦ୍ୱିତୀୟ ବିଶ୍ୱଯୁଦ୍ଧବେଳର ଏକ ଅଫୁଟା ବୋମା ଜର୍ମାନୀର ଫ୍ରାଙ୍କଫର୍ଟରୁ ଠାବ କରାଯାଇଛି। ଧନଜୀବନ ହାନି ଆଶଙ୍କାରେ ସେଠାକାର ପ୍ରାୟ ୧୩ ହଜାର ବାସିନ୍ଦାଙ୍କୁ ରବିବାର ଜରୁରିକାଳୀନ ଭିତ୍ତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏକ କନଷ୍ଟ୍ରକଶନ ସାଇଟ୍‌ରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବୋମାକୁ ଠାବ କରାଯାଇଥିଲା। ଏହି ବ୍ରିଟିଶ ବୋମାର ଓଜନ ୫ ଶହ କେଜି ହେବ ବୋଲି ଜଣାପଡିଛି। ବିଶେଷଜ୍ଞମାନେ ପହଞ୍ଚି ଏହାକୁ ନିଷ୍କ୍ରିୟ କରିଥିଲେ। ସୁରକ୍ଷା ସୃଷ୍ଟିରୁ ଇଣ୍ଟରନେଟ ସହ ଜାତୀୟ ରେଳ ସେବା ପରିଚାଳିତ ହେଉଥିବା ଭିତ୍ତିଭୂମିକୁ ମଧ୍ୟ ସ୍ଥାନାନ୍ତର କରିବାକୁ ପଡିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ କ୍ରମାଗତ ଭାବେ ଜର୍ମାନୀର ବିଭିନ୍ନ କନଷ୍ଟ୍ରକଶନ ସାଇଟରୁ ବୋମା ଠାବ କରାଯାଉଛି। କେବଳ ଚଳିତ ବର୍ଷ ଜର୍ମାନୀରୁ ୨ଟି ବୋମା ମିଳିଛି।



# ବିଦ୍ରୋହୀଙ୍କୁ ସାହାଯ୍ୟ କରୁଛି ଚାଇନା

ପୂର୍ବ ଲଦାଖ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ଅନ୍ୟ ଏକ ବିବାଦ ମୁଣ୍ଡ ଟେକିଛି। ମ୍ୟାନ୍‌ମାର ସୀମାରେ ବିଦ୍ରୋହୀଙ୍କୁ ଭାରତ ବିରୋଧରେ ଆକ୍ରମଣ ପାଇଁ ଚାଇନା କିଛି ମାସ ହେଲା ଉସୁକାଉଥିବା ଭାରତୀୟ ଅଧିକାରୀମାନେ ଅଭିଯୋଗ ଆଣିଛନ୍ତି।




- ମ୍ୟାନ୍‌ମାର ସୀମାରେ ଉତ୍ତେଜନା ସୃଷ୍ଟି ଉଦ୍ୟମ
- ତାଲିମ ଓ ଅସ୍ତ୍ର ପାଇଁ ୪ ମୋଷ୍ଟ ୱାଣ୍ଟେଡ୍ ଉଗ୍ରପନ୍ଥୀ କୁନ୍‌ମିଙ୍ଗ ଯାଇଥିଲେ

**୩ ନାଗା ବିଦ୍ରୋହୀ ସଂଗଠନ ଭାରତ-ମ୍ୟାନ୍‌ମାର ସୀମାରେ ସ୍ୱତନ୍ତ୍ର ରାଜ୍ୟ ପାଇଁ ସଂଘର୍ଷ ଚଳାଇଛନ୍ତି।**

**ବ୍ଲୁମ୍‌ବର୍ଗ, ୭।୧୨**

ମ୍ୟାନ୍‌ମାରରେ ଥିବା ସଶସ୍ତ୍ର ଗୋଷ୍ଠୀ ୟୁନାଇଟେଡ ୱା ଷ୍ଟେଟ୍ ଆର୍ମି ଏବଂ ଆତଙ୍କବାଦୀ ସଂଗଠନ ଆରାକନ ଆର୍ମି ଏବେ ବେଜିଂର ପ୍ରକ୍ସି ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଚାଇନା ତରଫରୁ ଅସ୍ତ୍ର ଓ ଅନ୍ୟାନ୍ୟ ସହାୟତା ଭାରତର ଉତ୍ତରପୂର୍ବ ରାଜ୍ୟରେ ଥିବା ଉଗ୍ରପନ୍ଥୀ ସଂଗଠନଗୁଡ଼ିକୁ ଯୋଗାଉଛନ୍ତି। ଭାରତର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଉତ୍ତରପୂର୍ବାଞ୍ଚଳର ୪ ଉଗ୍ରପନ୍ଥୀ ନେତା ପ୍ରଶିକ୍ଷଣ ଓ ଅସ୍ତ୍ରଶସ୍ତ୍ର ସଂଗ୍ରହ ପାଇଁ ଅକ୍ଟୋବର ମଧ୍ୟଭାଗରେ ଚାଇନାର କୁନ୍‌ମିଙ୍ଗ ସହରରେ ରହିଥିଲେ। ଏନେଇ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ସୁରକ୍ଷା ସଂସ୍ଥା ପକ୍ଷରୁ ସତର୍କ କରିଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ନାଗା ବିଦ୍ରୋହୀ ସଂଗଠନ ଭାରତ-ମ୍ୟାନ୍‌ମାର ସୀମାରେ ସ୍ୱତନ୍ତ୍ର ରାଜ୍ୟ ପାଇଁ ସଂଘର୍ଷ ଚଳାଇଛନ୍ତି।

ମ୍ୟାନ୍‌ମାର ସୀମାରେ ଉଗ୍ରପନ୍ଥୀ କାର୍ଯ୍ୟକଳାପ ବୃଦ୍ଧିକୁ ନେଇ ନୂଆଦିଲ୍ଲୀ ଉଦ୍‌ବେଗ ପ୍ରକାଶ କରିଛି। ଚାଇନା ଓ ପାକିସ୍ତାନ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ମ୍ୟାନ୍‌ମାର ସୀମାରେ ଉତ୍ତେଜନା ସୃଷ୍ଟି ଲାଗି ବେଜିଂ ଉଦ୍ୟମ କରୁଥିବା ଜଣାପଡ଼ିବା ପରେ ସେଠାକୁ ଅଧିକ ଯବାନଙ୍କୁ ପଠାଯାଇଛି। ଅକ୍ଟୋବର ୨୧ରେ ମ୍ୟାନ୍‌ମାର ସୀମାରେ ଜଣେ ଯବାନ ଶହୀଦ ହେବା ପରେ ଭାରତ ସେଠାକୁ ୧୦୦୦ ସୈନ୍ୟ ପଠାଇଥିଲା।

ଭାରତ ବିରୋଧରେ ସଶସ୍ତ୍ର ସଂଗଠନକୁ ସହାୟତା କରୁଥିବା ଅଭିଯୋଗକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟ ଦେଶର ବ୍ୟାପାରରେ ବେଜିଂ ମୁଣ୍ଡ ପୂରାଏ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ରାଷ୍ଟ୍ର ସହ ଚାଇନା ଅସ୍ତ୍ରଶସ୍ତ୍ର ବ୍ୟବସାୟ ଚଳାଇଛି, କିନ୍ତୁ କୌଣସି ଅଣରାଷ୍ଟ୍ର ସଂଗଠନକୁ ଅସ୍ତ୍ର ବିକ୍ରୁ ନାହିଁ ବୋଲି ବେଜିଂ ସ୍ପଷ୍ଟ କରିଛି। ସେହିପରି ୟୁନାଇଟେଡ ୱା ଷ୍ଟେଟ୍ ଆର୍ମି ଭାରତୀୟ ବିଦ୍ରୋହୀ ସଂଗଠନକୁ ଚାଇନା ତରଫରୁ ଅସ୍ତ୍ର ଯୋଗାଇବା ଅଭିଯୋଗକୁ ଖଣ୍ଡନ କରିଛି।

ଦୀର୍ଘଦିନ ଧରି ସରକାରଙ୍କ ସହ ନାଗା ଉଗ୍ରବାଦୀ ସଂଗଠନର ଶାନ୍ତି ଆଲୋଚନା ଚାଲିଥିବାବେଳେ ଗତ ସେପ୍ଟେମ୍ବରରେ ସେମାନେ ଏଥିରୁ ଓହରିଯାଇଥିଲେ। ସେପ୍ଟେମ୍ବର ୨୮ରେ ଭାରତ-ମ୍ୟାନମାର ସୀମାରୁ ସୁରକ୍ଷା ବଳ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ସେଗୁଡ଼ିକ ଭାରତୀୟ ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ଉଦ୍ଦେଶ୍ୟରେ ଆସିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଆରାକାନ ଆର୍ମି ଚାଇନାରୁ ପାଇଥିବା ଉକ୍ତ ଅସ୍ତ୍ରକୁ ଭାରତୀୟ ଉଗ୍ରପନ୍ଥୀଙ୍କୁ ଯୋଗାଉଥିବା ସେମାନେ ଜେରାବେଳେ ସ୍ୱୀକାର କରିଥିଲେ। ଭାରତ-ମ୍ୟାନ୍‌ମାର ସୀମାରେ ବିଦ୍ରୋହୀମାନଙ୍କୁ ଚାଇନା ଅସ୍ତ୍ର, ଲଜିଷ୍ଟିକ୍ ସମେତ ସେମାନଙ୍କ ଆଶ୍ରୟ ପାଇଁ ଗୁପ୍ତ ସ୍ଥାନ ଯୋଗାଇ ଦେଉଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନେଇ ନାଗାଲାଣ୍ଡର ନ୍ୟାଶନାଲ ସୋସିଅଲିଷ୍ଟ କାଉନ୍‌ସିଲ୍‌ର ବରିଷ୍ଠ ସଦସ୍ୟମାନଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଏହି ସଂଗଠନର ନେତାମାନେ କୁନ୍‌ମିଙ୍ଗରେ ରହୁଥିବା ବିଶ୍ୱାସ କରାଯାଉଛି।

ଉତ୍ତରପୂର୍ବାଞ୍ଚଳରେ ଅନେକ ସଶସ୍ତ୍ର ମିଲିସିଆ ଅଧିକ ସ୍ୱୟଂଶାସନ କ୍ଷମତା ପାଇବା ପାଇଁ ସଂଘର୍ଷ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ସଂଗଠନ ସମସ୍ୟା ସୃଷ୍ଟି କରୁଥିବାବେଳେ ଅନ୍ୟମାନଙ୍କ ସହ ଶାନ୍ତି ଆଲୋଚନା ଚାଲିଛି ବୋଲି ନଭେମ୍ବରରେ ଏକ ୱେବିନାରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଅଜୟ ଭାଲ୍ଲା କହିଥିଲେ।

### କୋଭିଶିଲ୍ଡକୁ ମଞ୍ଜୁରୀ ପାଇଁ ଏସ୍‌ଆଇଆଇର ଆବେଦନ

**ନୂଆଦିଲ୍ଲୀ, ୭।୧୨**

ବିଶ୍ୱରେ ସର୍ବାଧିକ ଟିକା ଉତ୍ପାଦନ କରୁଥିବା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) କୋଭିଡ୍ ଟିକାର ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ପାଇଁ ଭାରତ ସରକାରଙ୍କ ନିକଟରେ ଆବେଦନ କରିଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ବ୍ରିଟିଶ୍ କମ୍ପାନୀ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ କୋଭିଶିଲ୍ଡ ଟିକା ପୁଣେସ୍ଥିତ ଏସ୍‌ଆଇଆଇରେ ପ୍ରସ୍ତୁତ ହେବ। ଫାଇଜର ପରେ କୋଭିଡ୍ ଟିକାର ମଞ୍ଜୁରୀ ପାଇଁ ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ)ଙ୍କୁ ଆବେଦନ କରିବାରେ ସିଆଇଆଇ ଦ୍ୱିତୀୟ କମ୍ପାନୀ। ଏସ୍‌ଆଇଆଇ ଏବଂ ଅଷ୍ଟ୍ରାଜେନିକା ମିଳିତ ଭାବେ ଭାରତରେ ଉକ୍ତ ଟିକାର ପରୀକ୍ଷା କରାଇଥିଲେ। କୋଭିଶିଲ୍ଡ କୋଟି କୋଟି ଲୋକଙ୍କ ଜୀବନ ବଞ୍ଚାଇପାରିବ ବୋଲି ଏସ୍‌ଆଇଆଇର ସିଇଓ ଆଦର ପୁନାୱାଲା କହିଛନ୍ତି। ଭାରତ ସମେତ ବ୍ରିଟେନ ଏବଂ ବ୍ରାଜିଲରେ ହୋଇଥିବା ପରୀକ୍ଷାର ଫଳାଫଳ ଏସ୍‌ଆଇଆଇ ପକ୍ଷରୁ ଡିସିଜିଆଇକୁ ଜଣାଇଦିଆଯାଇଛି। ଅକ୍ସଫୋର୍ଡ ଟିକାର ଗୁରୁତର ପ୍ରତିକୂଳ ପ୍ରଭାବ ରହିଛି ବୋଲି ଚେନ୍ନାଇର ଜଣେ ସ୍ୱେଚ୍ଛାସେବୀ ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ଅଟକାଇବାର କାରଣ ନାହିଁ ବୋଲି ସରକାର ଗତ ସପ୍ତାହରେ କହିଥିଲେ।

# ଅଖିଳେଶ ଯାଦବ ଅଟକ

**ଲକ୍ଷ୍ନୌ, ୭।୧୨(ପି.ଟି.)**



ଲକ୍ଷ୍ନୌରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଧାରଣରେ ବସିଛନ୍ତି।

କେନ୍ଦ୍ରର ନୂତନ କୃଷି ଆଇନକୁ ବିରୋଧ କରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ସୋମବାର ଲକ୍ଷ୍ନୌରେ ସୁରକ୍ଷା କର୍ଡନ ଭାଙ୍ଗି ରାସ୍ତାରେ ଧାରଣାରେ ବସିଥିଲେ। ପୋଲିସ ସମାଜବାଦୀ ପାର୍ଟି ମୁଖ୍ୟାଳୟ ଚାରିପଟେ ଭର୍ଚୁଆଲ ଅବରୋଧ କରିଥିବାବେଳେ ଅଖିଳେଶ ତାହାକୁ ନ ମାନି ଧାରଣାରେ ବସିବାରୁ ତାଙ୍କୁ ଅଟକ ରଖାଯାଇଛି। ତାଙ୍କ ସମେତ ଅନ୍ୟ ଏସ୍‌ପି ନେତାମାନଙ୍କୁ ପୋଲିସ ଭ୍ୟାନରେ ହାଜତ ନିଆଯାଇଥିଲା। ଯଦି କୃଷକଙ୍କ ସହାୟତା ପାଇଁ ନୂଆ ଆଇନ ଅଣାଯାଇଛି, ତେବେ ସେମାନେ ବିରୋଧ କରୁଛନ୍ତି। ଯଦି କୃଷକ ନୂଆ ଆଇନ ଚାହୁଁନାହାନ୍ତି, ତେବେ ସରକାର ତାକୁ ପ୍ରତ୍ୟାହାର କରିନେବା ଉଚିତ ବୋଲି ଅଖିଳେଶ ଧାରଣା ସ୍ଥଳରେ ଖବରଦାତାମାନଙ୍କୁ କହିଥିଲେ। ଏସ୍‌ପି ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ କିଷାନ ଯାତ୍ରା ଆହ୍ୱାନ ଦିଆଯାଇଥିବାବେଳେ ଅଖିଳେଶ କୃଷକ ଆନ୍ଦୋଳନର ନେତୃତ୍ୱ ନେବା ପାଇଁ କନୌଜ ଯାଉଥିଲେ। ପୋଲିସ ତାଙ୍କୁ ଯିବାକୁ ଦେଇ ନ ଥିଲା।

# ଦିଲ୍ଲୀରେ ୫ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ, ୭।୧୨**

**ପଦାକୁ ଆସିଲା ଖଲିସ୍ତାନୀ-କଶ୍ମୀର ଆତଙ୍କବାଦୀ ଲିଙ୍କ୍**

ପୂର୍ବ ଦିଲ୍ଲୀର ଶାକରପୁର ଅଞ୍ଚଳରୁ ୫ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ପଞ୍ଜାବର ସୌର୍ଯ୍ୟ ଚକ୍ର ବିଜେତା ବଲୱିନ୍ଦର ସିଂ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଥିଲେ। ଅନ୍ୟ ୩ ଜଣ କଶ୍ମୀର ବାସିନ୍ଦା ଓ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନ ସହ ଜଡ଼ିତ ବୋଲି ପୋଲିସ କହିଛି। ଏନ୍‌କାଉଣ୍ଟର ପରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ସେମାନଙ୍କୁ ଗିରଫ କରିଥିଲା। ଆଇଏସ୍‌ଆଇ ପକ୍ଷରୁ ଆତଙ୍କବାଦୀଙ୍କୁ ଖଲିସ୍ତାନ ସହ ଯୋଡ଼ିବାକୁ ଉଦ୍ୟମ ହେଉଥିବା ଜଣାପଡ଼ିଛି। ସ୍ପେଶାଲ ସେଲ୍ ଡିସିପିଙ୍କ କହିବା ଅନୁଯାୟୀ ଗିରଫ ହୋଇଥିବା ପଞ୍ଜାବ ଗ୍ୟାଙ୍ଗଷ୍ଟର ଟାର୍ଗେଟ କିଲିଂରେ ଜଡ଼ିତ ଥିବାବେଳେ କଶ୍ମୀର ସନ୍ଦିଗ୍ଧ ନିଶା ଚୋରା କାରବାର ଓ ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣରେ ସମ୍ପୃକ୍ତ ଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ କଶ୍ମୀରର ଆତଙ୍କବାଦ ସହ ଖଲସ୍ତାନ ଆନ୍ଦୋଳନକୁ ଯୋଡ଼ିବାକୁ ଉଦ୍ୟମ କରୁଥିବା ଜଣାପଡୁଛି ବୋଲି ଡିସିପି କହିଛନ୍ତି।

ପଞ୍ଜାବର ଦୁଇଜଣ ଅପରାଧୀ ୩ କଶ୍ମୀର ସନ୍ଦିଗ୍ଧଙ୍କଠାରୁ ଟଙ୍କା ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ଗୋଇନ୍ଦା ସୂଚନା ପାଇବା ପରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଲକ୍ଷ୍ମୀନଗର ଅଞ୍ଚଳରେ କିଛି ସମୟର ଗୁଳି ବିନିମୟ ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୩ ପିସ୍ତଲ, ୨ କିଲୋଗ୍ରାମ ହେରୋଇନ୍, ନଗଦ ୧ ଲକ୍ଷ ଟଙ୍କା ଓ ଦୁଇଟି କାର୍ ଜବତ ହୋଇଛି।

### ଭାଜପାରେ ମିଶିଲେ ବିଜୟାଶାନ୍ତି



**କୋଲକତା, ୭।୧୨**

ତେଲଗୁ ଅଭିନେତ୍ରୀ ବିଜୟାଶାନ୍ତି କଂଗ୍ରେସ ଛାଡି ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ସେ ତାଙ୍କ ପୂର୍ବ ଦଳକୁ ଫେରିଛନ୍ତି। ବିଜୟାଶାନ୍ତି ୧୯୯୮ରେ ଭାଜପାର ଜଣେ ସକ୍ରିୟ ସଦସ୍ୟ ରହିଥିଲେ। ୨୦୦୯ରେ ଟିଆର୍‌ଏସ୍ ଟିକେଟରେ ମେଡକ ଲୋକସଭା ଆସନରେ ବିଜୟୀ ହୋଇଥିଲେ। ୨୦୧୪ରେ ସେ ଟିଆର୍‌ଏସ୍ ଛାଡି କଂଗ୍ରେସରେ ମିଶିଥିଲେ।

# ସେଣ୍ଟ୍ରାଲ ଭିଷ୍ଟାକୁ ନେଇ କେନ୍ଦ୍ରକୁ ଭର୍ତ୍ସନା

**ନୂଆଦିଲ୍ଲୀ, ୭।୧୨**

**ଶିଳାନ୍ୟାସକୁ ସର୍ତ୍ତମୂଳକ ଅନୁମତି ଦେଲେ ସୁପ୍ରିମକୋର୍ଟ**

ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କ ବ୍ୟଗ୍ରତାକୁ ନେଇ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ପ୍ରକଳ୍ପ ପାଇଁ ବର୍ତ୍ତମାନ କୌଣସି ନିର୍ମାଣ କିମ୍ବା ଭଙ୍ଗାରୁଜା କରାଯାଇପାରିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ଏହା ଉପରେ ନିଷ୍ପତ୍ତି ନ ହେଉଣୁ ସରକାର ତରବରିଆ ଭାବେ ନିର୍ମାଣ ଯୋଜନା କରୁଥିବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ଅଦାଲତଙ୍କ ସର୍ତ୍ତରେ ସରକାର ରାଜି ହେବା ପରେ ଶିଳାନ୍ୟାସ ପାଇଁ ଅନୁମତି ମିଳିଛି। ଉକ୍ତ ସ୍ଥାନରେ ସରକାର ଶିଳାନ୍ୟାସ କରିପାରିବେ, କାଗଜପତ୍ର କାମ କରିପାରିବେ, କିନ୍ତୁ ନିର୍ମାଣ କିମ୍ବା ଭଙ୍ଗାରୁଜା କରିପାରିବେ ନାହିଁ କି କୌଣସି ଗଛ କାଟିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟରେ ପାଖାପାଖି ୧୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂଆ ପାର୍ଲାମେଣ୍ଟ ଭବନ ପାଇଁ ପ୍ରଧାନମନ୍ତ୍ରୀ ଗୁରୁବାର ଶିଳାନ୍ୟାସ କରିବେ।



# ପୋଲିସ ଗୁଳିରେ ଭାଜପା କର୍ମୀଙ୍କ ମୃତ୍ୟୁ

**ସିଲିଗୁଡ଼ି, ୭।୧୨**



ଭାଜପା କର୍ମୀ ବ୍ୟାରିକେଡ୍‌ରେ ଲଗାଇ ଦେଇଥିବା ନିଆଁକୁ ସୁରକ୍ଷାକର୍ମୀ ଲିଭାଉଛନ୍ତି।

ପଶ୍ଚିମବଙ୍ଗର ସୋମବାର ଅପରାହ୍ନରେ ପୋଲିସ ସହ ସଂଘର୍ଷରେ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସିଲିଗୁଡ଼ିରେ ଉତ୍ତେଜନା ଦେଖାଦେଇଛି। ସିଲିଗୁଡ଼ିସ୍ଥିତ ଶାଖା ସଚିବାଳୟ କମ୍ପ୍ଲେକ୍ସ ବାହାରେ ତୃଣମୂଳ କଂଗ୍ରେସ ସରକାରଙ୍କ କୁଶାସନ ବିରୋଧରେ ଭାଜପା କର୍ମୀମାନେ ଆନ୍ଦୋଳନ ଚଳାଇଥିବାବେଳେ

**ପଶ୍ଚିମବଙ୍ଗରେ ରାଜନୈତିକ ହିଂସା**

ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଗୁଳିରେ ୫୦ ବର୍ଷୀୟ କର୍ମୀ ଉଲେନ ରାୟଙ୍କର ମୃତ୍ୟୁ ହୋଇଥିବା ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ କହିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଉତ୍ତର ବଙ୍ଗଳାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ତେବେ ପୋଲିସ ଗୁଳି ଚଳାଇ ନ ଥିଲା ବୋଲି କହିଛି।

ବିକ୍ଷୋଭ ସ୍ଥଳ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିଲା। ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡକୁ ବିକ୍ଷୋଭକାରୀମାନେ ଟାୟାର ଜାଳି ପୋଡ଼ିଦେଇଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପ୍ରଥମେ ପାଣି ମାଡ଼ ଓ ପରେ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀମାନେ ପୋଡ଼ାଜଳା ଓ ପଥର ମାଡ଼ କରିବା ସହ ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ବରିଷ୍ଠ ଭାଜପା ନେତାମାନେ କୋଲକାତାରେ ରାଜ୍ୟପାଳ ଜଗଦୀପ୍ ଧନଖରଙ୍କୁ ଭେଟି ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୭୫,୪୫,୪୩୧ | ୧୫,୪୪,୨୯୦ | ୪,୬୭,୨୨,୯୪୨ |
| ଭାରତ | ୯୬,୯୦,୭୯୮ | ୧,୪୦,୮୦୦ | ୯୧,୫୯,୦୫୬ |
| ଓଡ଼ିଶା | ୩,୨୧,୫୬୪ | ୧୭୭୮(+୫୩) | ୩,୧୬,୪୪୭ |

ସୋମବାର ରାତି ୯ ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ଶିକାରୀଙ୍କ ଗ୍ରୀନ୍ କରିଡର ଢେଙ୍କାନାଳ

- ବଢୁଛି ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ
- କଟକ, ଖୋର୍ଦ୍ଧା ଜିଲାକୁ ଲମ୍ୱିଛି ଚେର
- ବାଘଛାଲ, ନଖ, ହାତୀଦାନ୍ତ ଜବତ
- ଧରାପଡ଼ିଲେ ଶିକ୍ଷକଙ୍କ ସମେତ ୩

**ଢେଙ୍କାନାଳ ଅଫିସ, ୭।୧୨**

ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ରାଜୁତି କରୁଛନ୍ତି ପେସାଦାର ଶିକାରୀ। ରାତି ଅଧରେ ଗର୍ଜୁଛି ଦେଶୀ ବନ୍ଧୁକ। ଟଳି ପଡୁଛନ୍ତି ବାଘ, ବାର୍‌ହା, ହରିଣ, ଶମ୍ବର, ଭାଲୁ ଭଳି ବନ୍ୟଜୀବ। ବିଦ୍ୟୁତ୍ ଫାଶ ବସାଇ ମରାଯାଉଛି ହାତୀ। ଚଢ଼ାଦରରେ ବିକ୍ରି କରାଯାଉଛି ଜନ୍ତୁ ମାଂସ। ଦାନ୍ତ, ଶିଙ୍ଗ, ଚମଡ଼ା, ନଖ ଚାଲାଣ କରାଯାଉଛି। ଅଭୟାରଣ୍ୟରୁ ସହରରେ ପହଞ୍ଚିବା ପରେ ଏସବୁ ଅଙ୍ଗପ୍ରତ୍ୟଙ୍ଗ ମୂଲ୍ୟ ବହୁଗୁଣା ବଢ଼ିଯାଉଛି। ଏଥିରେ ବିଧିବଦ୍ଧ ଭାବେ କାମ କରୁଛି ଏକ ର୍‍ୟାକେଟ୍। ଶିକାରୀଙ୍କ ଗ୍ରୀନ୍ କରିଡର ପାଲଟିଥିବା ଢେଙ୍କାନାଳରୁ ଏପରି ବେଆଇନ କାରବାରର ଚେର ଖୋର୍ଦ୍ଧା, କଟକ ସମେତ ବାହାର ରାଜ୍ୟରେ ପହଞ୍ଚିଲାଣି। ଗତ ଶନିବାର ରାତିରେ କପିଳାସ ଅଭୟାରଣ୍ୟରେ ଶିକାରୀ–ବନ କର୍ମଚାରୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଚଢ଼ାଉ ବେଳେ ୫ ଅଭିଯୁକ୍ତ ଧରାପଡ଼ିଥିବାବେଳେ ୪ ଦେଶୀ ବନ୍ଧୁକ, ୨ ହରିଣ ଶିଙ୍ଗ, ୯ ବଜ୍ରକାପ୍ତା କାତି, ୧୦୦ ଫାଶ ଜବତ କରାଯାଇଥିଲା। ଏହି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ରବିବାର ବନ୍ୟଜନ୍ତୁ ଅଙ୍ଗ ଚାଲାଣରେ ସମ୍ପୃକ୍ତ ଜଣେ ଶିକ୍ଷକଙ୍କ ସମେତ ୩ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ କଙ୍କଡ଼ାହାଡ଼ ଥାନା ବାଲିକୁମା ପଞ୍ଚାୟତ କଳସପୁର ଗ୍ରାମର ଅନନ୍ତ ମୁର୍ମୁ (୬୦), ଲକ୍ଷ୍ମଣ ମୁର୍ମୁ(୫୫) ଏବଂ ଗଁଦିଆ ଥାନା ଶୋରିଷିଆପଦା ପଞ୍ଚାୟତର ଜାମୁନାଳି ଗ୍ରାମର ନରେନ୍ଦ୍ର କୁମାର ଦିଘି (୪୦)। ନରେନ୍ଦ୍ର କଟକ ଜିଲା ଟାଙ୍ଗୀ ବ୍ଲକ ଶାଳଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରୁଛନ୍ତି। ଚଢ଼ାଉ ପରେ ଅଭିଯୁକ୍ତଙ୍କ ନିକଟରୁ ୨ କଲରାପତରିଆ ବାଘ ଛାଲ, ଗୋଟିଏ ହରିଣ ଛାଲ, ଗୋଟିଏ ବାଘ ଖପୁରି, ୮ ଦାନ୍ତ, ୨ ହାତୀଦାନ୍ତ, ୨ ହରିଣ ଶିଙ୍ଗ, ଗୋଟିଏ ବାର୍‌ହା ମୁଣ୍ଡ, ୨ କଇଁଛ ଖୋଳପା, ୫ ତୀର, ଗୋଟିଏ ଧନୁ, ୯ ଭାଲୁନଖ, ୨ ଫାର୍ସା, ୩ ଛୁରି ଜବତ କରାଯାଇଛି।


ଗିରଫ ଅଭିଯୁକ୍ତଙ୍କ ସହ ବନ କର୍ମଚାରୀ।

ରବିବାର ସନ୍ଧ୍ୟାରେ କପିଳାସ ଅଭୟାରଣ୍ୟର କମ୍ପାର୍ଟମେଣ୍ଟ–୧୦ ନିକଟ ଦେଇ ଯାଇଥିବା ଦେଓଗାଁ–ଟାଙ୍ଗୀ ରାସ୍ତାରେ ବାଘଛାଲ, ହରିଣଛାଲ, ହାତୀଦାନ୍ତ ଜିଲା ବାହାରକୁ ଚୋରାଚାଲାଣ କରାଯାଉଥିବା ବନ ବିଭାଗକୁ ସୂଚନା ମିଳିଥିଲା। ଶିକ୍ଷକ ନରେନ୍ଦ୍ର ବାଇକ୍‌ରେ ଯାଉଥିବା ବେଳେ ସନ୍ଦେହରେ ରେଞ୍ଜ କର୍ମଚାରୀ ଅଟକାଇଥିଲେ। ଏହିସମୟରେ ନରେନ୍ଦ୍ରଙ୍କ ବ୍ୟାଗ୍‌ରୁ ୨ଟି ବାଘଛାଲ ଏବଂ ଗୋଟିଏ ହରିଣ ଛାଲ ବାହାରିଥିଲା। ଅଭିଯୁକ୍ତଙ୍କ ସୂଚନା ଆଧାରରେ ବିଳମ୍ବିତ ରାତିରେ କଙ୍କଡ଼ାହାଡ ଥାନା କଳସପୁର ଗ୍ରାମରେ ଚଢ଼ାଉ କରି ଅନନ୍ତ ଏବଂ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ବନ୍ୟଜନ୍ତୁ ଅଙ୍ଗ, ଦାନ୍ତ, ନଖ, ମାରଣାସ୍ତ୍ର ଜବତ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ, କପିଳାସ ରେଞ୍ଜ୍ ଅଧିକାରୀ ଗୌତମ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ।

**ଅକ୍ଟୋବର ୧୧ରେ ହୋଇଥିଲା ବାଘ ଶିକାର**

କଙ୍କଡ଼ାହାଡ଼ ଥାନା ଏକୁଲସେକୁଲ ନିକଟସ୍ଥ ଜଙ୍ଗଲରେ ଗତ ଅକ୍ଟୋବର ୧୧ରେ ୨ କଲରାପତରିଆ ବାଘ ଶିକାର କରାଯାଇଥିଲା। ଅଭିଯୁକ୍ତଙ୍କ ନିକଟରୁ ଜବତ ଛାଲ ଉକ୍ତ ବାଘଙ୍କର। ଛାଲରେ ଗୁଳି ଚିହ୍ନ ରହିଛି। ଏଗୁଡ଼ିକ ମଧ୍ୟରୁ ଗୋଟିଏର ଲମ୍ୱ ୧୦୪ ସେମି ଏବଂ ଓସାର ୩୮ ସେମି। ସେହିପରି ଅନ୍ୟଟିର ଲମ୍ୱ ୭୪ ସେମି ଏବଂ ଓସାର ୨୪ ସେମି। ଗୋଟିଏ ବାଘ ଛାଲ ୩ରୁ ୫ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ପଚରାଉଚୁରା ବେଳେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ଅଧିକ ଖୋଳତାଡ଼ ଜାରି ରହିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ଶଶୁରଙ୍କ ଗଳାକାଟି ହତ୍ୟା କଲେ ଜ୍ୱାଇଁ

**ବାରିପଦା ଅଫିସ, ୭।୧୨**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନାତିର ପ୍ରଥମାଷ୍ଟମୀ ପାଇଁ ଆସିଥିବା ଶଶୁରଙ୍କ ଗଳାକୁ ଏକ ଦାଆରେ କାଟି ଜ୍ୱାଇଁ ହତ୍ୟା କରିଛନ୍ତି। ଏଥିରେ ତାଙ୍କ ଭାଇ ସହଯୋଗ କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବେତନଟୀ ଥାନା କ୍ଷୀରିପଦା ଗ୍ରାମର ରମେଶ ସିଂ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜ୍ୱାଇଁ ରାଜୁ ସିଂ ଓ ତାଙ୍କ ଭାଇ ଲବ ସିଂ ଫେରାର ହୋଇ ଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରାଜୁଙ୍କର ଦୁଇଟି ସନ୍ତାନ ଅଛନ୍ତି। ପାରିବାରିକ ବିବାଦରୁ ବଡ଼ ପୁଅ ତାଙ୍କ ପାଖରେ ରହୁଥିବା ବେଳେ କନ୍ୟା ସନ୍ତାନଙ୍କୁ ନେଇ ତାଙ୍କ ସ୍ତ୍ରୀ ବର୍ଷେ ହେଲା ବାପ ଘରେ ରହୁଛନ୍ତି। ତେବେ ରମେଶଙ୍କ ପାଖରେ ରହୁଥିବା ପୁଅକୁ ପଢୁଆଁ କରିବା ପାଇଁ ଅଜା ରମେଶ ପ୍ରଥମାଷ୍ଟମୀ ସାମଗ୍ରୀ ନେଇ ଜ୍ୱାଇଁଙ୍କ ଘରକୁ ଆସିଥିଲେ। ଏନେଇ ଶଶୁର ଓ ଜ୍ୱାଇଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜୁ ତାଙ୍କ ଶଶୁର ରମେଶଙ୍କ ହାତଗୋଡ଼କୁ ବାନ୍ଧି ଏକ ଦାଆରେ ଗଳାକୁ କାଟି ହତ୍ୟା କରିଥିଲେ।

# ଜବାବୀ ସତ୍ୟପାଠ ଦାଖଲ କଲା ଘରୋଇ ସ୍କୁଲ ସଂଘ

**ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗ**

- ସରକାରଙ୍କ ନିୟନ୍ତ୍ରଣ ପାଇଁ ରିଜୋଲ୍ୟୁଶନରେ ଉଲ୍ଲେଖ ରହିଛି
- ପୂର୍ବଭଳି ହାତ ଟେକିଦେଲେ ସରକାର, ୧୦ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୭।୧୨**

ଫି' ଛାଡ ପ୍ରସଙ୍ଗରେ ସୋମବାର ହାଇକୋର୍ଟରେ ଘରୋଇ ସ୍କୁଲ ସଂଘ ତରଫରୁ ଜବାବୀ ସତ୍ୟପାଠ ଦାଖଲ କରାଯାଇଛି। ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି ଯେ, ୧୯୯୬ ସେପ୍ଟେମ୍ବର ୨୩ରେ ସରକାର ଓ ଘରୋଇ ସ୍କୁଲ ସଂଘକୁ ନେଇ ଏକ ରିଜୋଲ୍ୟୁଶନ ଅଣାଯାଇଥିଲା। ରିଜୋଲ୍ୟୁଶନର ସେକ୍ସନ ୪(ଆଇ)ରେ ସ୍ପଷ୍ଟ ଭାବେ ଘରୋଇ ସ୍କୁଲ ଉପରେ ସରକାରଙ୍କ ନିୟନ୍ତ୍ରଣ ଥିବା ବିଷୟ ଉଲ୍ଲେଖ ରହିଛି। ଘରୋଇ ସ୍କୁଲ୍‌ମାନେ ଫି' ବଢାଇବା କିମ୍ବା କମାଇବା ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାରଙ୍କ ପରାମର୍ଶ ନେବା ଜରୁରୀ ଥିବା ବିଷୟ ଲେଖାଯାଇଛି। ସେହିପରି ସେକ୍ସନ ୯ରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ଫି ସମ୍ବନ୍ଧୀୟ ନିଷ୍ପତ୍ତିକୁ ମାନିବାକୁ ବାଧ୍ୟ। ଉଲ୍ଲଂଘନ କଲେ ଉକ୍ତ ସ୍କୁଲର ସ୍ୱୀକୃତି ପ୍ରମାଣପତ୍ର (ସିଓଆର) ପ୍ରତ୍ୟାହାର କରାଯିବ। ଏସବୁ ତଥ୍ୟ ଥାଇ ବି ଯଦି ସରକାର ନିୟନ୍ତ୍ରଣ ନ ଥିବା ବିଷୟ କହୁଛନ୍ତି, ତେବେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ହାଇକୋର୍ଟରେ ଘରୋଇ ସ୍କୁଲ ସଂଘ ପକ୍ଷରୁ ଓକିଲ ବିଭୂତି ଭୂଷଣ ଚୌଧୁରୀ ପ୍ରାର୍ଥନା କରିଥିଲେ। ସେହିପରି ଷ୍ଟେକ୍‌ହୋଲ୍‌ଡରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି' ଛାଡ ନେଇ ଉଲ୍ଲେଖ ରହିଛି, ଯାହା ମାନ୍ୟବର ଅଦାଲତ ଚାହିଁଲେ ବିଚାରକୁ ନେଇ ପାରିବେ ବୋଲି ସତ୍ୟପାଠ ମାଧ୍ୟମରେ ସଂଘ ଜବାବ ରଖିଛି। ଅନ୍ୟପକ୍ଷରେ ସରକାର ପୂର୍ବ ସତ୍ୟପାଠକୁ ଦୋହରାଇଛନ୍ତି। ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଜେନେରାଲ କହିଥିଲେ ଯେ, ଅନ୍ୟ ରାଜ୍ୟ ଅପେକ୍ଷା ଓଡିଶା ହାଇକୋର୍ଟ ମାମଲାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଖୁବ୍‌ଶୀଘ୍ର ଆମକୁ ଏହାର ନିଷ୍କର୍ସ ମିଳିବ। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଉଭୟ ପକ୍ଷଙ୍କୁ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୦ ତାରିଖ ଗୁରୁବାରକୁ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖ ଶୁଣାଣିରେ ଘରୋଇ ସ୍କୁଲଗୁଡିକର ଫି' ନିର୍ଦ୍ଧାରଣ ପ୍ରସଙ୍ଗରେ ରାଜ୍ୟ ସରକାର ହାତ ଟେକି ଦେଇଥିଲେ। ଏଥିପାଇଁ ରାଜ୍ୟରେ ସେପରି ଆଇନ ରାଜ୍ୟରେ ନାହିଁ ଓ ଏହା ଉପରେ କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ସରକାର ତାଙ୍କ ସତ୍ୟପାଠରେ ସ୍ପଷ୍ଟ କରିଥିଲେ।

# ତ୍ରାହି ଅଚ୍ୟୁତ ଆଶ୍ରମ ମୁଖ୍ୟ ସୁର ବାବାଙ୍କ ଦେହାନ୍ତ

**ବାଲକାଟୀ,୭।୧୨(ଡି.ଏନ୍.ଏ.)**

ନିଜକୁ ତ୍ରାହି ଅଚ୍ୟୁତଙ୍କର ଅବତାର କହୁଥିବା ରାଜଧାନୀ ଉପକଣ୍ଠ ଝିଣ୍ଟିର ସୁରେନ୍ଦ୍ର ମିଶ୍ର ଓରଫ ସୁର ବାବାଙ୍କ ରବିବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ପ୍ରାୟ ଏକ ମାସ



ଅସୁସ୍ଥତା ଯୋଗୁ ସେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁର ଖବର ଶୁଣିବା ପରେ ଆଶ୍ରମ ଅନ୍ତେବାସୀଙ୍କ ସମେତ ଭକ୍ତଙ୍କ ମହଲରେ ଶୋକରଛାୟା ଖେଳିଯାଇଛି। ପରେ ତାଙ୍କ ମୃତ ଶରୀରକୁ ଆଶ୍ରମକୁ ଅଣାଯାଇ ବିଧି ମୁତାବକ ସମ୍ପର୍କୀୟ, ୨ ପୁଅ ଓ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସମାଧି ଦିଆଯାଇଥିଲା। ସୂଚନାଯୋଗ୍ୟ, ନିଜକୁ ଆତ୍ମଘୋଷିତ ଭଗବାନ ବୋଲି ଦାବି କରୁଥିବା ଝିଣ୍ଟିଶାସନସ୍ଥିତ ତ୍ରାହି ଅଚ୍ୟୁତ ଆଶ୍ରମର ମୁଖ୍ୟ ସୁର ବାବାଙ୍କୁ ୩୦ ଅଗଷ୍ଟ ୨୦୧୫ ରାତି ୨ଟାରେ କମିଶନରେଟ ପୋଲିସ ଉଠାଇ ନେଇଥିଲା। ଆଶ୍ରମରେ ଚାଲିଥିବା ବିଭିନ୍ନ କେଳେଙ୍କାରୀ ଯଥା, ଜବରଦଖଲ, ଯୌନ ବ୍ୟଭିଚାର, ଗୁଣ୍ଡା ଗର୍ଦ୍ଦୀ ଏବଂ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ ପରଦିନ ଅର୍ଥାତ ଅଗଷ୍ଟ ୩୧ରେ ସୁର ବାବାଙ୍କ ସମେତ ତାଙ୍କ ୨ ପୁଅଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଥିଲା। ଚଢ଼ାଉ ବେଳେ ଆଶ୍ରମରୁ ୨ଟି ବନ୍ଧୁକ, ୩ଟି ଗୁଳି ଓ କୋଟି କୋଟି ଟଙ୍କାର ସମ୍ପତ୍ତି ସହ ନଗଦ ଟଙ୍କା ଜବତ କରିଥିଲା। ସୁରଙ୍କ ଏହି କଳାକାରନାମା ରାଜ୍ୟ ତଥା ବାହାର ଓ ବିଦେଶରେ ମଧ୍ୟ ଚେର ଲମ୍ୱିଥିବା ପୋଲିସ ସୁରାକ ପାଇଥିଲା। ଗିରଫର ଅଢ଼େଇ ବର୍ଷ ପରେ ସୁର ବାବାଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିଲା। ଜେଲରୁ ଆସିବା ପରେ ମଧ୍ୟ ଆଶ୍ରମରେ ସୁରବାବାଙ୍କ ଭକ୍ତ ଓ ଭଗବାନ ଲୀଳା ପୁଣି ଆରମ୍ଭ କରିଥିଲେ। ତେବେ ତାଙ୍କୁ ୭୯ବର୍ଷ ବୟସରେ ଅସୁସ୍ଥତା ହୋଇ ରୁଗ୍‌ଣ ହୋଇଯିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଚିକୁନ୍
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି ସର୍ବଦା କୃଷକଙ୍କ ସହ ରହିଛି: ସସ୍ମିତ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

କୃଷକ ମାନଙ୍କର ମୁଖ୍ୟ ସମସ୍ୟା ଏବଂ ସେମାନଙ୍କର ଆଶଙ୍କା ଦୂର କରିବା ଆବଶ୍ୟକ। ଆସନ୍ତା ୯ ତାରିଖରେ କୃଷକ ସଂଗଠନ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ହେବାକୁ ଥିବା ବୈଠକରେ ସମସ୍ତ ବିଷୟ ଆଲୋଚନା ମାଧ୍ୟମରେ ସମାଧାନ ହେବବା ନେଇ ବିଜେଡି ଆଶାବାଦୀ ରହିଛି। ବିଜୁ ଜନତା ଦଳ ସ୍ୱାମୀନାଥନ କମିଟି ଦ୍ୱାରା ସୁପାରିସ ଅନୁଯାୟୀ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଦୁଇଗୁଣା ଦେବାକୁ ଦାବି କରି ଆସିଛି। କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ଉଦ୍ୟମ ଜାରି ରଖିବ। ବିଜେଡି ସର୍ବଦା ଚାଷୀଙ୍କ ସ୍ୱାର୍ଥ ସହିତ ଛିଡା ହୋଇଛି ବୋଲି ମୁଖପାତ୍ର ସସ୍ମିତ ପାତ୍ର ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବନ୍ଦ ରହିବ...

ବନ୍ଦକୁ ଦେଖି ରାଜ୍ୟ ସରକାର ମଙ୍ଗଳବାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ମହାମାରୀ ପ୍ରକୋପ ସମ୍ପୂର୍ଣ୍ଣ ପ୍ରଶମିତ ହୋଇ ନ ଥିବା ବେଳେ ଭାରତ ବନ୍ଦ ଯୋଗୁ ଗମନାଗମନ ଓ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ ରଖାଯିବ। ତେବେ ଅତ୍ୟାବଶ୍ୟକ ସେବା ଜାରି ରହିବ ବୋଲି କୁହାଯାଇଛି।

ଓଡ଼ିଶାରେ ଏହି ବନ୍ଦକୁ ବିଭିନ୍ନ କୃଷକ, ଶ୍ରମିକ ସଂଗଠନ, ରାଜନୈତିକ ଦଳ ସମର୍ଥନ କରୁଛନ୍ତି। ସୋମବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା କାର୍ଯ୍ୟାଳୟରେ ସମସ୍ତ ଚାଷୀ ସଂଗଠନ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ଏକ ମିଳିତ ବୈଠକରେ ଭାରତ ବନ୍ଦ ଆନ୍ଦୋଳନକୁ ରାଜ୍ୟରେ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବ ନିର୍ମାଣ କୃଷକ ସଂଗଠନ, ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, ଓଡ଼ିଶା ନିର୍ମାଣ ଶ୍ରମିକ ଫେଡେରେଶନ, ସିଟୁ, ଆଇଏନ୍‌ଟିୟୁସି ପ୍ରଭୃତି ସଂଗଠନ ଏହି ବନ୍ଦରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି।

କେନ୍ଦ୍ରର ୩ଟି ନୂତନ କୃଷି ଆଇନକୁ ଚାଷୀ ସଂଗଠନଗୁଡ଼ିକ ବିରୋଧ କରୁଛନ୍ତି। ସେଗୁଡ଼ିକ ହେଲା ମୂଲ୍ୟପ୍ରାପ୍ତି ଭରସା ଓ କୃଷି ସେବା କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ଚୁକ୍ତିନାମା ଆଇନ, କୃଷି ଉତ୍ପାଦ ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁବିଧା) ଆଇନ ଏବଂ ଜରୁରୀ ସାମଗ୍ରୀ (ସଂଶୋଧନ) ଆଇନ। ଏହି ନୂଆ ଆଇନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥାକୁ ଛଡ଼ାଇ ନେବ ଏବଂ କୃଷକମାନଙ୍କୁ ବଡ଼ ବଡ଼ ବ୍ୟବସାୟୀ ଓ ଶିଳ୍ପପତିଙ୍କ ଦୟାରେ ଛାଡ଼ି ଦିଆଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଶନିବାର ସରକାରଙ୍କ ସହ ଚାଷୀ ସଂଗଠନର ପଞ୍ଚମ ପର୍ଯ୍ୟାୟ ବୈଠକ ବିନା ନିଷ୍କର୍ଷରେ ଶେଷ ହୋଇଥିଲା। ସରକାର ଆଇନର କେତେକ ଧାରାରେ ସଂଶୋଧନ ଆଣିବାକୁ ପ୍ରସ୍ତାବ ଦେଇଥିଲେ ହେଁ କୃଷକମାନେ ତାହାକୁ ଗ୍ରହଣ କରି ନ ଥିଲେ। ଆଇନ ପ୍ରତ୍ୟାହାର ଦାବିରେ ସେମାନେ ଅଡ଼ି ବସିବାରୁ ସରକାର ଅଧିକ ସମୟ ଲୋଡ଼ିଥିଲେ। ବୁଧବାର ଷଷ୍ଠ ପର୍ଯ୍ୟାୟ ଆଲୋଚନା ଥିବାବେଳେ ଏହା ପୂର୍ବରୁ କେନ୍ଦ୍ର ଉପରେ ଚାପ ପକାଇବା ଲାଗି ମଙ୍ଗଳବାର ଭାରତ ବନ୍ଦ କରାଯାଉଛି।

ଆଇନ ପ୍ରତ୍ୟାହାର ହେବନି, କେବଳ ସଂଶୋଧନ ହେବ ବୋଲି ରବିବାର କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧରୀ ଦୋହରାଇଥିଲେ। ସଂଶୋଧନ ଦ୍ୱାରା ଆନ୍ଦୋଳନରତ କୃଷକଙ୍କ ଦାବି ପୂରଣ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଭାରତୀୟ କିଷାନ ୟୁନିୟନର ମୁଖପାତ୍ର ରାକେଶ ଟିକାୟତ କହିଛନ୍ତି, ସରକାରଙ୍କ କେତେକ ନୀତିକୁ ଆମେ ସମର୍ଥନ କରୁନାହୁଁ। ତାହା ଦେଖାଇବା ପାଇଁ ଆନ୍ଦୋଳନ କରାଯାଉଛି। ଅହିଂସା ଉପାୟରେ ଆନ୍ଦୋଳନକୁ ସମର୍ଥନ କରିବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ଏହା ପ୍ରତୀକାତ୍ମକ ପ୍ରତିବାଦ ହୋଇଥିବାରୁ ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଫଳରେ କର୍ମଚାରୀ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିପାରିବେ, ଆମ୍ବୁଲାନ୍ସ ଭଳି ଅତ୍ୟାବଶ୍ୟକ ସେବା ଓ ବିବାହ ଆଦି ପ୍ରଭାବିତ ହେବନାହିଁ। ଲୋକେ କାର୍ଡ ଦେଖାଇ ଯାଇପାରିବେ ବୋଲି ଟିକାୟତ କହିଛନ୍ତି। ପରିବହନ ସଂଗଠନଗୁଡ଼ିକ ବନ୍ଦକୁ ସମର୍ଥନ କରୁଥିବାରୁ ଟ୍ରକ୍ ଚଳାଚଳ ପ୍ରଭାବିତ ହେବ। ତୃଣମୂଳ କଂଗ୍ରେସକୁ ବାଦ୍ ଦେଇ ଅନ୍ୟ ସମସ୍ତ ବିରୋଧୀ ଦଳ ବନ୍ଦକୁ ସମର୍ଥନ କରୁଛନ୍ତି। ବନ୍ଦକୁ ସମର୍ଥନ କରୁଥିବାବେଳେ କୃଷି ସଂସ୍କାର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଭାଜପା କହିଛି।

### ରାମମନ୍ଦିର ଚାନ୍ଦା...

୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବ୍ୟ ମନ୍ଦିର ପାଇଁ ଭୂମିପୂଜନ କରିଥିଲେ। ଏହା ପରଠୁ ବହୁ ଆଧାତ୍ମିକ ଗୁରୁ, ସେଲିବ୍ରିଟି, ରାଜନେତା ଓ ଭକ୍ତମାନେ ରାମମନ୍ଦିରକୁ ଦାନ କରିବାରେ ଲାଗିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କେନ୍ଦ୍ର ସରକାର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଗଠନ କରିଛନ୍ତି। ଉକ୍ତ ଟ୍ରଷ୍ଟ ଉଭୟ ନଗଦ ଓ ଅନ୍‌ଲାଇନରେ ଦାନ ଗ୍ରହଣ କରୁଛି। ଏପରି କି ଶ୍ରଦ୍ଧାଳୁମାନେ ମନ୍ଦିରକୁ ସ୍ଥାବର ସମ୍ପତ୍ତି ମଧ୍ୟ ଦାନ କରୁଛନ୍ତି। ଅଗଷ୍ଟ ୫ ଭୂମିପୂଜନ ଉତ୍ସବରୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଟ୍ରଷ୍ଟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ପାଇଥିଲା। ବ୍ୟାଙ୍କ ଖାତାରେ ଉକ୍ତ ରାଶି ଜମା ଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଟ୍ରଷ୍ଟର ଅଫିସ-ଇନ୍-ଚାର୍ଜ ପ୍ରକାଶ ଗୁପ୍ତାଙ୍କ ସୂଚନା ମୁତାବକ ବିଦେଶରୁ ମିଳିଥିବା ଦାନ, ବିଦେଶୀ ମୁଦ୍ରା ସହ ପ୍ରାୟ ୨୦୦ କେ.ଜି. ରୁପା ଓ ଅନ୍ୟ ମୂଲ୍ୟବାନ ଧାତୁକୁ ଏଥିରେ ହିସାବ କରାଯାଇ ନାହିଁ। ଇତିମଧ୍ୟରେ ଭିଏଚ୍‌ପି ମଧ୍ୟ ରାମମନ୍ଦିର ପାଇଁ ମହତ୍ତ୍ୱାକାଂକ୍ଷୀ ଚାନ୍ଦା ସଂଗ୍ରହ ଅଭିଯାନ ଚଳାଇବାକୁ ଘୋଷଣା କରିଛି। ୨୦୨୧ ଜାନୁୟାରୀ ୧୫ରୁ ଫେବୃୟାରୀ ୨୭ ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଗାଁ ଗହଳିରୁ ଚାନ୍ଦା ଅସୁଲ କରାଯିବ। ୧୦ ଟଙ୍କାରୁ ନେଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ କୁପନ୍ ଜାରି କରାଯିବ। ୨୦୦୦ ଟଙ୍କା ଦାନ ପାଇଁ ରିସିପ୍ଟ ଦିଆଯିବ ବୋଲି କୁହାଯାଉଛି।

ଛତିଶଗଡ଼ର ପ୍ରତ୍ୟେକ ଗାଁରୁ ରାମମନ୍ଦିର ପାଇଁ ଚାନ୍ଦା ଅସୁଲ କରାଯିବ ବୋଲି ଭିଏଚ୍‌ପି କହିଛି। ଏହା ଉପରେ ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓଙ୍କ ପ୍ରତିକ୍ରିୟା ମଗାଯାଇଥିଲା। ସେ କହିଥିଲେ, ରାମମନ୍ଦିର ନିର୍ମାଣ ନାମରେ ୭ ଲକ୍ଷ ଗ୍ରାମରୁ ଟଙ୍କା ଅସୁଲ କରାଯାଇଛି। ତା'ର ହିସାବ ମଧ୍ୟ ଦିଆଯିବା ଦରକାର। ବର୍ତ୍ତମାନ ଯାଏ ଯେତିକି ଧନ ଲୋକଙ୍କଠାରୁ ଅଣାଯାଇଛି, ସେସବୁ କୁଆଡ଼େ ଗଲା ? ଏହି କାମକୁ ସ୍ୱଚ୍ଛତା ସହ କରାଯିବା ଜରୁରୀ। ଭଗବା ଦଳ ଯେଉଁ କାମ କରିବ ଜରୁରୀ ନୁହେଁ ଯେ କଂଗ୍ରେସ ବି ତାହା କରିବ। କଂଗ୍ରେସ ଦଳ ମଧ୍ୟ ଅନେକ ମନ୍ଦିର ନିର୍ମାଣ କରିଛି। ପ୍ରକାଶ ଯେ, ଛତିଶଗଡ଼ ରାଜଧାନୀ ରାୟପୁରରୁ ୨୫ କି.ମି. ଦୂରରେ ଥିବା ଚନ୍ଦ୍ରପୁରୀ (ପୂର୍ବରୁ ଚନ୍ଦଖୁରୀ) ହେଉଛି ରାମାୟଣ ବର୍ଣ୍ଣିତ ରାମଙ୍କ ମା' କୌଶଲ୍ୟାଙ୍କ ମାମୁଘର। ଚନ୍ଦ୍ରପୁରୀ କୌଶଲ୍ୟା ମନ୍ଦିର ପୁନଃ ନିର୍ମାଣ ପାଇଁ ଛତିଶଗଡ଼ର କଂଗ୍ରେସ ସରକାର ୧୫ କୋଟି ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ରାୟପୁରସ୍ଥିତ ନନିହାଲରେ ମଧ୍ୟ ଏକ ରାମମନ୍ଦିର ନିର୍ମାଣ କରୁଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉକ୍ତ ନିର୍ମାଣାଧୀନ ମନ୍ଦିରକୁ ଏକାଧିକ ଥର ଦର୍ଶନ ପାଇଁ ଯାଇଥିଲେ।

ସିଂହଦେଓଙ୍କ ମନ୍ତବ୍ୟ ଉପରେ ଭାଜପା ଓ ସଂଘ ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଂଗ୍ରେସ ନେତାଙ୍କୁ ତାଙ୍କ ଟିପ୍ପଣୀ ପରେ ଭାଜପା 'ନକଲି ହିନ୍ଦୁ' ଘୋଷଣା କରି ରାମଲାଲାଙ୍କ ପାଖକୁ ଯାଇ ହିସାବ ମାଗିବାକୁ କହିଛି। ଛତିଶଗଡ଼ ଭାଜପା ନେତା ଶୀତଳାନନ୍ଦ ତିୱାରୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଯେଉଁମାନେ ଶାର୍ଟ ଉପରେ ପଇତା ପିନ୍ଧି ବ୍ୟାଙ୍କକ୍ ବୁଲି ଯାଆନ୍ତି ସେମାନଙ୍କଠାରୁ ଆମକୁ ହିନ୍ଦୁତ୍ୱର ପାଠ ପଢ଼ିବା ଦରକାର ନାହିଁ। ସେହିପରି ରାଜ୍ୟ ଭାଜପା ମୁଖପାତ୍ର ଗୌରୀଶଙ୍କର ଶ୍ରୀନିବାସ କହିଛନ୍ତି, ସିଂହଦେଓ ଅଯୋଧ୍ୟା ଯାଇ ରାମଲାଲାଙ୍କୁ ଦର୍ଶନ କରି ଏହି ପ୍ରଶ୍ନ ପଚାରିବା ଉଚିତ। ଭିଏଚ୍‌ପିର ସାଧୁତାକୁ ନେଇ ସନ୍ଦେହ କରାଯାଇପାରିବ ନାହିଁ। ହିସାବ ମାଗିବା ପୂର୍ବରୁ କଂଗ୍ରେସ ରାମମନ୍ଦିରକୁ ୧୦୧ କୋଟି ଟଙ୍କା ଦାନ କରୁ ଓ ନିଜ ଆସ୍ଥାର ପ୍ରମାଣ ଦେଉ। ଏହାର ଜବାବରେ ସିଂହଦେଓ କହିଛନ୍ତି, ତାଙ୍କ ମନ୍ତବ୍ୟକୁ ନେଇ ଭାଜପା ଓ ସଂଘ ପରିବାର ଟାର୍ଗେଟ କରିବା ଦୁର୍ଭାଗ୍ୟଜନକ। ହିସାବ ମାଗିବା ଓ ଦେବାରେ ଅସୁବିଧା କ'ଣ?

### ତଦନ୍ତ କରିବେ...

ଏକଥା ଜାଣିବା ପରେ ମୁଖ୍ୟମନ୍ତ୍ରୀ ପ୍ରଦୀପଙ୍କୁ ବିଜେଡିରୁ ବହିଷ୍କୃତ କରିଥିଲେ। ଘଟଣାର ଖୋଳତାଡ଼ କରିବା ପାଇଁ କ୍ରାଇମବ୍ରାଞ୍ଚ ସରକାରୀ ବାସଭବନରୁ ତାଙ୍କୁ ନେଇ ପଚରାଉଚରା କରିବା ପରେ ଗିରଫ କରିଥିଲେ। ସେ ଏବେ ଜେଲରେ ଅଛନ୍ତି। ଏହି ଘଟଣାର ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ପତ୍ର ଲେଖିଥିଲା। ଏବେ ପ୍ରଦୀପଙ୍କ ବିରୋଧରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଇଡି କରୁଛି।

### ଜାମିନ...

ଟାଟା କମ୍ପାନୀରେ ଚାକିରି ଦେବା ଆଳରେ ଠକେଇ କରିଥିବା ଭାବୀ ଜ୍ୱାଇଁ ଆକାଶ ପାଠକଙ୍କୁ ସହଯୋଗ କରିଥିବା ନେଇ ଅଭିଯୋଗ ରହିଥିଲା। ତେବେ ଉଭୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇରେ ସମ୍ପୃକ୍ତି ଥିବା ନେଇ ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଉଠାଇ ନେଇ ପଚରାଉଚରା ପରେ ଗିରଫ କରିଥିଲା। ତେବେ ପ୍ରଦୀପ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ଥିବା ଦର୍ଶାଇ ତାଙ୍କ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଜାମିନ ଆବେଦନ କରିଥିଲେ। ପ୍ରଦୀପଙ୍କ ନାମ ଏଫ୍‌ଆଇଆର୍‌ରେ ନ ଥିବାବେଳେ ତାଙ୍କ ବିରୋଧରେ କୌଣସି ପ୍ରମାଣ ଉପସ୍ଥାପନା କରାଯାଇନାହିଁ। ନିୟମ ଉଲ୍ଲଂଘନ କରାଯାଇ ତାଙ୍କୁ ଗିରଫ କରାଯାଇଥିବାରୁ ଜାମିନ ପ୍ରଦାନ କରିବାକୁ ଆଇନଜୀବୀ ଆଚାର୍ଯ୍ୟ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ହେଲେ ସରକାରୀ ଓକିଲ ସମସ୍ତ ପ୍ରମାଣପତ୍ର ରହିଥିବା ଦର୍ଶାଇବା ପରେ ବିଚାରପତି ପ୍ରଦୀପଙ୍କ ଜାମିନ ଖାରଜ କରିଥିଲେ। ଫଳରେ ତାଙ୍କୁ ପୁଣି ଜେଲ୍ ଫେରିବାକୁ ପଡିଛି।

### ପେଟ୍ରୋଲ ୩୦,...

୨୯ ପଇସା ବୃଦ୍ଧି ପାଇ ୮୦.୪୬ ଟଙ୍କାକୁ ଛୁଇଁଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ, ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୨୬ ରୁ ୩୦ ପଇସା ବଢ଼ିଥିବାବେଳେ ଡିଜେଲ ଲିଟର ପିଛା ୨୪ ରୁ ୨୮ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୮୩.୭୧ ଟଙ୍କା ରହିଥିବା ବେଳେ ଡିଜେଲ ଦର ଲିଟର ପିଛା ୭୩.୮୭ ଟଙ୍କାରେ ରହିଛି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ପେଟ୍ରୋଲ ଦର ଲିଟର ପ୍ରତି ଯଥାକ୍ରମେ ୯୦.୩୪, ୮୫.୧୯ ଏବଂ ୮୬.୫୧ଟଙ୍କାରେ ପହଞ୍ଚିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ମଧ୍ୟ ଲିଟର ପ୍ରତି ଯଥାକ୍ରମେ ୮୦.୫୧, ୭୭.୪୪ ଏବଂ ୭୯.୨୧ ଟଙ୍କାରେ ପହଞ୍ଚିଥିବା ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।

### ବଢ଼ିଲା ବସ୍...

ପିଛା ୭୨ ପଇସାରୁ ୭୪ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ ୭୫ରୁ ୭୬ ପଇସା ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୫ ପଇସାରୁ ୧ ଟଙ୍କା ୭ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୨୭ ପଇସାରୁ ୧ ଟଙ୍କା ୨୯ ପଇସାକୁ ବୃଦ୍ଧି ପାଇଛି।

ତୈଳ ଦର ବୃଦ୍ଧିକୁ ନେଇ ସ୍ୱୟଂକ୍ରୀୟ ବ୍ୟବସ୍ଥା ଅନୁଯାୟୀ ବସ୍ ଭଡା ବଢ଼ିବା କମିବା ପାଇଁ ବ୍ୟବସ୍ଥା ରହିଛି। ତୈଳ ଦର ୨ ଟଙ୍କା କମ୍ ବେଶି ହେଲେ ଭଡ଼ା ମଧ୍ୟ ସେହି ଆଧାରରେ ୧ରୁ ୨ ପଇସା କମ୍ ବେଶି ହେବ। ସେହି ଆଧାରରେ ବସ୍ ଭଡା ବୃଦ୍ଧି କରାଯାଇଛି। ବସ୍ ଭଡ଼ା ବୃଦ୍ଧିକୁ ନେଇ ରାଜ୍ୟ ବସ୍ ମାଲିକ ଖୁସି ନୁହନ୍ତି। କରୋନା ମହାମାରୀ ପ୍ରଭାବ ଜାରି ରହିଥିବାରୁ ବସ୍‌ଗୁଡିକ ପୂର୍ବଭଳି କାର୍ଯ୍ୟକ୍ଷମ ହୋଇନାହିଁ। ଯାତ୍ରୀମାନେ ଭୟରେ ବସ୍‌ରେ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କମ୍ ଯାତ୍ରୀ ଯାଉଥିବାରୁ ତେଲଖର୍ଚ୍ଚ ଓ କର୍ମଚାରୀମାନଙ୍କ ଖର୍ଚ୍ଚ ଉଠୁନାହିଁ। ବସ୍‌ରେ ଯିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ସରକାର ପଦକ୍ଷେପ ନେବା ଦରକାର। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନେଉଥିବା ଟିକସ ଛାଡ଼ କରନ୍ତୁ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆପଣଙ୍କ ଉନ୍ନତ ଚିନ୍ତାଧାରା ଓ ସହଯୋଗୀ ମନୋଭାବ ସାମାଜିକ ଜୀବନକୁ ମଧୁରତର କରିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ।

**ବୃଷ** ଖଳ ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରୋକ୍ଷରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ଧ୍ୟାରେ ସାଙ୍ଗସାଥୀଙ୍କ ସହ ସତ୍‌ସଙ୍ଗ ଓ ଭ୍ରମଣର ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମନ ଅସ୍ଥିର ହେବ। ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇ ଅଟକିଥିବା କମକୁ ସଜାଡି ନେବେ।

**କର୍କଟ** କାର୍ଯ୍ୟସିଦ୍ଧି ହୋଇଯିବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଦେଖାଦେଇପାରେ। ମାତ୍ର ଆପଣ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିପାରିବେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବା ଫଳରେ ଲୋକ ସମ୍ପର୍କ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ଯାହା ପାଉଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ସ୍ୱାତୀ ନକ୍ଷତ୍ର ପୂର୍ବ ସ୍ଥିରୀକୃତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ଆଜି ଜ୍ୟେଷ୍ଠା ନକ୍ଷତ୍ରର ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଓଲଟା ହୋଇଯିବ। ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ହାସଲ କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ନୂତନ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତ ଭାବନା ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଶ୍ରବଣାର ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଅର୍ଥସଂକଟ ସମାଧାନରେ ବନ୍ଧୁ ସାହାଯ୍ୟ କରିବେ।

**କୁମ୍ଭ** ମନାନ୍ତରଜନିତ ମିତ୍ରମାନେ ଶତ୍ରୁ ପାଲଟି ଯିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହିତ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରଥମେ କାମଟି କରିସାରିବା ପରେ ଅଯଥା ଚିନ୍ତା କରିବେ। ଆର୍ଥିକ ସଂକଟ ଲାଗିରହିଥିବାରୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଯାଇପାରେ।

**ମୀନ** ସକାଳୁ ସକାଳୁ ଖୁସି ଖବରଟିଏ ମନରେ ଉତ୍ସାହ ଭରିଦେବ। ଆଜିର କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ମଙ୍ଗଳବାର, ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, ଡିସେମ୍ବର ୮ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୧.୪୬ମି. ପର୍ଯ୍ୟନ୍ତ ପୂର୍ବା-ଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬.୧୩ମି. ଗତେ ଘ.୦୬.୫୬ମି. ମଧ୍ୟେ, ଘ.୦୭.୪୦ମି. ଗତେ ଘ.୧୧.୧୭ମି. ମଧ୍ୟେ ଅମୃତବେଳା। ସନ୍ଧ୍ୟା ଘ.୦୫.୦୩ମି. ଗତେ ଘ.୦୫.୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବାଘ.୦୨.୨୧ମି.ଗତେଘ.୦୩.୪୨ମି.ମଧ୍ୟେରାହୁକାଳ।


## classifieds Everyday
0674-2580101, 2549302




### SALE

Doctor's Colony with facilities 1st time in Bhubaneswar book a triplex individual house near Rasulgarh, Bhubaneswar. Price 92lakhs, Doctor's only contact: 8260595320. D-70045

**1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165.** D-19138

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70113

ଅଫିସର ପୁରୁଣା ଆସବାବପତ୍ର ବିକ୍ରୟ କରାଯିବ। ବିକ୍ରୟ ତାରିଖ- ୧୦।୧୨।୨୦ ଓ ୧୧।୧୨।୨୦, ବିକ୍ରୟ ଠିକଣା- Plot- 280, Bhoi Nagar, BBSR-22. Contact: 8895124899, 7978717151. D-19168

**ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771.** D-70112

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

**ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395.** D-70117

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

### PURCHASE

LAND Requires for Plotting Project in Around, Bhubaneswar. 9937816565, 9937568585. D-19112




**Newly open Saikrupa Panchakarma and Spa. Contact: 8984068077.** D-19124

Refreshing your mind & body with best therapy at Lotus Spa. 8018234866 D-69589

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

### AFFIDAVIT

By virtue of an affidavit sworn before the Executive Magistrate, Jharsuguda, I, Chhayabati Bhoi declare that I got married with Pallab Mahapatra of Pitumburi, Lane-2, Gandhi Nagar, PO. Belpahar, Dist-. Jharsuguda. After marriage I have changed my name from Chhayabati Bhoi to Chhaya Mahapatra for all purposes. D-69824

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଗୁମର ଖୋଲି ସର୍ତ୍ତରେ ଆସିଲେ ଡେଭିଡ୍

ଭୁବନେଶ୍ୱର,୭।୧୨(ବ୍ୟୁରୋ)

**ପାଠକ ବାପପୁଅଙ୍କ ଆୟ ବହିର୍ଭୂତ ସମ୍ପତ୍ତି, ଠକେଇ ମାମଲା**

- ଡେଭିଡ୍‌ଙ୍କ ବୟାନକୁ ପ୍ରମାଣ ଭାବେ ନିଆଯିବ: ଏଡିଜି
- ପାଠକ ଓ ପ୍ରଦୀପଙ୍କ ପରିବାର ୧୨ରୁ ଊର୍ଦ୍ଧ୍ୱ ଚାର୍ଟର ଫ୍ଲାଇଟ୍ ବ୍ୟବହାର କରିଛନ୍ତି

ଟାଟା ମୋଟର୍ସ କମ୍ପାନୀରେ ଚାକିରି ଦେବା ଆଳରେ ଠକେଇ କରି ଜେଲ ଯାଇଥିବା ଆକାଶ ପାଠକଙ୍କ ବ୍ୟକ୍ତିଗତ ସହାୟକ ଡେଭିଡ୍ ପିଟରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ସୋମବାର ଛାଡ଼ି ଦେଇଛି। ତାଙ୍କୁ ପୁଣେରୁ ଉଠାଇ ଆଣି ଭୁବନେଶ୍ୱରରେ ୩ଦିନ ଧରି ମାରାଥନ ଜେରା ଚାଲିଥିଲା। ତେବେ ଆକାଶଙ୍କ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଠକେଇ ଅଭିଯୋଗରେ ଜେଲ୍‌ରେ ଥିବା ଆଇଏଫ୍‌ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ କାରନାମା ସମ୍ପର୍କରେ ଡେଭିଡ୍ ବହୁ ଚାଞ୍ଚଲ୍ୟକର ତଥ୍ୟ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହାପରେ ତାଙ୍କୁ କେତେକ ସର୍ତ୍ତ ରଖି ଛାଡ଼ି ଦିଆଯାଇଛି। ଆବଶ୍ୟକ ପଡିଲେ ଡେଭିଡ୍ ତଦନ୍ତରେ ସହଯୋଗ କରିବେ। ଏଥିସହ ତାଙ୍କର ସମସ୍ତ ବୟାନର ଭିଡିଓଗ୍ରାଫି କରାଯାଇଛି। ଏହାକୁ ପ୍ରମାଣ ଭାବେ ଗ୍ରହଣ କରାଯାଇଥିବା କ୍ରାଇମବ୍ରାଞ୍ଚର ଏଡିଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ପିଟରଙ୍କୁ ପଚରାଉଚରା ପରେ ପୃଷ୍ଠା ଲେଉଟିଲା ଭଳି ପାଠକ ପରିବାର ଓ ସେମାନଙ୍କ ଲିଙ୍କରେ ଜେଲ୍ ଯାଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପରିବାରର ଭିତିରି ଗୁମର ଖୋଲିଛି। ପିଟର ଦେଇଥିବା ସୂଚନା ମୁତାବକ ଆକାଶଙ୍କ ଘରେ କାର୍ଯ୍ୟାଳୟ ଥିବାବେଳେ ଜୁମ୍ ଆପ୍ ଜରିଆରେ ଆଶାୟୀ ପ୍ରାର୍ଥୀଙ୍କ ଇଣ୍ଟରଭ୍ୟୁ କରାଯାଉଥିଲା। ସର୍ବେଶ୍ୱର ରାଏ ନାମକ ବ୍ୟକ୍ତି ସେମାନଙ୍କୁ ଆଶାୟୀ ପ୍ରାର୍ଥୀଙ୍କ ତଥ୍ୟ ଯୋଗାଉଥିବା ସେ ସୂଚନା ଦେଇଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୦ ଜଣଙ୍କ ଇଣ୍ଟରଭ୍ୟୁ ନିଆଯାଇଥିଲା। ମାର୍ଚ୍ଚ ୨୩ରେ ସେ ପୁଣେରୁ ଭୁବନେଶ୍ୱର ଆସିଥିବାବେଳେ ମନୀଷ କୁଲକର୍ଣ୍ଣୀ ନାମକ ବ୍ୟକ୍ତି ଚାର୍ଟେ ଫ୍ଲାଇଟ୍ ବୁକ୍‌ଥିଲେ। ୨୦୨୦ରେ ଉଭୟ ପରିବାର ୧୨ରୁ ୧୮ଥର ଚାର୍ଟର ଫ୍ଲାଇଟ୍ ବ୍ୟବହାର କରି ମୁମ୍ବାଇ, ପୁଣେ, ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନକୁ ଉଡୁଥିଲେ। ୮ ଜଣିଆ ଚାର୍ଟର ଫ୍ଲାଇଟ୍ ବୁକ୍ କରିବାକୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। ଗତ ଦୀପାବଳିରେ ୧୮ ସିଟ୍ ବିଶିଷ୍ଟ ଚାର୍ଟରେକୁ ୩୨ ଲକ୍ଷ ଟଙ୍କା ଭଡା ଦେଇ ଭୁବନେଶ୍ୱରରୁ ପୁଣେ ଓ ପରେ ମୁମ୍ବାଇକୁ ଯାଇ ତାଜ ହୋଟେଲରେ ରହିଥିଲେ। ଆକାଶ ପାଠକଙ୍କ ବିବାହ ପାଇଁ ୫ ଲକ୍ଷ ଟଙ୍କା ଅଗ୍ରିମ ଆକାରରେ ଦିଆଯାଇଥିଲା। ଫ୍ଲାଇଟ୍ ବୁକ୍ ବାବଦକୁ ସ୍କାଏ କିଙ୍ଗର ସମସ୍ତ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ହେଉଥିଲା।

ଅନ୍ୟପକ୍ଷରେ ବିହାର ପାଟଣାରେ ପାଠକ ବାପପୁଅଙ୍କ ଘର ସମେତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢାଉ ଜାରି ରହିଛି। ଅଭୟକାନ୍ତଙ୍କ ବେନାମୀ ସମ୍ପତ୍ତିର ଖୋଳତାଡ ଚାଲିଛି। ବିଧାୟକ ପ୍ରଦୀପଙ୍କ ନାମରେ ବ୍ରହ୍ମପୁର ଅଞ୍ଚଳରେ ଅଭିଯୋଗ ସଂଖ୍ୟା ବଢିବାରେ ଲାଗିଛି। ଗତ ୬ ମାସ ମଧ୍ୟରେ ନେଣଦେଣ ହୋଇଥିବା ୨.୪୮ କୋଟି ଟଙ୍କାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ ଜାରି ରଖିଥିବାବେଳେ ସୋମବାର ୨ ଜଣଙ୍କୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ପ୍ଲାଜ୍‌ମା ଦେବାକୁ ରକ୍ତ ନମୁନା ଦେଲେ ନିର୍ବାହୀ ଅଧିକାରୀ

ସୁନାବେଡା,୭।୧୨(ସ୍ୱ.ପ୍ର)-ସୁନାବେଡା ପୌର ପରିଷଦ ନିବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ପ୍ଲାଜମା ଦାନ କରିବା ଲାଗି ସୋମବାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ନମୁନା ଦେଇଛନ୍ତି। ସେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ଏଥିସହ ସୁନାବେଡା ଅଞ୍ଚଳର ଅନ୍ୟ ୩ ଜଣ ନିଜ ରକ୍ତନମୁନା ପରୀକ୍ଷା ଲାଗି ଦେଇଛନ୍ତି। ହାଲ ଅଞ୍ଚଳର ଗୋପାଳ କୃଷ୍ଣ ନାୟକ, ତିଳକ ମୁଦୁଲି ଓ ସେମିଲିଗୁଡା ଅଞ୍ଚଳର ଉଲ୍ଲାସ ପରିଡା। ରକ୍ତନମୁନା ସଂଗ୍ରହ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରଞ୍ଜିତା ନାୟକ, ପବ୍ଲିକ ହେଲଥ ମ୍ୟାନେଜର ସଞ୍ଜୟ କୁମାର ସ୍ୱାଇଁ, ଲ୍ୟାବ ଟେକ୍ନିସିଆନ ପୂଜାରିଣୀ ସ୍ୱାଇଁ, କୋର୍ଡ଼ିନେଟର ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ! ସୂଚନାଯୋଗ୍ୟ, ସୁନାବେଡା ପୌର ପରିଷଦ ଅଞ୍ଚଳରୁ ଏଯାଏ ୨୨ ଜଣ ରକ୍ତ ନମୁନା ଦେଇଥିବା ବେଳେ ୨ ଜଣ ବ୍ୟକ୍ତି ପ୍ଲାଜମା ଦାନ କରିଛନ୍ତି। ଅବଶିଷ୍ଟ ବ୍ୟକ୍ତିଙ୍କ ରକ୍ତନମୁନା ରିପୋର୍ଟ ଆସିବା ପରେ ପର୍ଯ୍ୟାୟକ୍ରମେ ପ୍ଲାଜମା ଦାନ କରିବାକୁ ସ୍ଥିର ହୋଇଥିବା କୋର୍ଡ଼ିନେଟର ମହାପାତ୍ର କହିଛନ୍ତି।

## ଜୟପୁର ଲରି ଓନର୍ସ ଆସୋସିଏଶନର ନୂଆ କର୍ମକର୍ତ୍ତା

ଜୟପୁର,୭।୧୨(ନି.ପ୍ର.)-ଜୟପୁର ଲରି ଓନର୍ସ ଆସୋସିଏଶନର ନୂଆ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଏସ୍.ସୂର୍ଯ୍ୟ ପ୍ରକାଶ ରାଓ, ଉପସଭାପତି ଭାବେ କେ.ଡାଲି ନାଇଡୁ, ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଏ.ହରି ନାରାୟଣ ଓ କୋଷାଧକ୍ଷ ଭାବେ ନରସିଂହ ରାଓ ନିର୍ବାଚିତ ହୋଇଛନ୍ତି। ପି. ରମେଶ ପାତ୍ର, ତେଜେଶ୍ୱର ପଣ୍ଡା ଏସ୍.ଏସ୍. ରାୟ୍,ଏ. ରାମକ୍ରିଷ୍ଣା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ଯୁବ ସଙ୍ଗଠନ ପକ୍ଷରୁ ପୌର ପରିଷଦ ଘେରାଉ

ଜୟପୁର, ୭।୧୨ (ନି.ପ୍ର.)

ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ରଖି ପିଏମ୍‌ଏସ୍‌ଭି ନିଧି ଯୋଜନାରେ ଜୟପୁର ପୌର ପରିଷଦକୁ ଆବେଦନ କରି ବାରମ୍ବାର ଦୌଡ଼ିବା ପରେ ହିତାଧିକାରୀଙ୍କୁ ଋଣ ନ ମିଳିବାରୁ ଏହାର ପ୍ରତିବାଦରେ ସୋମବାର ଜୟପୁର ଯୁବ ସଙ୍ଗଠନ ପକ୍ଷରୁ ପୌର ପରିଷଦ ଘେରାଉ କରାଯାଇଥିଲା। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରବୀନ୍ଦ୍ର ମହାପାତ୍ର ଦାବିପତ୍ର ଦେଇଥିଲେ। ଏଥିରେ ଉଲ୍ଲେଖ ଅଛି ଯେ, ଉପରୋକ୍ତ ଯୋଜନାରେ ଆବେଦନ କଲେ ୧୦ ହଜାର ଟଙ୍କା ଋଣ ମିଳିବା ବ୍ୟବସ୍ଥା ରହିଛି। ଏଥିପାଇଁ ଜୟପୁର ସହରର ଅନେକ ଲୋକ ଋଣ ପାଇଁ ଆବେଦନ କରିବାକୁ ଜୟପୁର ପୌର ପରିଷଦକୁ ଯାଇଥିଲେ। ବାହାର ଯେକୌଣସି ଇ-ସହଜ କେନ୍ଦ୍ରରେ ଅନ୍‌ଲାଇନରେ ଆବେଦନ କଲେ ମାତ୍ର ୩୦ ଟଙ୍କା ପଡିଥାନ୍ତା। ମାତ୍ର ପରିଷଦର ଜଣେ କର୍ମଚାରୀ ଏନେଇ ସ୍ଥାନୀୟ ମହାରାଣୀପେଟାଠାରେ ଥିବା ଏକ ନିର୍ଦ୍ଦିଷ୍ଟ ଇ-ସହଜ କେନ୍ଦ୍ରରୁ ଆବେଦନ କରିବାକୁ କହିଥିଲେ। ଏଥିପାଇଁ ୫ ଶହ ଟଙ୍କା ଆବେଦନ ଫି' ପଡିବ ବୋଲି କହିଥିଲେ। ଅନ୍ୟ କେଉଁଠାରୁ ଆବେଦନ କଲେ ଲୋନ୍ ମିଳିବ ନାହିଁ ବୋଲି କହିବାରୁ ସମସ୍ତ ହିତାଧିକାରୀ କର୍ମଚାରୀ ଜଣକ କହିଥିବା ଇ- ସହଜ କେନ୍ଦ୍ରରେ ୫ଶହ ଟଙ୍କା ଲେଖାଏ ଦେଇ ଆବେଦନ କରିଥିଲେ। ଆବେଦନ କରିବାର ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ହିତାଧିକାରୀଙ୍କୁ ଋଣ ମିଳିନାହିଁ। ସମସ୍ତଙ୍କୁ ୧୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଉ ନଚେତ୍ ଆବେଦନ ପାଇଁ ନିଆଯାଇଥିବା ୫ଶହ ଟଙ୍କା ଫେରସ୍ତ କରାଯାଉ ବୋଲି ଯୁବ ସଙ୍ଗଠନ ଦାବି କରିଛି। ଏଥିସହ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରୁ ଆବେଦନ କରିବାକୁ ହିତାଧିକାରୀଙ୍କ ଉପରେ ଚାପ ପକାଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ କର୍ମକର୍ତ୍ତା ଦାବି କରିଛନ୍ତି।


ପୌର ପରିଷଦ ଘେରାଉ କରିଥିବା ଯୁବ ସଙ୍ଗଠନର କର୍ମକର୍ତ୍ତା।

**ପିଏମ୍‌ଏସ୍‌ଭି ନିଧି ଯୋଜନାରେ ମିଳୁନି ଋଣ**

# ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା,୭।୧୨(ଡି.ଏନ.ଏ.)

ମାଲାକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କୁରୁମାନୁର ପଞ୍ଚାୟତ ନିକଟରେ ଥିବା ନଦୀରେ ବୁଡି ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ କୁରୁମାନୁର ଗ୍ରାମର ନାରାୟଣ ପଲାସଙ୍କ ସ୍ତ୍ରୀ ଲସମୀ ଆମା ପଲାସା। ସେ ଶନିବାର ଅପରାହ୍ଣରେ ନଦୀରେ ଦେଶୀ ଡଙ୍ଗା ଚଳାଇ ଆସୁଥିବା ବେଳେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ଫଳରେ ଲସମୀ ନିଖୋଜ ହୋଇ ଯାଇଥିଲେ। ଲସମିଙ୍କ ସହ ଜଣେ ୧୫ ବର୍ଷର ପିଲା ଯିବାକୁ ଆସିଥିଲେ। ମାତ୍ର ସେ ନଦୀଘାଟରେ ଡଙ୍ଗାରେ ଯିବାକୁ ରାଜି ହୋଇ ନ ଥିଲେ। ତେବେ ସେ ଡଙ୍ଗାଟି ବୁଡିଯିବା ଦେଖିଥିଲେ। ଗ୍ରାମକୁ ଫେରି ପିଲାଟି ଏବିଷୟରେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଲସମୀଙ୍କୁ ନଦୀରେ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ଏ ସମ୍ପର୍କରେ ତହସିଲଦାର ଟି. ପଦ୍ମନାଭ ଦୋରା ଜାଣିବା ପରେ ବିଭାଗର କର୍ମଚାରୀ ଓ ପୋଲିସକୁ ପଠାଇଥିଲେ। ସେମାନେ ନଦୀରେ ଅନେକ ସମୟ ଧରି ଖୋଜାଖୋଜି କରିବା ପରେ ଲସମୀଙ୍କ ମୃତଦେହ ମିଳିଥିଲା। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

# ୭୫ ଏକର ଜମିରୁ ଗଞ୍ଜେଇଚାଷ ନଷ୍ଟ କରାଗଲା

କୋରୁକୋଣ୍ଡା ୭।୧୨(ଡି.ଏନ. ଏ.)

ମାଲକାନଗିରି ଜିଲା ଅବକାରୀ ବିଭାଗ ଓ ଚିତ୍ରକୋଣ୍ଡା ପୋଲିସ ମିଳିତ ଚଢ଼ାଉ କରି ଆର୍‌ଏସି-୪, ପେଟାଲ, ଆର୍‌ଏସି-୧ ଗ୍ରାମଗୁଡିକରେ ୭୫ ଏକର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ପୋଡି ନଷ୍ଟ କରି ଦେଇଛନ୍ତି। ୧ଲକ୍ଷ ୨୩ହଜାର ୭୫୦ ଗଛ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୨କୋଟି ୩୭ଲକ୍ଷ ୫୦ହଜାର ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉରେ ମାଲକାନଗିରି ଅବକାରୀ ଇନ୍ସପେକ୍ଟର ଗଙ୍ଗା ପାଇକରାଏ, ଓଆଇସି ଏଚ୍.ଜଗା ରାଓ, ଏସ୍‌ଆଇ ଦିଲୀପ କୁମାର ନାୟକ, ସଞ୍ଜୟ କୁମାର କାଣ୍ଡିଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ମାଲକାନଗିରି ଜନସୂଚନା ଅଧିକାରୀ ଦଣ୍ଡିତ

ମାଲକାନଗିରି,୭।୧୨ (ଡି.ଏନ୍.ଏ.)

**ସୂଚନା ପ୍ରଦାନରେ ଅବହେଳା**

ସୂଚନା ପ୍ରଦାନରେ ଅବହେଳା କରିବାରୁ ଜିଲା ଉଦ୍ୟାନ ବିଭାଗର ଜନ ସୂଚନା ଅଧିକାରୀ ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ମାଲକାନଗିରିର ସୂଚନା ଅଧିକାର କର୍ମୀ ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ଧାରା ୪ (ଖ)ରେ ରଖା ଯାଇଥିବା ତଥ୍ୟ ଗୁଡିକ ଜାଣିବା ପାଇଁ ଆବେଦନ କରିଥିଲେ । ୨୮।୧୨।୧୬ ରିଖରେ ସମ୍ପୃକ୍ତ ସୂଚନା ଅଧିକାରୀ ସୂଚନା ନ ଦେବାରୁ ଅଶୋକ ଏନେଇ ସୂଚନା କମିଶନଙ୍କ ଅଦାଲତରେ ଅଭିଯୋଗ କରିଥିଲେ। ଏହାର ନଂ. ୭୨/୧୭। କମିଶନ ଅଭିଯୋଗର ଶୁଣାଣି କରି ସୂଚନା ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୩୦ ଦିନ ମଧ୍ୟରେ ସେ ସରକାରଙ୍କ ତହବିଲରେ ଟଙ୍କା ଦାଖଲ ନ କଲେ ତାଙ୍କ ଦରମାରୁ ଉକ୍ତ ଅର୍ଥ ଆଦାୟ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ୫ ବର୍ଷ ହେଲା ଶେଷ ହେଉନି ପ୍ରଧାନମନ୍ତ୍ରୀ ଆବାସ

କୋରୁକୋଣ୍ଡା,୭।୧୨(ଡି.ଏନ.ଏ.)

ସରକାର ପ୍ରତ୍ୟେକ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ଘର ଦେବାପାଇଁ ଧାର୍ଯ୍ୟ କରିଛନ୍ତି। ମାତ୍ର ଗରିବ ଶ୍ରେଣୀର ଲୋକେ ଏହି ଘର ନିଜେ ନିର୍ମାଣ କରି ନ ପାରି କିଛି ଠିକାଦାରଙ୍କୁ ଦେଇଥାନ୍ତି। ଠିକାଦାର ତାର ଫାଇଦା ଉଠାଇ ନିମ୍ନମାନର କାମ କରି ହିତାଧିକାରୀଙ୍କୁ ଘର ଦେଇଥାଏ। ଘର ଯେପରି ହୋଇଥିଲେ ସୁଦ୍ଧା ହିତାଧିକାରୀ କିଛି କହିପାରେନାହିଁ। କୋରୁକୋଣ୍ଡା ବ୍ଲକରେ ଏପରି ଘର ନିର୍ମାଣ କରି ଦେବାକୁ ଠିକା ନେଇଥିବା ବ୍ୟକ୍ତି ହିତାଧିକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏମାନେ କେତେକ ସ୍ଥାନରେ ଘର ନିର୍ମାଣ କରି ଏଯାଏ ସାରିନାହାନ୍ତି। ବ୍ଲକର ମାରିବେଡା ପଞ୍ଚାୟତ ରାଖେଲଗୁଡା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମର ବୀର କବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। ଏହାକୁ ନିର୍ମାଣ କରି ଦେବାକୁ ଏମଭି-୨୬ ଗ୍ରାମର ଜଣେ ଠିକାଦାର ୫ ବର୍ଷ ହେବ ନେଇ ଏଯାଏ ସାରିନାହାନ୍ତି। ଫଳରେ ହିତାଧିକାରୀକ କବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ ସେ ବାରମ୍ବାର ଠିକାଦାରଙ୍କୁ ଜଣାଉଥିଲେ ମଧ୍ୟ ସେ ଶୁଣୁନାହାନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛି।


ବୀର କବାସୀଙ୍କ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଘର।

**ହଇରାଣ କରୁଛନ୍ତି ଠିକାଦାର**



ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। -ଶ୍ରୀମା

# ଖାଦ୍ୟ ସୈନିକ

ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ତିନୋଟି କୃଷି ଆଇନକୁ ଘୋର ବିରୋଧ କରି କୃଷକମାନେ ରାଜଧାନୀ ଦିଲ୍ଲୀକୁ ଏକରକମ ଘେରାଉ କରି ରଖିଛନ୍ତି। ଡିସେମ୍ବର ୮ରେ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ୧୦ ଶ୍ରମିକ ସଙ୍ଗଠନ ଓ ୧୮ ରାଜନୈତିକ ଦଳ ସମର୍ଥନ କରିଛନ୍ତି। ଏଥିସହିତ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ, ଏପରିକି ବ୍ରିଟେନର ବିଭିନ୍ନ ଦଳର ସାଂସଦଙ୍କ ସମେତ ବମ୍ବେ ସିନେମା ଜଗତର ସୁନାମଧନ୍ୟ ତାରକା କୃଷକଙ୍କୁ ସମର୍ଥନ କରିଛନ୍ତି। ବିପୁଳ ପରିମାଣରେ ମିଳୁଥିବା ସମର୍ଥନ ଯୋଗୁ ଏହି କୃଷକଙ୍କୁ 'ଖାଦ୍ୟ ସୈନିକ' ଆଖ୍ୟା ଦିଆଗଲାଣି। ଏହି ଆନ୍ଦୋଳନ କୌଣସି ରାଜନେତାଙ୍କ ନେତୃତ୍ୱରେ ହେଉନାହିଁ। ପଞ୍ଜାବ, ହରିୟାଣା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏଥିରେ ଝାସ ଦେଇଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଦାବି ହାସଲ ନ ହେଲେ ପଛଘୁଞ୍ଚା ଦେବେ ନାହିଁ। କୃଷକଙ୍କ ଦାବି କେବଳ ଗୋଟିଏ ବିନ୍ଦୁରେ ରହିଛି, ତାହା ହେଉଛି ତିନୋଟି ଆଇନର ସମ୍ପୂର୍ଣ୍ଣ ପ୍ରତ୍ୟାହାର। ଏଥିସହିତ ଚାଷକୁ କର୍ପୋରେଟ୍ ହାତକୁ ଟେକିଦେବା ସକାଶେ ଯେଉଁ ଫନ୍ଦିଫିକର ହୋଇଛି, ତାହାକୁ ସେମାନେ ବୁଝିପାରିଥିବାରୁ ଦାବି ସହ ସାଲିସ କରିବେ ନାହିଁ ବୋଲି କହୁଛନ୍ତି।

ଭାରତୀୟ ଚାଷୀଙ୍କ ଆନ୍ଦୋଳନ ଯେଉଁଭଳି ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିଛି, ସମ୍ଭବତଃ ପୂର୍ବରୁ କୌଣସି ଘଟଣାରେ ଏପରି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଅପରପକ୍ଷେ କୌଣସି ଗଣତାନ୍ତ୍ରିକ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟ ଦେଶଗୁଡ଼ିକ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ହସ୍ତକ୍ଷେପ କରିବାର ବାଟ ଦେଖାଇଦେଲେ ଯେକେହି ପ୍ରବେଶ କରିଯିବା ସହଜ ହୋଇଥାଏ। କାନାଡ଼ା ପ୍ରଧାନମନ୍ତ୍ରୀ ଟ୍ରୁଡୋ କୃଷକ ଆନ୍ଦୋଳନକୁ ସମର୍ଥନ କରିଥିବାରୁ ଭାରତ ପକ୍ଷରୁ ଏହାର ଦୃଢ଼ ବିରୋଧ କରାଯାଇଛି। ଅନ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ଭାରତୀୟ ନେତୃତ୍ୱ ନିଜର ଭୁଲକୁ ତର୍ଜମା କରିବା ଦରକାର। ମନେ ପକାଇ ଦିଆଯାଇପାରେ ଯେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ଯାଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ 'ହାଓଡି ମୋଦି' କାର୍ଯ୍ୟକ୍ରମରେ ହ୍ୟୁଷ୍ଟନ୍‌ରେ ଯୋଗଦେଇଥିଲେ। ସେଠାରେ ବାସ କରୁଥିବା ଭାରତୀୟ-ଆମେରିକୀୟଙ୍କୁ ଉଦ୍‌ବୋଧନ ଦେଇ ଟ୍ରମ୍ପଙ୍କ ସପକ୍ଷରେ ଭୋଟ ଦେବାକୁ ମୋଦି ପ୍ରବର୍ତ୍ତାଇ ଥିଲେ। ଏବର ସ୍ଥିତି ଦେଖିଲେ, ଯେହେତୁ ଜୋ ବାଇଡେନ୍ ବିଜୟ ଲାଭ କଲେ ମୋଦିଙ୍କ ଅଙ୍କସବୁ ଗଡ଼ବଡ଼ ହୋଇଯାଇଛି। ଆମେରିକା ନିର୍ବାଚନକୁ ପ୍ରଭାବିତ କରିବା ନିମନ୍ତେ ମୋଦି ଯେଉଁ ଭୂମିକା ଗ୍ରହଣ କରିଥିଲେ ସେହି ବିଷୟକୁ ବିଶ୍ୱ ସମୁଦାୟ ପାଖରୁ ଦେଖିଥିଲା। ଟ୍ରମ୍ପ ହାରିଯିବା ପରେ ମୋଦିଙ୍କ ତ୍ରୁଟି ପଦାରେ ପଡ଼ିଗଲା। ଏବେ କାନାଡ଼ା ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କୁ ଭାରତ ପକ୍ଷରୁ ସମାଲୋଚନା କରାଯାଉଛି। ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଲାଗି ସେ କିଏ ବୋଲି ପ୍ରଶ୍ନ ହେଉଛି। କିନ୍ତୁ ଏଠାକାର ନେତୃତ୍ୱ ଭୁଲିଯିବା ଉଚିତ ନୁହେଁ ଯେ, ଏହି ସାହାଣମେଲା ଲାଗି ଭାରତ କାହିଁକି ସୁଯୋଗ ସୃଷ୍ଟି କରୁଥିଲା। କାନାଡ଼ା ପ୍ରଧାନମନ୍ତ୍ରୀ ଭାରତର କୃଷକ ଆନ୍ଦୋଳନକୁ ସମର୍ଥନ କରିବା ଦିଗରେ ତାଙ୍କ ସ୍ୱାର୍ଥ ନିହିତ ଅଛି। କାନାଡ଼ା ହାଉସ୍ ଅଫ୍ କମନ୍‌ର ୮ଟି ଆସନରେ ଶିଖ୍‌ମାନେ ପ୍ରାଧାନ୍ୟଲାଭ କରୁଛନ୍ତି। ଏଥିସହିତ ୧୫ଟି ଅନ୍ୟାନ୍ୟ ଆସନରେ ଶିଖ୍‌ମାନେ ଉଲ୍ଲେଖନୀୟ ସଂଖ୍ୟାଲଘୁ ଗୋଷ୍ଠୀ ଭାବେ ରହିଥିବାରୁ ସେମାନେ ନିର୍ବାଚନ ସମୀକରଣକୁ ବଦଳାଇ ଦେବାର କ୍ଷମତା ରଖିଛନ୍ତି। ସେଥିପାଇଁ ନିଜର ଭୋଟ୍ ସଂଖ୍ୟା ବଢ଼ାଇବା ନିମନ୍ତେ ଭାରତରେ ଥିବା ଶିଖ୍ ପରିବାର ପ୍ରତି ଟ୍ରୁଡୋଙ୍କ ଦରଦ ରହୁଛି।

କୃଷକ ଆନ୍ଦୋଳନକୁ କାନାଡ଼ା ସମର୍ଥନ କରିଥିବାରୁ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କୂଟନୈତିକ ସ୍ତରରେ ପ୍ରତିଶୋଧ ନେବାକୁ ଚେଷ୍ଟା କରିଛନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଡିସେମ୍ବର ୭ରେ କୋଭିଡ୍-୧୯କୁ ପ୍ରତିହତ କରିବା ପାଇଁ ସାଧାରଣ କୌଶଳ ଅବଲମ୍ବନ କରିବା ସକାଶେ କାନାଡ଼ା ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀରେ ଜୟଶଙ୍କର ଯୋଗ ଦେଇନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରାଜିଲ ଓ ସିଙ୍ଗାପୁର ଏହି ଗୋଷ୍ଠୀରେ ସଦସ୍ୟ ଅଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମଞ୍ଚରୁ ଦୂରେଇ ରହିବା ଭାରତର ବହିର୍ବ୍ୟାପାର ନୀତିର ଅପରିପକ୍ୱତା ବୋଲି କୁହାଯାଇପାରେ। ବିଶ୍ୱ ମଞ୍ଚରେ ଯେଉଁଭଳି ଭାବେ ଭାରତ ବିରୋଧୀ ମନ୍ତବ୍ୟ ପ୍ରକାଶ ପାଉଛି, ସେଥିରେ ବହିର୍ବ୍ୟାପାର ନୀତିକୁ ବିଶ୍ଳେଷଣ କରୁଥିବା ବିଶେଷଜ୍ଞମାନେ ନୈରାଶ୍ୟ ପ୍ରକଟ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଏସବୁ ଭାରତର ନିଜ ଦୋଷ ଯୋଗୁ ଘଟୁଛି। ଆମେରିକା ରାଜନୀତିରେ ଏକ ବିରାଟକାୟ ପରିବର୍ତ୍ତନ ଘଟିଥିବା ହେତୁ ଟ୍ରମ୍ପଙ୍କୁ ସମର୍ଥନ କରୁଥିବା ସବୁ ନେତା ଏବେ ଅଠାକାଠିରେ ପଡ଼ିଯାଇଛନ୍ତି। ଜୋ ବାଇଡେନ୍‌ଙ୍କ ପ୍ରଶାସନ ୨୦ ଜାନୁୟାରୀ ୨୦୨୧ରେ ଦାୟିତ୍ୱ ଗ୍ରହଣ କରିବ। ତା'ପରେ ଆମେରିକାର ବୈଦେଶିକ ନୀତିରେ ଆମୂଳଚୂଳ ପରିବର୍ତ୍ତନ ହେବାର ସମ୍ଭାବନାକୁ ଦେଖି ଜାତିସଂଘ ଭଳି ଅନ୍ୟମାନେ ଦୁଇପାଦ ଆଗକୁ ଯିବାକୁ ଚିନ୍ତା କଲେଣି। ହୁଏତ ସେମାନଙ୍କ ଆକଳନ ସତ୍ୟ ହୋଇପାରେ। ଗୋଟିଏପଟେ ପାକିସ୍ତାନର ଉଗ୍ରବାଦ ମନୋଭାବ ଏବଂ ଅନ୍ୟପଟେ ଚାଇନାର ସିଧାସଳଖ ଭାରତ ବିରୋଧୀ ପଦକ୍ଷେପ ଆସନ୍ତା ଦିନଗୁଡ଼ିକରେ ପରିସ୍ଥିତି ଜଟିଳ କରିପାରେ। କାରଣ ଭାରତକୁ ଘେରିରହିଥିବା ବିରୋଧୀ ଦେଶଗୁଡ଼ିକ ଯଦି କୌଣସି ଅସୁବିଧା ସୃଷ୍ଟି କରନ୍ତି, ତେବେ ଆମେରିକା ନୀରବ ରହି ଅନ୍ୟଆଡ଼େ ଦୃଷ୍ଟି ପକାଇବାକୁ ଚିନ୍ତା କରିପାରେ। ଏହା ହେଉଛି ଭାରତର ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିର ଫଳ ।

# ଓଡ଼ିଶା ପୋଲିସ ଓ ହାଜତ ମୃତ୍ୟୁ



ସବ୍ୟସାଚୀ ଅମିତାଭ

ବର୍ତ୍ତମାନ ସମୟରେ ଓଡ଼ିଶା ପୋଲିସ୍‌ର ଛବି ସଙ୍କଟରେ। ପୁରୀ ଓ ବୀରମିତ୍ରପୁରର ହାଜତ ମୃତ୍ୟୁ ଅଭିଯୋଗ ସରକାରଙ୍କ ତଣ୍ଟିରେ କଣ୍ଟା ହୋଇଲାଗିଛି। ପୁରୀ ହାଜତ ମୃତ୍ୟୁ ଘଟଣାରେ ଚାପରେ ଥିବା ସରକାର ତୁରନ୍ତ ପୁରୀ ଏସ୍‌ପିଙ୍କୁ ବଦଳି କରିଥିଲେ ବି ବିରୋଧୀଙ୍କ ହାତରେ ଏକ ବଡ଼ ଇସ୍ୟୁ ଧରାଇଦେଇଛନ୍ତି। ରାଜ୍ୟର ଅନେକ ସ୍ଥାନରେ ଅନେକ ସମୟରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନଜରକୁ ଆସେ। ସାଧାରଣ ଜନତାଙ୍କ ଆଖିରେ ପୋଲିସ୍‌ର ଛବି ପରିବର୍ତ୍ତନ ପାଇଁ ପୋଲିସ୍ ମୁଣ୍ଡିଆଳ ଓ ସରକାର ଏକାଧିକ କଥା କହୁଥିଲେ ବି ବାସ୍ତବକ୍ଷେତ୍ରରେ ପୋଲିସ୍ ଲୋକଙ୍କ ପାଖରେ ଆସ୍ଥାଭାଜନ ହେବାରେ ସଫଳତା ପାଇପାରିନି। ଆଜି ବି ସାଧାରଣ ଲୋକଟେ ନିଜର ଅଭିଯୋଗ ନେଇ ଥାନାକୁ ଯିବାକୁ ଭୟ କରେ। ଏହାର ଏକମାତ୍ର କାରଣ ହେଉଛି- ପୋଲିସିଆ ଆଦବକାଇଦା, ଥାନାରେ ଖରାପ ବ୍ୟବହାର। ଯଦି ଡିକ୍ସନାରୀରେ ପୋଲିସ୍ ଅର୍ଥ ଖୋଜିବା ତେବେ ପାଇବା: The civil force of a state, responsible for the prevention and detection of crime and the maintenance of public order. ପବ୍ଲିକ୍ ଅର୍ଡର ଅର୍ଥ ହେଲା, ସାଧାରଣ ଲୋକଙ୍କ ଧନ, ଜୀବନ ତଥା ସୁରକ୍ଷାର ଦାୟିତ୍ୱ ପୋଲିସ୍ ଉପରେ ନ୍ୟସ୍ତ। ହେଲେ ଏହା କେତେଦୂର ସତ ତାହା ଉପରେ ବର୍ତ୍ତମାନ ଏକ ବିରାଟ ପ୍ରଶ୍ନବାଚୀ ଲାଗିସାରିଛି।

ଓଡ଼ିଶାରେ ହାଜତ ମୃତ୍ୟୁ କିଛି ନୂଆ କଥା ନୁହେଁ। ଅତୀତ ଦିନଗୁଡ଼ିକରେ ବି ହାଜତ ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ପୋଲିସ୍ ବିବାଦୀୟ ରହିସାରିଛି। ୨୦୧୭ ରେ ସମ୍ବଲପୁର ଜିଲା ଅଇଁଠାପାଲି ଓ ଯାଜପୁର ଜିଲା ଧର୍ମଶାଳା ହାଜତ ମୃତ୍ୟୁ । ୨୦୧୫ରେ ସବୁଠୁ ଅଧିକ ଚର୍ଚ୍ଚା ଓ ବିବାଦ ଘେରରେ ଥିଲା ବରଗଡ଼ର ମାଖୁନ ବାଗ ହତ୍ୟାକାଣ୍ଡ ଓ ୨୦୧୩ରେ ଅନୁଗୋଳ ଜିଲା ଜରପଡ଼ା ଥାନା ହାଜତ ମୃତ୍ୟୁ। ରାଜଧାନୀ ଭୁବନେଶ୍ୱର ମଧ୍ୟ ହାଜତ ମୃତ୍ୟୁରୁ ବାଦ୍ ପଡ଼ିନି। ଏଇ ନିକଟରେ ହାଜତ ନିର୍ଯାତନା ମାମଲାରେ ଓଡ଼ିଶା ମାନବାଧିକାର କମିଶନଙ୍କ ଏକ ନିର୍ଦ୍ଦେଶ ଉଲ୍ଲେଖ କରିବା ଉଚିତ ହେବ। ଘଟଣାଟି ଥିଲା- କେନ୍ଦୁଝର ଜିଲାର। ଏକ ଜମିବାଡି ବିବାଦକୁ ନେଇ ଥାନା ମଧ୍ୟରେ ଜଣେ ଅଭିଯୁକ୍ତଙ୍କୁ ଲାଠିରେ ମାଡ ସହ ଗୋଇଠା ମାରିବା ଘଟଣାରେ ପାଟଣା ଥାନାର ପୂର୍ବତନ ଆଇଆଇସି ସଂଧ୍ୟାରାଣୀ ଜେନାଙ୍କୁ ଦୁଇ ବର୍ଷ ଯାଏ କୌଣସି ଥାନାରେ ଅବସ୍ଥାପିତ ନ କରିବାକୁ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ହାଜତରେ ଅଭିଯୁକ୍ତଙ୍କ ପ୍ରତି ପୋଲିସ୍‌ର ବ୍ୟବହାର କିପରି ରହିବ ସେଥିପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ ରହିଛି। ହେଲେ ଏହି ଗାଇଡ୍‌ଲାଇନ ଅଧିକାଂଶ ଥାନାରେ ପାଳନ କରାଯାଏନି।

ଦେଶ ସ୍ୱାଧୀନ ହେବାର ୩୦ ବର୍ଷ ପରେ ୧୯୭୭ରେ ପୋଲିସ୍ ସଂସ୍କାର ନିମିତ୍ତ ଏକ ଜାତୀୟ ପୋଲିସ୍ କମିଶନ ଗଠନ କରାଯାଇଥିଲା। ଧରମବୀରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଜାତୀୟ ପୋଲିସ୍ କମିଶନ ସରକାରଙ୍କୁ ୧୯୭୯ରୁ ୧୯୮୧ଭିତରେ ୮ଟି ଭାଗରେ ରିପୋର୍ଟ ପ୍ରଦାନ କରିଥିଲେ । ସବିଶେଷ ଅନୁଧ୍ୟାନ ସହ ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିବାରୁ ଏହାର ବିଶେଷ ମହତ୍ତ୍ୱ ଅଛି। ଜାତୀୟ ପୋଲିସ୍ କମିଶନର ପ୍ରଥମ ରିପୋର୍ଟରେ ପୋଲିସ୍ ବିରୋଧରେ ହେଉଥିବା ଅଭିଯୋଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ହାଜତରେ ନିର୍ଯାତନା, ଦୁଷ୍କର୍ମ, ପୋଲିସ୍ ଗୁଳିରେ ଦୁଇ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ନିହତ ହେବା ଇତ୍ୟାଦି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ବାଧ୍ୟତାମୂଳକ ଭାବେ କରାଯିବା ଲାଗି ଏଥିରେ ସୁପାରିସ କରାଯାଇଥିଲା। ପୋଲିସ୍‌ର କାର୍ଯ୍ୟ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଫୌଜଦାରି ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ କମିଶନ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ସ୍ତରରେ କେନ୍ଦ୍ରୀୟ ଆଇନ କମିଶନ ଭଳି ଫୌଜଦାରି ନ୍ୟାୟ ପ୍ରଦାନ କମିଶନ ରୂପକ ବୈଧାନିକ କମିଶନ ଗଠନ ନିମନ୍ତେ ଏହି ରିପୋର୍ଟ ଯୁକ୍ତି ବାଢ଼ିଥିଲେ।

ଦୁର୍ବଳ ଶ୍ରେଣୀର ଜନଗଣଙ୍କୁ ଶୋଷଣ ଓ ଅନ୍ୟାୟରୁ ସୁରକ୍ଷା ପ୍ରଦାନ ସମେତ ପୋଲିସ୍ ଅଧିକାରୀମାନଙ୍କର ପୋଷ୍ଟିଂ, ଅଯଥା ଉଦ୍ଦେଶ୍ୟମୂଳକ ଗିରଫଦାରି ବ୍ୟବସ୍ଥାର ବିଲୋପ, ହ୍ୟାଣ୍ଡକଫ୍ ବ୍ୟବହାର ପାଇଁ ଗାଇଡ୍‌ଲାଇନ, ପୋଲିସ୍ ଥାନାର ଯଥେଷ୍ଟ ପରିମାଣର ଇଂପ୍ରେଷ୍ଟ ଅର୍ଥ ବ୍ୟବସ୍ଥା ଆଦି ସମ୍ପର୍କରେ ଧରମବୀର ପୋଲିସ୍ କମିଶନର ତୃତୀୟ ରିପୋର୍ଟରେ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଫୌଜଦାରି କାର୍ଯ୍ୟବିଧି ଆଇନ ଅନୁସାରେ ପୋଲିସ୍‌ର ଧର୍ତ୍ତବ୍ୟ ଜାମିନ ବିହୀନ ଦଫାରେ ଗିରଫ କ୍ଷମତା ବାଧ୍ୟତାମୂଳକ ନୁହେଁ ବୋଲି ଆବଶ୍ୟକୀୟ ସଂଶୋଧନ ଜରୁରୀ ଥିବା ବିଷୟ ଏହି ରିପୋର୍ଟରେ କୁହାଯାଇଛି। ମଣିଷ ଭଳି ବଞ୍ଚିରହିବା ପାଇଁ ଆବଶ୍ୟକ ପଡୁଥିବା ବିଶେଷ ଉପାଦାନ ମଧ୍ୟରେ ବ୍ୟକ୍ତି ସ୍ୱାଧୀନତା, ମର୍ଯ୍ୟାଦା ଆଦି ଅଧିକାର ଉପରେ ପୋଲିସ୍ ହସ୍ତକ୍ଷେପର ଆଇନଗତ କର୍ତ୍ତୃତ୍ୱ ରହିଛି। ସରଳଭାବେ କହିଲେ, ପୋଲିସ୍‌ର ଗିରଫ କ୍ଷମତା ଅପବ୍ୟବହାର ହେଲେ ମଣିଷର ମର୍ଯ୍ୟାଦା, ବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ ହୁଏ। ଥାର୍ଡ ଡିଗ୍ରୀ ପ୍ରୟୋଗ ହେଲେ ତ ଆହୁରି ସାଂଘାତିକ। ଏଣୁ ପୋଲିସ୍ କମିଶନ ପକ୍ଷରୁ ଏ ସମ୍ପର୍କରେ କୁହାଯାଇଛି ଯେ, ପୋଲିସ୍‌ର ଗିରଫ କ୍ଷମତା ହେଉଛି ଏହି ବ୍ୟବସ୍ଥାର ଦୁର୍ନୀତି ସୃଷ୍ଟି ପାଇଁ ଏକ ମୁଖ୍ୟ ଉତ୍ସ। ଅଯଥା ଓ ବେଆଇନ ଗିରଫଦାରି ନିମନ୍ତେ ଜେଲ ବିଭାଗର ମଧ୍ୟ ଖର୍ଚ୍ଚ ବଢ଼େ ବୋଲି କମିଶନ ପକ୍ଷରୁ କୁହାଯାଇଛି। ଏଣୁ ଗିରଫ କ୍ଷମତା ଉପରେ କଟକଣା ପାଇଁ ସେଥିରେ ଯେଉଁ ପରାମର୍ଶ ଦିଆଯାଇଥିଲା ୯୦ ଦଶକର ମଧ୍ୟଭାଗରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ସେଥିନେଇ ଗାଇଡ୍‌ଲାଇନ ପ୍ରଣୟନ କରାଯାଇଥିଲା। ଡି.କେ. ବସୁ ମାମଲା ଭାବେ ପରିଚିତ ମାମଲାରେ ହାଜତ ନିର୍ଯାତନାର ପ୍ରତିକାର ପାଇଁ ଗିରଫ ମେମୋ, ଗିରଫର କାରଣ ଇତ୍ୟାଦି ସମ୍ପର୍କରେ ଅଭିଯୁକ୍ତଙ୍କର ୧୧ଟି ଅଧିକାରକୁ ସ୍ୱୀକୃତି ଦିଆଯାଇଛି। ଫୌଜଦାରି କାର୍ଯ୍ୟବିଧି ଆଇନର ଧାରା-୪୧ରେ ମଧ୍ୟ ଆବଶ୍ୟକ ସଂଶୋଧନ କରାଯାଇ ୭ ବର୍ଷ ଭିତରେ ଥିବା ଦଣ୍ଡବ୍ୟବସ୍ଥା ମାମଲାରେ ପୋଲିସ୍‌ର ଗିରଫ କ୍ଷମତା ଉପରେ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ବ୍ୟବସ୍ଥା କରାଯାଇଛି। ତଥାପି ଆଜି ମଧ୍ୟ ଅଯଥା ଗିରଫ ଓ ହାଜତ ନିର୍ଯାତନାର ଅଭିଯୋଗ ହ୍ରାସ ପାଇନାହିଁ। ଏହା ହିଁ ବଡ଼ ବିଡ଼ମ୍ବନା !

ଥାନାରେ ପୋଲିସ୍ କର୍ମଚାରୀଙ୍କ ଆଚରଣ ଓ ଉଚ୍ଚାରଣ ସବୁବେଳେ ଗୋଟେ ଚର୍ଚ୍ଚିତ ପ୍ରସଙ୍ଗ। ଥାନାରେ ପୋଲିସ୍ କର୍ମଚାରୀ କିପରି ବ୍ୟବହାର କରନ୍ତି ଭୁକ୍ତଭୋଗୀ ହିଁ ସେକଥା ଜାଣେ। ଗୋଟିଏ ତଥ୍ୟରୁ ଜଣାପଡିଛି, ପାଖାପାଖି ୭୫ ପ୍ରତିଶତ ଲୋକ ଘଟୁଥିବା ଅପରାଧ ବାବଦରେ ପୋଲିସ୍ କମ୍ପ୍ଲେନ୍ କରିବାକୁ ଯାଆନ୍ତି ନାହିଁ। କାରଣ ହେଉଛି, ଥାନାରେ ପୋଲିସିଆ ବ୍ୟବହାର। ଥାନାକୁ ଗଲେ ସାଧାରଣ ଲୋକଟିଏ ପୋଲିସ୍‌ଠାରୁ କି ପ୍ରକାର ବ୍ୟବହାର ପାଏ, ତାହା ସମସ୍ତେ ଭଲ ଭାବେ ଜାଣନ୍ତି। କିଛି ଦିନ ତଳେ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ ପକ୍ଷରୁ ବ୍ୟୁରୋ ଅଫ୍ ପୋଲିସ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ୍ ପାଇଁ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେ ଅନୁସାରେ, ସାରା ଦେଶରେ ବାର୍ଷିକ ୧.୦୮ କୋଟି କମ୍ପ୍ଲେନ୍ ଆସୁଥିଲେ ବି ତା' ଭିତରୁ ମାତ୍ର ୬୦. ୪୧ ଲକ୍ଷ କମ୍ପ୍ଲେନ୍‌ରେ କେସ୍ ରେଜିଷ୍ଟ୍ରୀ ହୋଇଥାଏ। ସେହିପରି ୫୬. ୬ ପ୍ରତିଶତ ଅଭିଯୋଗକାରୀ ବା ପୀଡିତ ବ୍ୟକ୍ତିବିଶେଷ ଥାନାକୁ ଏକାକୀ ଯିବାକୁ ଭୟ କରନ୍ତି। ଏଥିପାଇଁ ସ୍ପଷ୍ଟ କାରଣ ହେଲା- ଖାକି ପ୍ରତି ଭୟ। ୫୭ ପ୍ରତିଶତ ଲୋକଙ୍କ ମତରେ ପୋଲିସ୍ କମ୍ପ୍ଲେନ ଅବା ଅଭିଯୋଗ ଦାଖଲ କରିବା ସମୟରେ ନିଜ ସହ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଥାନାକୁ ନେଇ ଆସିଥାନ୍ତି ଓ ଏଥିପାଇଁ ମୋରାଲ୍ ସପୋର୍ଟକୁ ସେମାନେ କାରଣ ବୋଲି ଦର୍ଶାଇଛନ୍ତି। ସେହିପରି ୩୦.୫ ପ୍ରତିଶତ ଲୋକ ଅପରାଧ ବାବଦରେ ପୋଲିସ୍ ଅଭିଯୋଗ ବେଳେ ଅଧିକ ତଥ୍ୟ ଯୋଗାଇବା ପାଇଁ ଅନ୍ୟ ବ୍ୟକ୍ତିଙ୍କୁ ଥାନାକୁ ସାଙ୍ଗରେ ଆଣି ଆସିଥାନ୍ତି। ୨୧.୯ ପ୍ରତିଶତ ଲୋକ କେବଳ ପୋଲିସ୍ ପ୍ରତି ଥିବା ଡର କାରଣରୁ ଅନ୍ୟ ଲୋକଙ୍କୁ ସାଙ୍ଗରେ ଧରି ଥାନାକୁ ଆସିଥାନ୍ତି। ଏଇ ସର୍ଭେରୁ ସ୍ପଷ୍ଟ ଜଣାପଡୁଛି, ସାଧାରଣ ଲୋକ ଭିତରେ ଖାକିକୁ ନେଇ କି ପ୍ରକାର ଧାରଣା ରହିଛି।

କିଛି ଦିନ ତଳେ ପୋଲିସ୍ ବିଭାଗରେ ମୋ ସରକାର ଆରମ୍ଭ ହେବାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ବଡବଡିଆ ପୋଲିସ୍ ଅଧିକାରୀ ଥାନା ସମ୍ପର୍କରେ ସାଧାରଣ ଲୋକଙ୍କ ଫିଡ୍ ବ୍ୟାକ୍ ନେଉଥିଲେ। ସେତେବେଳେ ଲାଗିଥିଲା ବୋଧେ ପୋଲିସିଆ ରଙ୍ଗଢଙ୍ଗ ବା ଆଦବକାଇଦା ବଦଳିବାକୁ ଯାଉଛି। ପୋଲିସ୍ ବୋଧେ ସତରେ ଲୋକଙ୍କ ବନ୍ଧୁ ହେବାକୁ ଚେଷ୍ଟା କରୁଛି। ହେଲେ ହାଜତ ମୃତ୍ୟୁ ପରି ଘଟଣା ପୋଲିସ୍ ପ୍ରତି ଲୋକଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ପ୍ରଶ୍ନ ଉଠେ- ସମାଜର ରକ୍ଷାକାରୀ ଯଦି ଏମିତି ତେବେ ତା'ଠାରୁ କି ପ୍ରକାର ସୁରକ୍ଷା ଆମେ ପାଇପାରିବା। ଯେଉଁ ସମୟରେ ସରକାର ପୋଲିସ୍ ଓ ପବ୍ଲିକ୍ ଭିତରେ ସମନ୍ୱୟର କଥା କହୁଛନ୍ତି, ମୋ ସରକାର ପରି କନସେପ୍ଟ ପ୍ରଚଳନ କରାଯାଉଛି ସେ ସମୟରେ ଖାକି ପ୍ରତି ଲୋକଙ୍କ ବିଶ୍ୱାସ ଓ ଆସ୍ଥା ନ ରହିବା ଚିନ୍ତାଜନକ ବିଷୟ। ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଉ ଅବା ଆଉ କେବେ ଧୃତରାଷ୍ଟ୍ରଙ୍କ ଭୂମିକାର ପରିଣାମ କେତେ ଭୟଙ୍କର ହୋଇପାରେ ଆମେ ସମ୍ବଲପୁର, କେନ୍ଦ୍ରାପଡା, ନିଆଳି ଆଦି ଅଞ୍ଚଳରେ ଦେଖିସାରିଛୁ। ଲୋକେ ମାତିଲେ କାହାର ନୁହେଁ। ଥାନା ପୋଡିବାଠାରୁ ସାଧାରଣ ସମ୍ପତ୍ତି ନଷ୍ଟ ଯାଏ କେତେ ଘଟଣା ଘଟିଛି। ହେଲେ ଦୁଃଖର କଥା ଆମ ପୋଲିସ୍ କିନ୍ତୁ ଅତୀତରୁ କିଛି ଶିଖିନି। ଏପ୍ରିଲ ପହିଲା ୨୦୧୩ରେ ଆମ ରାଜ୍ୟରେ ପ୍ରଥମ କରି କମ୍ୟୁନିଟି ପୋଲିସିଂ 'ଆମ ପୋଲିସ୍' ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଲକ୍ଷ୍ୟ ଥିଲା- ୧. ସାଧାରଣ ଲୋକ ଓ ପୋଲିସ୍ ଭିତରେ ଥିବା ଦୂରତାକୁ କମ୍ କରିବା, ୨. ସମାଜରେ ପୋଲିସ୍ ପ୍ରତି ଆସ୍ଥା ଯେପରି ସୃଷ୍ଟି ହୋଇପାରିବ, ୩. ସମାଜର ଏକ ପ୍ରମୁଖ ଅଙ୍ଗ ଭାବେ ପୋଲିସ୍ ବ୍ୟବସ୍ଥାକୁ ଗଢିତୋଳିବା, ୪. ସାଧାରଣ ଲୋକ ଓ ପୋଲିସ୍ ଭିତରେ ପାରସ୍ପରିକ ସହଯୋଗ ଓ ବୁଝାମଣା, ୫. ଅପରାଧ ନିୟନ୍ତ୍ରଣ। ଏଇ କନସେପ୍ଟ ଦ୍ୱାରା ଲୋକେ କେତେ ପୋଲିସ୍‌ର ନିକଟବର୍ତ୍ତୀ ହୋଇଛନ୍ତି ବା ସେମାନଙ୍କର ପୋଲିସ୍ ପ୍ରତି ଆସ୍ଥା ବଢିଛି ତାହା ସନ୍ଦେହରେ। କାରଣ ପୋଲିସ୍ ପ୍ରତି ସାଧାରଣରେ ଧାରଣା ଏ ଯାଏ ବଦଳିନି।

ସବ୍ୟସାଚୀ ଅମିତାଭ, ଭୁବନେଶ୍ୱର,
ମୋ- ୯୪୩୮୨୯୬୫୧୯

# ସନ୍ତାନ ପାଳନରେ ସମଦାୟିତ୍ୱ



ଡା. ଶୁଭଶ୍ରୀ ମିଶ୍ର

ଭାରତରେ ଏକତୃତୀୟାଂଶ ଶିଶୁଙ୍କର ପୁଷ୍ଟିହୀନତା ସମସ୍ୟା ଥିବାବେଳେ ନିକଟରେ ରାଜ୍ୟ ସଭା ମାତୃତ୍ୱ ବିଲ୍‌ରେ ସଂଶୋଧନକୁ ଅନୁମୋଦନ କରିଥିବାରୁ ସନ୍ତାନ ଜନ୍ମ ପାଇଁ ମହିଳାମାନଙ୍କୁ ଚାକିରି କ୍ଷେତ୍ରରେ ପୂର୍ବର ୧୨ ସପ୍ତାହ ଛୁଟି ବଦଳରେ ୨୬ ସପ୍ତାହ ଛୁଟି ମିଳିବା ଖୁସିର କଥା। ଏହି ପଦକ୍ଷେପର ଲକ୍ଷ୍ୟ ହେଲା ଶିଶୁମାନଙ୍କୁ ଅଧିକ ଦିନ ମାଆ କ୍ଷୀର ଦେବା ଓ ସେମାନଙ୍କର ପୁଷ୍ଟିହୀନତା ଦୂର କରିବା। ପ୍ରକୃତି ଦେଇଥିବା ସୁବିଧା ଅନୁସାରେ ଜନ୍ମ ପରେ ୬ମାସ ଯାଏ ଶିଶୁ ଯଦି ମାଆ କ୍ଷୀର ପାଇଲା ତେବେ ତାହା ଦ୍ୱାରା ତା'ର ଅନେକ ମୌଳିକ ଆବଶ୍ୟକତା ପୂରଣ ହେବ। ତାହା ମଧ୍ୟ ସବୁଠାରୁ ସହଜ ଓ ଖର୍ଚ୍ଚବିହୀନ ପଦକ୍ଷେପ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦର୍ଶାଇଛି ଯେ, ଯଦି ଦେଶରେ ପିଲାଙ୍କୁ ମାଆ କ୍ଷୀର ଦେବାର ବ୍ୟବସ୍ଥା ହୋଇପାରିବ ତେବେ ଶିଶୁ ମୃତ୍ୟୁକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ୫ବର୍ଷରୁ କମ୍ ବୟସର ୮ଲକ୍ଷ ଶିଶୁଙ୍କୁ ବଞ୍ଚାଯାଇପାରିବ। ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ସଂକ୍ରମିତ ସମସ୍ୟା ଯୋଗୁ ଶିଶୁ ମୃତ୍ୟୁର ଯେଉଁ ଆଶଙ୍କା ରହୁଛି ତାହା ମୁଖ୍ୟତଃ ମୋଟେ ମାଆ କ୍ଷୀର ପାଉ ନ ଥିବା ବା ଆଂଶିକ ଭାବେ ତାହା ପାଉଥିବା ଶିଶୁଙ୍କ କ୍ଷେତ୍ରରେ ଘଟୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର କର୍ମଜୀବୀ ମହିଳାଙ୍କୁ ସନ୍ତାନ ଜନ୍ମ ସମୟରେ ଅଧିକ ଦିନ ଛୁଟିଦେବା ଲାଗି ନେଇଥିବା ପଦକ୍ଷେପ ଆବଶ୍ୟକ ଥିଲା ବୋଲି କୁହାଯାଇପାରେ। ଅବଶ୍ୟ ତା'ସାଙ୍ଗକୁ ଆଧୁନିକ ସମାଜରେ ମାଆକ୍ଷୀର ଦେବା ପରମ୍ପରାକୁ ଅନେକ କ୍ଷେତ୍ରରେ ଯେପରି ନିରୁତ୍ସାହିତ କରାଯାଉଛି ତାହା ମଧ୍ୟ ବଦଳିବା ଦରକାର। ମାଆମାନେ ସ୍ୱତଃପ୍ରବୃତ୍ତ ଭାବେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ତନ୍ୟପାନର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କେନ୍ଦ୍ର ସରକାର ମାଆମାନଙ୍କ ପାଇଁ ଅଧିକ ଦିନ ଛୁଟିର ବ୍ୟବସ୍ଥା କରିଥିବା ଶିଶୁକଲ୍ୟାଣ ଦୃଷ୍ଟିରୁ ଯେପରି ସ୍ୱାଗତଯୋଗ୍ୟ ସେହି ବିଚାର ପିତୃତ୍ୱ ଲାଭ କରୁଥିବା ପୁରୁଷଙ୍କ ପାଇଁ ବି ଆବଶ୍ୟକ ହେଲାଣି। ଆଧୁନିକ ସମାଜରେ ଏହାର ଯଥାର୍ଥତା ବେଶି। କିନ୍ତୁ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପିତୃତ୍ୱ ଛୁଟିର ସମୟ ୨ ସପ୍ତାହ। ଘରୋଇ ଉଦ୍ୟୋଗ ପାଇଁ ଏପରି ବ୍ୟବସ୍ଥା ନାହିଁ। ଅବଶ୍ୟ ଭାରତରେ ଅନେକ କମ୍ପାନୀ ପିତୃତ୍ୱ ଛୁଟି ଓ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଛୁଟିର ବ୍ୟବସ୍ଥା କଲେଣି। ମର୍କର ବିଶ୍ୱ ପିତୃତ୍ୱ ଛୁଟି ରିପୋର୍ଟ ୨୦୧୯ ଅନୁସାରେ ପୃଥିବୀରେ ୩୮ ପ୍ରତିଶତ କମ୍ପାନୀ ସର୍ବନିମ୍ନ ପିତୃତ୍ୱ ଛୁଟିସୀମାଠାରୁ ଅଧିକ ଛୁଟି ପିତାଙ୍କୁ ଦେଉଛନ୍ତି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏପରି ଛୁଟି ୪୧ % କମ୍ପାନୀ ଦେଉଛନ୍ତି। ପିତୃତ୍ୱ ଛୁଟିକୁ ଗୁରୁତ୍ୱ ଦେଉଥିବା ପ୍ରଥମ ଦେଶଗୁଡ଼ିକ ମଧ୍ୟରେ ଭାରତ, ଯେଉଁଠାରେ ଗତ କିଛିବର୍ଷରେ କମ୍ପାନୀଗୁଡ଼ିକରେ ଏହି ଛୁଟିର ଗୁରୁତ୍ୱ ବଢ଼ିଛି। ଅବଶ୍ୟ ଏଥିପାଇଁ ବେଶିଦିନ ଛୁଟି ମିଳୁନାହିଁ। ଯୁକ୍ତି ହେଉଛି ମାତୃତ୍ୱ ଛୁଟି ସାଙ୍ଗକୁ ପିଲାର ବାପାଙ୍କୁ ବି ମାଆପରି ନ ହେଲେ ବି ଅଧିକ ଦିନ ଛୁଟି ଦିଆଯିବା ଉଚିତ। ଅବଶ୍ୟ ଭାରତର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚରାଗଲାବେଳେ ସେ ଯୁକ୍ତି କରିଛନ୍ତି ଯେ ପିତୃତ୍ୱ ଛୁଟି ଦିଆଗଲେ ତା'ର ଦୁରୁପଯୋଗ ହେବ। ପୁରୁଷ ଲୋକେ କେବଳ ଦରମା ପାଇ ଛୁଟି କଟାଇବେ। କିନ୍ତୁ ସେ ବୁଝିବା ଉଚିତ ଭାରତୀୟ ସମାଜ ବ୍ୟବସ୍ଥାରେ ବେଶ୍ ପରିବର୍ତ୍ତନ ହେଲାଣି। ଯୌଥ ପରିବାର ବଦଳରେ ଏକକ ପରିବାରର ବ୍ୟବସ୍ଥା ବଢ଼ିଲାଣି। ସହରାଞ୍ଚଳ ଅର୍ଥ ସ୍ୱାମୀ ସ୍ତ୍ରୀ ଓ ପିଲା। ସହରାଞ୍ଚଳରେ ଆର୍ଥିକ ଆବଶ୍ୟକତା ଦୃଷ୍ଟିରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ରୋଜଗାର କରିବା ଆବଶ୍ୟକ ହେଉଛି। ତାହା ମଧ୍ୟ ଯଥାର୍ଥ। ଏପରି ପରିବାରଗୁଡ଼ିକରେ ପୁରୁଷମାନେ ବି ଘରର ଅନେକ ଦାୟିତ୍ୱ ତୁଲାଉଛନ୍ତି, ଯାହା ପାଶ୍ଚାତ୍ୟ ସମାଜରେ ରହିଛି। ଏଣୁ ଜନ୍ମ ପରେ ସନ୍ତାନ ଲାଳନପାଳନର ଦାୟିତ୍ୱ ଯେ ପୂର୍ବପରି କେବଳ ମାଆ ଉପରେ ଛାଡ଼ି ଦିଆଯିବ ସେ ଯୁକ୍ତି ଠିକ୍ ନୁହେଁ। ଯେଉଁ ଏକକ ପରିବାରଗୁଡ଼ିକରେ ସନ୍ତାନ ଜନ୍ମ କରିଥିବା ମହିଳାଙ୍କୁ ସାହାଯ୍ୟ କରିବା ଲାଗି କେହି ନାହାନ୍ତି ସେଠାରେ ପିତୃତ୍ୱ ଛୁଟିର ଆବଶ୍ୟକତା ବେଶ୍ ଅଧିକ।

ମାଆ ପାଇଁ ଛଅମାସ ଛୁଟିର ବ୍ୟବସ୍ଥା ଯଦି କରାଯାଉଛି ତେବେ ତା' ସାଙ୍ଗକୁ ପିତୃତ୍ୱ ଛୁଟି ତିନି ମାସ ପାଇଁ ଦିଆଯାଇପାରେ। ଆଗରୁ ଯୌଥ ପରିବାରରେ ସନ୍ତାନର ଲାଳନପାଳନରେ ପରିବାରର ସମସ୍ତେ ସାହାଯ୍ୟ କରୁଥିଲେ। ଏବେ ସେ ସୁବିଧା କ୍ୱଚିତ୍ ମିଳୁଛି। ଯଦି ସହରରେ ଥିବା ଏକକ ପରିବାରକୁ ଏହି ସମୟରେ ସାହାଯ୍ୟ କରିବା ପାଇଁ ମାଆ ବାପା ବା କେହି ଆତ୍ମୀୟ ଆସୁଛନ୍ତି ତେବେ ହୁଏତ ସନ୍ତାନ ଜନ୍ମ କରିଥିବା ମହିଳା କିଛି ସାହାଯ୍ୟ ପାଉଛନ୍ତି। ନଚେତ ସବୁ ଦାୟିତ୍ୱ ମାଆ ଉପରେ ପଡୁଛି। କେନ୍ଦ୍ର ସରକାର ଯେଉଁ ନିୟମ କଲେ ତାହା ମାଆ ତା'ର ପିଲାକୁ ଅଧିକ ଦିନ ନିଜ କ୍ଷୀର ଦେବାର ଆବଶ୍ୟକତାକୁ ପୂରଣ କରିବ। କିନ୍ତୁ ଶିଶୁ ଜନ୍ମ ପରେ ଉଭୟ ମାଆ ଓ ପିଲା ପାଇଁ ବେଳେ ବେଳେ ଯେଉଁ ସମସ୍ୟା ଉପୁଜେ ସେଥିଲାଗି ଅଧିକ ଦିନ ପିତୃତ୍ୱ ଛୁଟିର ଆବଶ୍ୟକତା ରହିଛି। ଏବେ ଅନେକ ସଂସ୍ଥା ମହିଳାଙ୍କୁ ନିଯୁକ୍ତି ଦେବାକୁ ପଛାଉଛନ୍ତି। କାରଣ ସନ୍ତାନ ଜନ୍ମ ପାଇଁ ମହିଳା କର୍ମଚାରୀଜଣକ ଛୁଟି ନେବେ ବା ସନ୍ତାନ ଲାଳନପାଳନ ଲାଗି ନିଜ କାମକୁ ବେଳେବେଳେ ଏଡ଼ାଇଯିବେ। ପିତୃତ୍ୱ ଛୁଟି ରହିଲେ ପୁରୁଷ ଓ ମହିଳା କର୍ମଚାରୀଙ୍କ ମଧ୍ୟରେ ତାରତମ୍ୟ କମିବ। ସନ୍ତାନ ଉଭୟ ପିତାମାତାଙ୍କର ଜୈବିକ ପ୍ରତିନିଧିତ୍ୱ କରୁଥିବାବେଳେ ଦୁହେଁ ତା'ର ଲାଳନପାଳନରେ ମୂଳରୁ ଭାଗୀଦାର ହେବା ଉଚିତ ନୁହେଁ କି?

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ , ମୋ:୯୮୬୧୪୬୩୪୦୬

## ଏଇ ଭାରତରେ

ଅଦରକାରୀ ଜିନିଷର ସଦୁପଯୋଗ କରି ଶୌଚାଳୟ ସମସ୍ୟାର ସମାଧାନ କରୁଛନ୍ତି ହାଇଦ୍ରାବାଦର ଅଭିଷେକ ନାଥ। ପୁରୁଣା ଶିପ୍ କଣ୍ଟେନର ଉପଯୋଗ କରି ସେ ଉନ୍ନତ ଜ୍ଞାନକୌଶଳରେ ୨୦୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରିଛନ୍ତି,ଯାହା ପୂତିଗନ୍ଧମୟ ପରିବେଶ ଦୂର କରିପାରୁଛି। ଏଥିରେ ସେ ସେନ୍‌ସର ଲଗାଇଛନ୍ତି, ଯାହା ଦୁର୍ଗନ୍ଧ ଆରମ୍ଭ ହେବା କ୍ଷଣି ଜଣାଇ ଦେଉଛି। ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ଅଲଗା ଅଲଗ ଶୌଚାଳୟ କରାଯାଇଛି। କଣ୍ଟ୍ରୋଲ ରୁମ୍‌ରୁ ଏହାର ସୁପରିଚାଳନା ପାଇଁ ଦିନରାତି ଏକ ଟିମ୍ ଲାଗିଛନ୍ତି। କଣ୍ଟେନରର ୱାଲ୍‌ରେ ଭର୍ଟିକାଲ ଗାର୍ଡେନରେ ସୁବାସିତ ଫୁଲ ଓ ଆକର୍ଷଣୀୟ ଗଛ ଲଗାଇଛନ୍ତି। ଏହାକୁ ଲୋକମାନେ ମାଗଣାରେ ବ୍ୟବହାର କରୁଛନ୍ତି। ଏଣୁ ଶୌଚାଳୟ ପରିଚାଳନାରେ ଆବଶ୍ୟକ ହେଉଥିବା ପାଣ୍ଠି ଯୋଗାଡ କରିବା ଲାଗି ସେ ସେଥିରେ କାଫେ କରିଛନ୍ତି। ଏଠାରେ ଲୋକମାନଙ୍କ ପାଇଁ ପାନୀୟ ଓ ସ୍ନାକ୍ସ ବ୍ୟବସ୍ଥା ବି କରାଯାଇଛି। ଶିପ କଣ୍ଟେନର୍‌ରେ ନିର୍ମିତ ଶୌଚାଳୟକୁ ସହରର ବିଭିନ୍ନ ସ୍ଥାନରେ ରଖିଛନ୍ତି। ଦିନକୁ ୨୦୦ରୁ ୧୫୦୦ ଲୋକ ବ୍ୟବହାର କରୁଛନ୍ତି। ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ ତାଙ୍କୁ ସ୍ଥାନ ଯୋଗାଇ ଦେବାପରେ ସେ କଣ୍ଟେନରକୁ ସେଠାରେ ସ୍ଥାପନ କରୁଛନ୍ତି। ବସ୍‌ଷ୍ଟାଣ୍ଡ ଓ ଏୟାରପୋର୍ଟ ନିକଟରେ ଏହାକୁ ବେଶି ରଖୁଛନ୍ତି। ଏଥିରୁ ଅନେକରେ ସୌରଶକ୍ତି ବ୍ୟବସ୍ଥା କରାଯାଇଛି। ଲୋକମାନେ ଅନ୍ୟ ପବ୍ଲିକ ଶୌଚାଳୟ ଛାଡ଼ି ଏହାକୁ ବେଶି ବ୍ୟବହାର କରୁଛନ୍ତି ବୋଲି କହନ୍ତି ୪୦ ବର୍ଷୀୟ ଅଭିଷେକ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୯୫

- ଶ୍ରୀଲଙ୍କାର ପୂର୍ବାଞ୍ଚଳ ଜିଲା ବାଟିକାଲୋଆରେ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୨୩ ସୈନ୍ୟ ନିହତ।
- ଭାରତୀୟ ବିଜ୍ଞାନ କଂଗ୍ରେସ ଆସୋସିଏଶନ (ଆଇଏସ୍‌ସିଏ) ପକ୍ଷରୁ କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କୁ ଜବାହରଲାଲ୍ ନେହେରୁ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରୀ ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।
-(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | D | 1 | | | | 8 | | 9 | 6 | 2 | |
| B | 9 | | 0 | 6 | | 8 | | | 4 | | | 3 | | |
| | | 7 | | A | | | 1 | 0 | | | | | | |
| | E | | | 4 | 8 | | | 7 | | | D | | | |
| | | | E | | | A | 6 | | | | B | C | | |
| A | | | 4 | | 2 | 3 | D | | | | E | | | |
| | | | 6 | E | | | | B | | D | 0 | 9 | | |
| | D | 0 | | | | C | 8 | | | | | | | |
| | 5 | | B | | | 4 | | 6 | | | | A | 1 | D |
| 3 | | | | | | | | E | | | | | | 2 |
| | | 5 | | C | 3 | | 2 | 4 | | | | | E | 6 |
| 4 | 1 | 9 | | | | 5 | | | | | 7 | | D | B |
| | | | | | | | | | | | 1 | | | 9 |
| | | | 5 | 9 | | 6 | A | | | | | 2 | 7 | |
| 6 | A | | | B | E | | | 9 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | A | 4 | B | 7 | 9 | 3 | C | D | 5 | 6 | 8 | 1 | E |
| B | 8 | 1 | E | 3 | D | 7 | 4 | 2 | C | 0 | 9 | 5 | 6 | A |
| 5 | 6 | 7 | 2 | 9 | C | 8 | 1 | E | A | 4 | B | D | 3 | 0 |
| C | 3 | D | 1 | 8 | 0 | 6 | A | 5 | 7 | 2 | E | 9 | 4 | B |
| 9 | 4 | E | A | 5 | 6 | D | 0 | B | 3 | 8 | 1 | 2 | 7 | C |
| 8 | D | B | 5 | 7 | 1 | 2 | C | 3 | 9 | A | 0 | 4 | E | 6 |
| 6 | A | 2 | D | 4 | 8 | E | 7 | 9 | 1 | 3 | C | B | 0 | 5 |
| 0 | E | 9 | 6 | A | B | 5 | 8 | 1 | 2 | 7 | 4 | C | D | 3 |
| 7 | C | 5 | 0 | E | 3 | A | D | 4 | 6 | B | 8 | 1 | 9 | 2 |
| 3 | 1 | 4 | C | 2 | 9 | B | 6 | 0 | E | D | 5 | 7 | A | 8 |
| 1 | B | 0 | 9 | C | 2 | 3 | 5 | D | 4 | E | A | 6 | 8 | 7 |
| E | 5 | 6 | B | 0 | 4 | 1 | 9 | 7 | 8 | C | 3 | A | 2 | D |
| A | 7 | 3 | 8 | D | 5 | 4 | B | 6 | 0 | 9 | 2 | E | C | 1 |
| D | 9 | 8 | 3 | 1 | E | C | 2 | A | B | 6 | 7 | 0 | 5 | 4 |
| 4 | 2 | C | 7 | 6 | A | 0 | E | 8 | 5 | 1 | D | 3 | B | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିବିଆଇ ତଦନ୍ତ ହେଉ

ମହାଶୟ,

ନୟାଗଡ଼ ଜିଲାର ପରୀ ଅପମୃତ୍ୟୁ ଘଟଣା ହେଉଛି ଏକ ଯୋଜନାବଦ୍ଧ ତଥା ପୈଶାଚିକ ଉଦ୍ଦେଶ୍ୟ ପ୍ରଣୋଦିତ ହତ୍ୟାକାଣ୍ଡ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ଜିଲାରେ ଅଙ୍ଗ ଚୋରି ର୍‍ୟାକେଟ୍ ଚଳାଉଥିବା କେତେକ ହୀନଘୃଣ୍ୟ ପୈଶାଚିକ ପ୍ରବୃତ୍ତିର କୁଜିନେତା ଓ ଦଲାଲ ଏହି ଦୁଃଖଦ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଯଦିଓ ସମ୍ପୃକ୍ତ ଅପରାଧୀମାନଙ୍କୁ ଧରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳକୁ ଦାୟିତ୍ୱ ଦେଇଛନ୍ତି, ତଥାପି ଏହାର ନିରପେକ୍ଷତା ଉପରେ ବିରୋଧୀ ଦଳର ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀ ନେତାଙ୍କ କହିବାନୁସାରେ ରାଜ୍ୟ ସରକାରଙ୍କ ଅଧୀନସ୍ଥ ହୋଇଥିବାରୁ ଏସ୍ଆଇଟି ତଦନ୍ତ କଦାପି ନିରପେକ୍ଷ ହେବ ନାହିଁ ଏବଂ ସମ୍ପୃକ୍ତ ଅପରାଧୀମାନେ ଖସିଯିବେ। ସେହି ଦୃଷ୍ଟିରୁ ସେ ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିଦେବା ଉଚିତ। ଏନ୍‌ସିବି ତଥ୍ୟ ଅନୁସାରେ ଆମ ରାଜ୍ୟରେ ବର୍ତ୍ତମାନ ପ୍ରାୟ ୬୦୦୦ ଲୋକ ନିଖୋଜ ଅଛନ୍ତି, ଯାହା କି ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ପ୍ରସଙ୍ଗ । ସୁତରାଂ, ଏସବୁ ଘଟଣାର ପର୍ଦ୍ଦାଫାଶ ପାଇଁ ରାଜ୍ୟ ସରକାର ସିବିଆଇକୁ ଅନୁମତି ପ୍ରଦାନ କରିବା ଉଚିତ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡ଼ି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୦୦୦ କୋଟିର ରିଫଣ୍ଡ ଦେଇଛି ଇଣ୍ଡିଗୋ**

ପ୍ରମୁଖ ବିମାନ ସେବା ଯୋଗାଣକାରୀ କମ୍ପାନୀ ଇଣ୍ଡିଗୋ ଏହାର ଯାତ୍ରୀଙ୍କୁ ୧ ହଜାର କୋଟି ଟଙ୍କାର ରିଫଣ୍ଡ ଜାରି କରିଛି। ଏହା କମ୍ପାନୀର ମୋଟ ରିଫଣ୍ଡର ପ୍ରାୟ ୯୦% ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଣଜୟ ଦତ୍ତ କହିଛନ୍ତି। ସେ କହିଛନ୍ତି, ଅକସ୍ମାତ କୋଭିଡ୍ ସମସ୍ୟା ସୃଷ୍ଟି କରିବାକୁ ବିମାନ ଶିଳ୍ପକୁ ଅନେକ ସମସ୍ୟା ସାମ୍ନା କରିବାକୁ ପଡିଛି। କମ୍ପାନୀଗୁଡିକ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଅର୍ଥ ଆସିବା ବନ୍ଦ ହୋଇଯିବା ଫଳରେ ରିଫଣ୍ଡ ଦେବାରେ ସମସ୍ୟା ଉପୁଜିଥିଲା।

## ସଂକ୍ଷେପରେ

### ଘର କ୍ରେତାଙ୍କ ସମସ୍ୟା ଦୂରକରିବ ରେରା: ମୋଦି



**ଲକ୍ଷ୍ନୌ,୭।୧୨:** ବିଲ୍ଡର ଏବଂ ଘର କିଣୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବିଶ୍ୱାସ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଛି। ଏଭଳି ବିଭିନ୍ନ ଆନୁଷଙ୍ଗିକ ସମସ୍ୟା ଦୂରକରିବା ଲାଗି ରିଅ୍ୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ରେରା) ଗଠନ କରାଯାଇଛି। ଏହା ଘର କିଣୁଥିବା ବ୍ୟକ୍ତିବିଶେଷଙ୍କ ସମସ୍ୟା ଦୂରକରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଭିଡିଓକନ୍‌ଫରେନ୍ସ ଯୋଗେ ଆଗ୍ରା ମେଟ୍ରୋ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଶୁଭାରମ୍ଭ କରି ମୋଦି କହିଛନ୍ତି, କିଛି ଖରାପ ପ୍ରବୃତ୍ତି ରଖୁଥିବା ଲୋକଙ୍କ ପାଇଁ ସମଗ୍ର ରିଅ୍ୟଲ ଇଷ୍ଟେଟ କ୍ଷେତ୍ର ନାମ ବଦନାମ ହେଉଛି। ଏ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଯୋଗୁ ଦେଶର ମଧ୍ୟବିତ୍ତ ବର୍ଗଙ୍କୁ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡୁଛି। ରେରା ଲାଗୁହେବା ପରେ ରିଅ୍ୟଲ ଇଷ୍ଟେଟ କ୍ଷେତ୍ରର ବିଭିନ୍ନ ସମସ୍ୟା ସମାଧାନ ତ୍ୱରିତ ହୋଇଛି। ସହରରେ ଲୋକଙ୍କ ଜୀବନକୁ ସରଳ କରିବା ଲାଗି ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ସରକାର ହାତକୁ ନେଉଥିବା ସେ କହିଛନ୍ତି। ଅତ୍ୟାଧୁନିକ ପବ୍ଲିକ ଟ୍ରାନ୍ସପୋର୍ଟଠାରୁ ଆରମ୍ଭକରି ହାଉସିଂ ଯାଏ ବିଭିନ୍ନ ଦିଗକୁ ଧ୍ୟାନରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ ଗରିବଙ୍କୁ ସହାୟତା ଯୋଗାଇଦେବା ଲାଗି ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଇଛି। ସହରାଞ୍ଚଳରେ ୧୨ ଲକ୍ଷ ମଧ୍ୟବିତ୍ତ ପରିବାରଙ୍କୁ ଘର କ୍ରୟରେ ସହାୟତା ଯୋଗାଇଦେବା ଲାଗି ସରକାର ୨୮ ହଜାର କୋଟି ଟଙ୍କା ସୁବିଧା କରିଛନ୍ତି। ଅମୃତ ଯୋଜନାରେ ଜଳ ଏବଂ ସ୍ୱେରେଜ ଭିତ୍ତିଭୂମି ନିର୍ମାଣ ଏବଂ ଅତ୍ୟାଧୁନିକ ଉପାୟରେ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବ୍ୟବସ୍ଥା ହାତକୁ ନିଆଯାଇଛି ବୋଲି ମୋଦି ମତ ରଖିଛନ୍ତି।

### ୟୁନିଟେକ୍ ଏମ୍‌ଡିଙ୍କ ବିରୋଧରେ ସିବିଆଇ ମାମଲା

**ନୂଆଦିଲ୍ଲୀ,୭।୧୨:** କାନାରା ବ୍ୟାଙ୍କ ଠକେଇ ମାମଲାରେ ୟୁନିଟେକ୍ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସଞ୍ଜୟ ଚନ୍ଦ୍ରାଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମାମଲା ରୁଜୁ କରିଛି। ଏହି ମାମଲାରେ ସଞ୍ଜୟଙ୍କ ପିତା ରମେଶ ଏବଂ ଭାଇ ଅଜୟଙ୍କୁ ମଧ୍ୟ ସିବିଆଇ ତଦନ୍ତ ପରିସରଭୁକ୍ତ କରିଛି। ଏମାନେ କାନାରା ବ୍ୟାଙ୍କରୁ ୧୯୮ କୋଟି ଟଙ୍କାର ଠକେଇ କରିଛନ୍ତି। ଏହି ମାମଲାରେ ସିବିଆଇ ଚନ୍ଦ୍ରାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପ୍ରାୟ ୪୩ ମାସ ତିହାର ଜେଲରେ ରହିବା ପରେ ସଞ୍ଜୟ ଚନ୍ଦ୍ରା ନିକଟରେ ଜାମିନରେ ଆସିଥିଲେ। ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ନିକଟରେ ତାଙ୍କୁ ଏଭଳି ଜାମିନ ଦେଇଥିଲେ। ୟୁନିଟେକ୍ ବିରୋଧରେ ସିବିଆଇ, ଇଡି ଏବଂ ଦିଲ୍ଲୀ ପୋଲିସ ଭଳି ଏଜେନ୍ସିଗୁଡିକ ବର୍ତ୍ତମାନ ତଦନ୍ତ ଜାରି ରଖିଛନ୍ତି। ୨ଜି ସ୍ପେକ୍ଟ୍ରମ ଆଲୋକେଶନ କ୍ଷେତ୍ରରେ ମଧ୍ୟ ଚନ୍ଦ୍ରାଙ୍କର ଭୂମିକା ରହିଥିବା ଅଭିଯୋଗ ଆସିଛି। କର୍ପୋରେଟ ଏବଂ ପର୍ସନାଲ ଗ୍ୟାରେଣ୍ଟିରେ ଚନ୍ଦ୍ରା କାନାରା ବ୍ୟାଙ୍କରୁ ଋଣ ନେଇଥିଲେ। ମାତ୍ର ବଜାରରେ ହାଉସିଂ ଚାହିଦା କମିବାରୁ କମ୍ପାନୀ ଋଣ ଶୁଝିବାରେ ବିଭିନ୍ନ ସମସ୍ୟା ସାମ୍ନା କରିଥିଲା।

# ରେକର୍ଡ ସ୍ତରରେ ପୁଞ୍ଜିବଜାର

**ନୂଆଦିଲ୍ଲୀ,୭।୧୨**

ଦେଶର ପୁଞ୍ଜିବଜାର କାରବାର ସୋମବାର ରେକର୍ଡ ସ୍ତରରେ ରହିଛି। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ଉଚ୍ଚ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ଘରୋଇ

**୩୪୭ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

ପୁଞ୍ଜିବଜାରକୁ ବିଦେଶୀ ପୁଞ୍ଜି ପ୍ରବାହ ଉନ୍ନତ ହେବାରୁ ଷ୍ଟକ୍ ବଜାରରେ ଏହାର ଉତ୍ସାହ ପରିଲକ୍ଷିତ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୪୫,୪୫୯ ପଏଣ୍ଟ ସ୍ତର ଛୁଇଁଥିଲା। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୩୪୭ ପଏଣ୍ଟ ବା ୦.୭୭% ଉର୍ଦ୍ଧ୍ୱରେ ରହି ୪୫,୨୨୭



ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୯୭ ପଏଣ୍ଟ ବା ୦.୭୩% ଉଚ୍ଚରେ ରହିବା ଯୋଗୁ ୧୩,୩୫୫ ସ୍ତରରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ଓଏନ୍‌ଜିସି, ଭାରତୀ ଏୟାରଟେଲ, ହିନ୍ଦୁସ୍ଥାନ ୟୁନିଲିଭର, ଆଇଟିସି, ଏଚ୍‌ଡିଏଫସି ଏବଂ ଏସ୍‌ବିଆଇ ରହିଛି। ଏମାନଙ୍କ ଶେୟାର କାରବାର ପ୍ରାୟ ୩.୨୮% ବଢିଛି। ଅପରପକ୍ଷରେ କୋଟାକ ବ୍ୟାଙ୍କ, ନେସ୍‌ଲେ ଇଣ୍ଡିଆ, ବଜାଜ ଫାଇନାନ୍ସ, ମାରୁତି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର କାରବାର ୧.୩୯% ଖସିଛି।

ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ପିଏସ୍‌ୟୁ ବ୍ୟାଙ୍କ, ଫାର୍ମା, ମିଡିଆ ଏବଂ ଏଫ୍‌ଏମ୍‌ସିଜି ଶେୟାର ୨.୭୯% ବଢିଛି। ବଜାରର ଅଭିବୃଦ୍ଧି ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ନିବେଶକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ସେହିଭଳି ଅଭିବୃଦ୍ଧିକୁ ଫେରାଇ ଆଣିବା ଲାଗି ରିଜର୍ଭ ବ୍ୟାଙ୍କର ପଦକ୍ଷେପ ଉପରେ ନିବେଶକ ବେଶ୍ ଆଶାବାଦୀ ରହିଛନ୍ତି। ବଜାରରେ ନକାରାତ୍ମକ ପ୍ରଭାବ କମ୍ ରହିବା ଯୋଗୁ ନିବେଶକମାନେ ନିବେଶ ନେଇ ବେଶ୍ ଆଗଭର ହେଉଛନ୍ତି। ବିଦେଶୀ ନିବେଶକମାନେ ବଜାରରେ ନେଟ୍ ନିବେଶରେ ଉନ୍ନତ ସ୍ଥାନରେ ରହିଛନ୍ତି। ଏମାନେ ଶୁକ୍ରବାର ୨,୯୬୯ କୋଟି ଟଙ୍କା ନିବେଶ କରିଛନ୍ତି।

## ଏପ୍ରିଲରେ ଉଡ଼ିପାରେ ଜେଟ୍ ଏୟାର





**ନୂଆଦିଲ୍ଲୀ, ୭।୧୨:** ଦେବାଳିଆ ହୋଇଯାଇଥିବା ବିମାନ କମ୍ପାନୀ ଜେଟ୍ ଏୟାରୱେଜ ପୁଣି ଥରେ ଉଡ଼ାଣ ଭରିବା ଲାଗି ପ୍ରସ୍ତୁତ ହେଉଛି। ଏହି କମ୍ପାନୀ ଆସନ୍ତା ଗ୍ରୀଷ୍ମ ସମୟ ସୁଦ୍ଧା ପୁଣି ଥରେ ବିମାନ ସେବା ଯୋଗାଇ ଦେବାର ବିଶେଷ ସମ୍ଭାବନା ରହିଛି। ଆର୍ଥିକ ସମସ୍ୟା ଯୋଗୁ ପ୍ରାୟ ୨ ବର୍ଷ ହେବ ଏହି ବିମାନ କମ୍ପାନୀ ବନ୍ଦ ହୋଇ ପଡିଛି। ଏହାର ପୁନଃ କାର୍ଯ୍ୟକ୍ଷମ କରାଇବା ଲାଗି ଏହାର ରିଜୋଲ୍ୟୁଶନ କାର୍ଯ୍ୟପନ୍ଥା ହାତକୁ ନିଆଯାଇଛି। ଜଲାନ-କାଲରକ କନ୍‌ସୋର୍ଟିୟମ ଏହି ବିମାନ କମ୍ପାନୀକୁ ଚଳାଇବା ଲାଗି ବିଡ୍ ହାସଲ କରିଛନ୍ତି। ଏମାନଙ୍କ ସହ ଜେଟ୍‌କୁ ଋଣ ପ୍ରଦାନ କରିଥିବା ସଂସ୍ଥାଗୁଡିକ ମଧ୍ୟ ଅଛନ୍ତି। ସମସ୍ତ ନିୟାମକ ମଞ୍ଜୁରୀ ମିଳିବା ପରେ କମ୍ପାନୀ ପୁଣି ଥରେ ସେବା ଯୋଗାଇବା ଉପରେ ଫୋକସ କରିବ ବୋଲି ସୂଚନା ରହିଛି। ଦେଶ ମଧ୍ୟରେ ସବୁ ସ୍ଲଟ୍ ଏବଂ ଅନ୍ତର୍ଜାତୀୟ ରୁଟ୍‌ରେ ଏହା ସେବା ଯୋଗାଣ ନେଇ ମଧ୍ୟ ଯୋଜନା ରଖିଛି। ସବୁ କିଛି କାମ ଯୋଜନା ମୁତାବକ ହେଲେ ଏହା ୨୦୨୧ ଏପ୍ରିଲ ବେଳକୁ ପୁଣି ଥରେ ଯାତ୍ରୀଙ୍କୁ ସେବା ଯୋଗାଇଦେବ ବୋଲି ସୂଚନା ରହିଛି।

## ଓଡିଏମ୍-ଇ-ମୁନ୍ ଉଦ୍‌ଯାପିତ



**ଭୁବନେଶ୍ୱର, ୭।୧୨:** ପଟିଆସ୍ଥିତ ଓଡିଏମ୍ ସ୍କୁଲ ପରିସରରେ ଓଡିଏମ୍-ଇ-ମୁନ୍‌ର ତୃତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଅନ୍‌ଲାଇନ ଛାୟା ଜାତିସଂଘରେ ଅଂଶ ଗ୍ରହଣକରି ଏକ ବିଶ୍ୱ ଏକ ପରିବାରର ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ସାମ୍ବାଦିକ ମେହା ଜଶୱାଲ, ଜି.ମିଡିଆର ଲେଖକ ଅପନ୍ନା ମୁଦି, ପେଟାର ସଂଯୋଜିକା ଶିବାନୀ ମିଶ୍ର ଯୋଗଦେଇଥିଲେ। ଆମେ ଗୋଟିଏ ପରିବାରର, ସମସ୍ତେ ସମସ୍ତଙ୍କ ପ୍ରତି ନିର୍ଭରଶୀଳ ଏବଂ ପରସ୍ପରର ନିକଟତର। ଏହି ନୀତିକୁ ଆପଣାଇଲେ ବିଶ୍ୱର ସମସ୍ୟା ଦୂର ହୋଇପାରିବ ବୋଲି ମେହା ଜଶୱାଲ ଏଥିରେ ମତ ରଖିଛନ୍ତି। ବିଭିନ୍ନ ସମସ୍ୟାକୁ ସମୀକ୍ଷାକରି ଏହାର ସମାଧାନ ଲାଗି ଯୁବଗୋଷ୍ଠୀ ଆଗେଇ ଆସିବାକୁ ଡ. ମୀନକେତନ ଆହ୍ୱାନ ଜଣାଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦୁମତି ରାୟ ଏବଂ ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଗତୀକରଣ ଏବଂ ପରିବର୍ତ୍ତନ ସହ ତାଳଦେଇ ଆଲୋଚନା ମାଧ୍ୟମରେ ବିଶ୍ୱର ସମସ୍ୟା ସମାଧାନ କରିବାକୁ ଯୁବଗୋଷ୍ଠୀ ଆଗେଇ ଆସିବାକୁ ସିଓଓ ସ୍ୱୟନ ସତ୍ୟେନ୍ଦୁ ଏଥିରେ ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଝିନୁକ ଦତ୍ତାରାୟ ଏବଂ ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଉପସ୍ଥିତ ଥିଲେ।

## ଟୟୋଟାର ନୂଆ ଇନୋଭା କ୍ରିଷ୍ଟା

**ନୂଆଦିଲ୍ଲୀ,୭।୧୨:** ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ନୂଆ ଇନୋଭା କ୍ରିଷ୍ଟା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ବହୁମୁଖୀ ବ୍ୟବହାର ହେଉଥିବା ଯାନ। ୨୦୦୫ରେ କମ୍ପାନୀ ଇନୋଭାକୁ ବଜାର ପ୍ରବେଶ କରାଇଥିଲା। ବର୍ତ୍ତମାନ ସୁଦ୍ଧା ଏହା ୮.୮୦ ଲକ୍ଷ ୟୁନିଟ ବିକ୍ରି ରେକର୍ଡ ହାସଲ କରିଛି। ଇନୋଭାର ଦ୍ୱିତୀୟ ପିଢି ଇନୋଭା କ୍ରିଷ୍ଟା ୨୦୧୬ରେ ପ୍ରଥମେ ବଜାରକୁ ଆସିଥିଲା। ବର୍ତ୍ତମାନ ସୁଦ୍ଧା ଏହାର ୩ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ନୂଆ ଯାନରେ ୭ ଏୟାର ବ୍ୟାଗ୍, ଭେଇକିଲ ଷ୍ଟାବିଲିଟି କଣ୍ଟ୍ରୋଲ, ହିଲ୍ ଷ୍ଟାର୍ଟ ଆସିଷ୍ଟ, ସୁରକ୍ଷିତ ପାର୍କିଂ ପାଇଁ ଏମ୍‌ଆଇଡି ଡିସ୍‌ପ୍ଲେ ରହିଛି। ଏହି ମଡେଲଟିର ବଜାର ଦର ୧୬.୨୬ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ନୂଆ କ୍ରିଷ୍ଟା ଭାରତୀୟ ବଜାରରେ ବେଶ୍ ପ୍ରଭାବଶାଳୀ ରହିବ ବୋଲି ଟୟୋଟା କିର୍ଲୋସ୍କାର ମୋଟର୍ସର ବିକ୍ରି ଏବଂ ସର୍ଭିସ ବିଭାଗ ବରିଷ୍ଠ ଉପସଭାପତି ନବୀନ ସୋନି କହିଛନ୍ତି।

## ଆଇଆଇଏସ୍‌ଏଫ୍ ପାଇଁ ଆଉଟରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୭।୧୨:** ସିଏସ୍‌ଆଇଆର୍-ଇନଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ପକ୍ଷରୁ ଭାରତ ଅନ୍ତର୍ଜାତୀୟ ବିଜ୍ଞାନ ମହୋତ୍ସବ (ଆଇଆଇଏସ୍‌ଏଫ୍) ଆୟୋଜନ ସମ୍ପର୍କିତ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ହର୍ଷ ବର୍ଦ୍ଧନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଡିଏସ୍‌ଆର୍ ସଚିବ ଡକ୍ଟର ସେଖର ସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ସୁଧାସତ୍ତ୍ୱା ବାସୁ ସ୍ୱାଗତ ଭାଷଣ ଏବଂ ଡକ୍ଟର ବିକାଶ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇଆଇଏସ୍‌ଏଫ୍ ୨୦୨୦ ଭର୍ଚୁଆଲ ପ୍ଲାଟଫର୍ମରେ ଚଳିତମାସ ୨୨-୨୫ ଯାଏ ଅନୁଷ୍ଠିତ ହେବ। ଭର୍ଚୁଆଲ ପ୍ଲାଟଫର୍ମରେ ଏହା ସର୍ବବୃହତ୍ତ ବିଜ୍ଞାନ ମହୋତ୍ସବ। ଆତ୍ମ ନିର୍ଭର ଭାରତ ଏବଂ ବିଶ୍ୱର କଲ୍ୟାଣ ପାଇଁ ବିଜ୍ଞାନ ଏହାର ଥିମ ରହିଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି। ଏଥିରେ ଜାତୀୟ ଅନ୍ତର୍ଜାତୀୟ ସ୍ତରରୁ ବୈଜ୍ଞାନିକ, ଟେକ୍ନୋକ୍ରାଟ, ଶିଳ୍ପପତି, ଉଦ୍ୟୋଗୀ, କାରିଗର, କୃଷକ, କୁଟନୀତିଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଛାତ୍ରୀଛାତ୍ର ଯୋଗଦେବେ।


OFFICE OF THE PRINCIPAL
INSTITUTE OF MANAGEMENT & INFORMATION TECHNOLOGY
MATHA SAHI, TULASIPUR, CUTTACK - 8
(A Constituent College of BPUT, Odisha)
No.1086, Date.07.12.2020
ADMISSION NOTICE FOR FRESHERS OF THE ACADEMIC YEAR 2020-21
Verification of documents and admission of the Freshers allotted for admission in MBA Programme will be held from 10.12.2020 to 12.12.2020 and for MCA and M.Tech Programme from 14.12.2020 to 16.12.2020. The detail schedule of physical reporting for admission and document verification (only 20 students at a time, strictly following the COVID - 19 Guidelines of Govt.) payment amunt, mode of payment, affidavit forms, hostel application form etc. are available in the college website www.imit.ac.in
Sd/- PRINCIPAL



ODISHA PUBLIC SERVICE COMMISSION
CUTTACK
NOTICE
No. 6688/PSC, Dt. 07.12.2020
No. D-121:- In view of nationwide strike "Bharat Bandh" called on 08.12.2020 and taking into cognizance of the difficulties to be faced by the candidates in approaching the Examination Centres, the OCS-2019 Main Examination (G.S.-I & G.S.-II) scheduled to be held on the aforesaid date is hereby postponed and the same examination will be conducted on 02.01.2021, at the same venue and same time. No separate admission certificate would be issued for the above rescheduling.
OIPR-12002/11/0056/2021 Sd./- Secretary



UTKAL UNIVERSITY OF CULTURE
Sardar Patel Hall Complex, Unit – II, Bhubaneswar-751 009
E-mail : mailboxuuc@gmail.com, www.uuc.ac.in
No. RR-10 No. 1510/UUC dt.16.11.20
ADMISSION NOTIFICATION-2021
Utkal Universtiy of Culture invites applications for admission to the following courses
i) Six Months Certificate Course in Jain Religion and Philosophy (January-June 2021).
ii) Six Months Certificate Course in Tamil Language(January-June, 2021)
Eligibility :
For Jain Religion : Any Graduate or equivalent from recognised University.
For Tamil Language : HSC or equivalent degree from any recognised Board/Institution.
Commencement of sale of application Form: 20.11.2020
Last date of sale and submision of application form: 19 12.2020
No. of seats: 32 in each course
Cost of application form: Rs. 100.00
Admission Fee: for Jain Religion - Rs. 500.00; for Tamil Language - Nil
Application form can be procured from the above office address or can be downloaded from the University website www.uuc.ac.in (Form Downloads). All fees are to be deposited online. For further querries, contact - 8093982496
Sd/-
Chairman P.G. Council
OIPR-03005/11/0004/2021



THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
NOTICE
No. 14744/OMC/Persnl/2020 Date: 07/12/2020
No. CAD-876:- Pursuant to Advt. No. 46/ OMC dated 26.02.2020 and subsequent Newspaper Notice No. 52/ OMC dated 12.11.2020 & OMC Website Notice No. 53/ OMC dated 12.11.2020, the Online Computer Based Test (CBT) for recruitment of various Non- executive posts in OMC is scheduled from 08.12.2020 to 14.12.2020 (except on 12.12.2020 & 13.12.2020).
However, due to call for Bharat Bandh on 08.12.2020 & keeping in view of the larger interest of the candidates, the Online CBT scheduled to be held on 8th December 2020 (03 shifts), is hereby postponed until further notice. The rescheduled date for the online CBT for the candidates, shall be intimated at the earliest.
However, the Online CBTs on other dates i.e. on 09.12.2020, 10.12.2020, 11.12.2020 & 14.12.2020 shall be conducted in respect of the candidates as per the schedule.
OIPR-30005/11/0119/2021 Sd./- General Manager (P&A)



ADMISSION NOTICE
SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
(Department of Empowerment of Persons with Disabilities (DIVYANGJAN) Ministry of Social Justice & Empowerment, Government of India)
Olatpur, P.O.- Bairoi, Dist.: Cuttack - 754 010 (Odisha)
Tel.: 0671-2805347, Mob.: 9438568953, 9937755426
Website: www.svnirtar.nic.in
E-mail: svnirtar.pbdon@gmail.com, dasvnirtar@gmail.com
Ref. No. AD-5/Nursing/Advt./20-21 Date: 07.12.2020
Applications are invited from the eligible candidates in the prescribed form for admission into;
POST BASIC DIPLOMA IN ORTHOPAEDIC NURSING (PBDON) - 2020 COURSE
ELIGIBILITY: Pass in GNM/B.Sc./P.B.B.Sc. Nursing with one year Clinical experience as a Staff Nurse.
DURATION OF THE COURSE: 01 Year.
Date of availability of Information Brochure and application form in website: 08.12.2020.
Closing date of receipt of Application Form: 28.12.2020.
For more details log on to: www.svnirtar.nic.in
Sd./- Director cum Chairman
PBDON - 2020



See Career Appointment on every Wednesday & Saturday



OFFICE OF THE MUNICIPAL COUNCIL, RAIRANGPUR
Ph. No.: (06794) 222054, Fax: 06794-222054
E-mail: rairangpurn.hud@ori.nic.in
No. 3047 Dt. 07.12.2020
PUBLIC NOTICE
It is notified to all concerned that Rairangpur Municipality has fulfilled all the parameters of ODF++. Accordingly, preliminary notice is hereby published to the same effect that Rairangpur city is going to self declare itself as ODF++ on 17.10.2020. It is further called upon that duration of Rairangpur Municipality being ODF++ to the Municipality Office, Rairangpur within 15 days from the date of publication of this Notice in public domain. The complete parameters for fulfilment of ODF++ are available on official website of www.rairangpurmunicipality.org.
Sd./- Executive Officer
Rairangpur Municipality



OFFICE OF THE MUNICIPAL COUNCIL, SUNDARGARH
No. 4902 Dt.07.12.20
COMPETITIVE BIDDING TRHOUGH e-Procurement
NOTICE INVITING TENDER
Bid Reference No. SNGM-05/2020-21 / Dt.07.12.2020
On behalf of the Sundargarh Municipality, Online e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered/empanelled under Sundargarh Municipality are also eligible to participate for the works.
1. Total No. of Works for which tenders invited: 15 Nos.
2. Place of Execution: Inside of Sundargarh Municipality
3. Estimated Cost of Works: Rs.1,67,341/- to Rs.24,43,537/-.
4. Eligible class of contractors: Registered contractors of Class - 'D' to Class - 'B' as indicated against each work mentioned in the Tender Call Notice.
5. Intending bidders have to participate through "Online" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 11.00 A.M. on 10.12.2020 to 5.00 P.M. on 21.12.2020 for online bidding.
7. Bids received online will be opened at 11.00 A.M. on 24.12.2020.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for online bidding.
Sd./- Executive Officer
Sundargarh Municipality



OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 46 RWSS/RRPUR-2020-21 / Dated: 03.12.2020
No. O-651: The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent grade/class registered with Central Govt./Railways.
1. Nature of Work : Shifting of Water Supply utilities to be affected due to Improvement of Nuagaon (Rairangpur College) to Dundu via Jamda (ODR) from 0.000 Km. to 8.000 Km.
2. No. of Work : 01 (One) No.
3. Period of Completion : 02 (Two) Months
4. Cost of Tender : Rs.6000.00
5. Estiamted Cost : Rs.19.38 lac
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 9 hours of 09.12.2020 to 17.30 hours of 21.12.2020
8. Receipt of bid cost, bid security documents : Online only
9. Date & time of opening of Technical bid : Dt.22.12.2020 at 11.00 hours onwards
10. Other documents : (As mentioned in DTCN)
11. The bidders have to participate in Online bidding only. Further details can be seen from the website https://www.tendersodisha.gov.in.
12. Any addendum/corrigendum/cancellation of tender can also be seen in the said website.
13. Concession of 10% will be considered to ST/SC contractors up to B Class only on submission of an affidavit over the general category contractors failing which such concession will not be extended to him/her.
Sd./- Executive Engineer
RWSS Division, Rairangpur
OIPR-25010/11/0021/2021



ପ୍ରଗତି ପଥେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ
ରେଡିଓ ଷ୍ଟେସନ ରୋଡ୍, ଜୟନଗର, ଜୟପୁର
ଦୁଗ୍ଧ ସଂଘ ଦ୍ୱାରା ଚାଷୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ
୧. ସମିତିରେ ବର୍ଷସାରା ୩୬୫ଦିନ ଦୁଇବେଳା ଦୁଗ୍ଧ ବିକ୍ରି କରିବାର ସୁଯୋଗ ସହ ପ୍ରତ୍ୟେକ ଦଶ(୧୦) ଦିନ ବ୍ୟବଧାନରେ ଦୁଗ୍ଧର ଉଚିତ ମୂଲ୍ୟ ମିଳିଥାଏ।
୨. ଦୁଗ୍ଧ ଉତ୍ପାଦନ ପାଇଁ ଆବଶ୍ୟକୀୟ ପରିମାଣରେ ସୁଷମ ଗୋ-ଖାଦ୍ୟ ରିହାତି ମୂଲ୍ୟରେ ସମିତିରୁ ମିଳେ।
୩. ଗାଈର ସୁସ୍ଥ ଜୀବନ ଧାରଣ ସହ ଗୁଣାତ୍ମକମାନର ଦୁଗ୍ଧ ପାଇବା ପାଇଁ ଆବଶ୍ୟକୀୟ ଖଣିଜ ଲବଣ ରିହାତି ମୂଲ୍ୟରେ ସମିତିରୁ ମିଳେ।
୪. ମାଈ ବାଛୁରୀ ପରିପାଳନ ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ମାଧ୍ୟମରେ ଉନ୍ନତ ସଙ୍କର ମାଈ ବାଛୁରୀମାନଙ୍କୁ ଶତକଡ଼ା ୫୦% ରିହାତି ଦରରେ ବାଛୁରୀ ଦାନା ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି।
୫. ପ୍ରତିବର୍ଷ ୨ଥର ଦୁହାଁଳିଆ ଗାଈ ଓ ବାଛୁରୀଙ୍କ ପାଇଁ କୃମିନାଶକ ଔଷଧ ମାଗଣାରେ ସମିତିରୁ ମିଳେ।
୬. ଫାଟୁଆ, ସାହାଣ, ବଜବଜିଆ ଭଳି ସଂକ୍ରାମକ ରୋଗରୁ ଗାଈକୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟିକା (ଟ୍ରାୟୋଭାକ୍) ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି।
୭. ଉନ୍ନତ ଧରଣର ସଙ୍କର ଜାତୀୟ ବାଛୁରୀ ପାଇଁ କୃତ୍ରିମ ପ୍ରଜନନର ସୁବିଧା ସମିତିର ତାଲିମପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥାଏ।
୮. ସମିତିରେ ଗୋ-ଚିକିତ୍ସା ଶିବିର କରାଯାଇ ଗାଈ/ବାଛୁରୀଙ୍କ ମାଗଣା ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଏ।
୯. ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଗ୍ରାମରେ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରି ଉପରୋକ୍ତ ସୁବିଧା ସୁଯୋଗ ଉପଲବ୍ଧ କରିବା ସଙ୍ଗେ ସଙ୍ଗେ ନିଜର ଆର୍ଥିକ ଉନ୍ନତି କରନ୍ତୁ। ଯୋଗାଯୋଗ: ୦୬୮୫୪-୨୩୧୮୩୯।
ସାଧାରଣ ପରିଚାଳକ, ଆଞ୍ଚଳିକ ଦୁଗ୍ଧ ସଂଘ, ଜୟପୁର



DISTRICT RURAL DEVELOPMENT AGENCY
BALANGIR
Infront of SBI Main Branch
Titilagarh Road, Balangir - 767001
Phone No. 06652-232863, Fax: 06652-233082
E-mail: ori-dbolangir@nic.in
Letter No. 3868 Date: 07.12.2020
Sealed tenders are invited in the prescribed format from registered firms/agencies for Supply of PMAY(G) - BPGY Logo tiles (15×15 inch with 6mm thickness) under PMAY(G) - Biju Pucca Ghar Yojana and delivery at all 14 Blocks of Balangir district as per design types & specifications given by this office. The tender paper containing detail terms and conditions, EMD and other required documents can be downloaded from the district website http://balangir.nic.in from dated 07.12.2020 to 28.12.2020. The last date for submission of tender paper is 28.12.2020 latest by 5.00 P.M.
Sd./- Project Director
DRDA, Balangir

## ଦୁର୍ଘଟଣାରେ କକା-ପୁତୁରା ମୃତ

ବାରିପଦା/ରାଇରଙ୍ଗପୁର (ଡି.ଏନ୍.ଏ.),୭।୧୨: ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ଝଲଡୁଙ୍ଗୁରୀ ଛକ ନିକଟରେ ଗାଡ଼ି ଧକ୍କାରେ କକା ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଇବା ହାଁସଦା ଓ ତାଙ୍କ ପୁତୁରା ଭରତ ଚନ୍ଦ୍ର ହାଁସଦା। ସେମାନଙ୍କ ଘର ଯଶିପୁର ଥାନା ଅନ୍ତର୍ଗତ ଲୁହାମାଡ଼ିଆ ଗ୍ରାମରେ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ସାଇବା ମୁର୍ମୁ ଗୁରୁତର ହୋଇଛନ୍ତି। ରବିବାର ରାତିରେ ୩ ଜଣ ବାଇକ୍ ଯୋଗେ କୁଲଡ଼ିହା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରୁ ଫେରୁଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ କାକା ପୁତୁରାଙ୍କ ମୃତ୍ୟୁ ଘଟିଥିଲା।

### ସଂକ୍ଷେପରେ

## ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ

■ ଓଡ଼ିଶା ୟୁନିଭର୍ସିଟି ସଂଶୋଧିତ ଆଇନକୁ ବିରୋଧ

**କଟକ ଅଫିସ, ୭।୧୨:** ଓଡ଼ିଶା ୟୁନିଭର୍ସିଟି ସଂଶୋଧିତ ଆଇନକୁ ବିରୋଧ କରି ସୋମବାର ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ ହୋଇଛି। ମାମଲାରେ ମୁଖ୍ୟଶାସନ ସଚିବଙ୍କ ସମେତ ଆଉ ୪ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍ୟୁ)ର ପୂର୍ବତନ ପ୍ରଫେସର ଅଜୟ୍ କୁମାର ମହାନ୍ତି ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଅଦାଲତଙ୍କ ଆଶ୍ରୟ ନେଇଛନ୍ତି । ସେ ପିଟିଶନରେ ଦର୍ଶାଇଛନ୍ତି, ଏହି ଆଇନ ଅଗଣତାନ୍ତ୍ରିକ। ଏହି ଆଇନ କାର୍ଯ୍ୟକାରୀ ହେଲେ ବିଶ୍ୱବିଦ୍ୟାଳୟଗୁଡିକ ନିଜର ସ୍ୱାଧୀନତା ହରାଇବେ । ଏହା ସହିତ ଅମଲା ଓ ଶାସକ ଦଳଙ୍କ ନିୟନ୍ତ୍ରଣକୁ ବିଶ୍ୱବିଦ୍ୟାଳୟଗୁଡିକ ଚାଲିଯିବ। ପ୍ରକାଶଥାଉ କି, ଓଡ଼ିଶା ୟୁନିଭର୍ସିଟି ଆଇନ ବିଧାନସଭାରେ ପାରିତ ହେବା ପରେ ଅଜୟ୍ ସେତେବେଳେ ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଅଦାଲତ ଏହା ବିଲ୍‌ରେ ପାରିତ ହୋଇଯାଇଥିବା ଦର୍ଶାଇ ମାମଲାକୁ ୧୯।୧୦।୨୦ରେ ବନ୍ଦ କରି ଦେଇଥିଲେ ।

## ଦୁର୍ଘଟଣାରେ ୪ ମୃତ

ମୁନିଗୁଡ଼ା/ଟିକିରି,୭।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲାରେ ପୃଥକ୍ ଦୁର୍ଘଟଣାରେ ସୋମବାର ୪ଜଣଙ୍କ ମୃତ୍ୟୁ ଘଟିଛି। ମୁନିଗୁଡ଼ା ଥାନା ଅଧୀନ ଦେଓକୁଗୁଲି ଛକରେ ସୋମବାର ଦୁଇ ବାଇକ୍ ମଧରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଉଭୟ ପାର୍ଶ୍ୱରୁ ୨ ବାଇକ୍ ଦ୍ରୁତଗତିରେ ଯିବା ସମୟରେ ଦେଓକୁଗୁଲି ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ମୁନିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁହେଁ ହେଲେ ପଶ୍ଚିମବଙ୍ଗର ଆସାମ୍ବିଲ ମିର୍ଜା(୨୬) ଏବଂ କନ୍ଧମାଳ ଜିଲା କୋଟଗଡ଼ ଅଞ୍ଚଳର ଦିବାକର ମାଝି(୩୪)। ସେହିପରି ଗୁରୁତର ବ୍ୟକ୍ତି ହେଲେ କୋଟଗଡ଼ର ସୋନାପାଟ ମାଝି(୩୮)। ସେହିପରି କାଶୀପୁର ବ୍ଲକ୍ ଗୋଡ଼ିବାଲି ପଞ୍ଚାୟତ ବର୍ତ୍ତିବାଲି ଘାଟିରେ ଏକ ଟିପ୍ପର ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଜଣେ କୋଲନରା ଅଞ୍ଚଳର ଗାଡ଼ି ଚାଳକ ରଞ୍ଜନ ବୋଲି ଜଣାପଡ଼ିଥିବାବେଳେ ମୃତ ହେଲ୍‌ପରଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ଣରେ କାଶୀପୁରରୁ ଶିକରପାଇ ଯାଉଥିବା ଟିପ୍ପର(ଓଡି୧୮ ଇ-୩୪୪୩) ବର୍ତ୍ତିବାଲି ନିକଟ ଘାଟିରେ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଖବରପାଇ କାଶୀପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି।

## ଅଧ୍ୟାପକ ପଦ ପୂରଣ ପାଇଁ ଏସ୍ଏସ୍‌ବିକୁ ଚିଠି

ଭୁବନେଶ୍ୱର, ୭।୧୨(ବ୍ୟୁରୋ) - ରାଜ୍ୟରେ ଖାଲି ପଡ଼ିଥିବା ଅଧାପକ ପଦବୀ ପୂରଣ ପାଇଁ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍‌ବି)କୁ ଚିଠି ଲେଖିଲା ଉଚ୍ଚଶିକ୍ଷା ବିଭାଗ। ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୯୭୨ ଅଧାପକ ପଦବୀ ପୂରଣ ପାଇଁ ସୋମବାର ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଏହି ଚିଠି ଲେଖିଛନ୍ତି। ଯଥାଶୀଘ୍ର ଏଥି ନିମନ୍ତେ ପରୀକ୍ଷା କରାଇବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରତ୍ନପଥର ଜବତ

ରାୟଗଡ଼ା ଅଫିସ,୭।୧୨


ଜବତ ରତ୍ନପଥର

ଓଡ଼ିଶା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ (ସ୍ପେଶାଲ୍ ଟାସ୍କ ଫୋର୍ସ) ସୋମବାର ରାୟଗଡ଼ା ଜିଲାରୁ ବିପୁଳ ପରିମାଣର ମୂଲ୍ୟବାନ୍ ରତ୍ନପଥର ଜବତ କରିଛି। ରାୟଗଡ଼ା ସହରସ୍ଥିତ ଜଗନ୍ନାଥ କମ୍ପ୍ଲେକ୍ସର ଏକ ଘରେ ରତ୍ନପଥର ଗଚ୍ଛିତ ଥିବା ଏବଂ ବାହାର ରାଜ୍ୟକୁ ଚାଲାଣ ଯୋଜନା ଚାଲିଥିବା ଖବର ପାଇ ଏସ୍‌ଟିଏଫ୍ ଏସ୍‌ଆଇ ଜଗନ୍ନାଥ ସାହୁଙ୍କ ସମେତ ୫ଜଣିଆ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ଏକ କାରରୁ ୨ ବସ୍ତା ରତ୍ନପଥର ମିଳିଥିଲା। ସେଥିରେ ପାନ୍ନା, ରୁବି, ଟୋପାଜ୍, ଗୋମେଦ, କଳାହୀରା ଭଳି ବିଭିନ୍ନ କିସମର ୧୫୧ କେଜି ରତ୍ନପଥର ରହିଥିବା ଜଣାପଡ଼ିଛି। ଏହାର ବଜାର ମୂଲ୍ୟ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟାଙ୍କା ହେବ ବୋଲି ସୂଚନା ମିଳିଛି। ଏହି ମାମଲାରେ ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅଧୀନ ବିଜାବନ୍ଧାଳି ଅଞ୍ଚଳର ଜିତେନ୍ଦ୍ର କୁମାର ବେହେରା(୪୮)ଙ୍କୁ ରାୟଗଡ଼ା ଟାଉନ୍ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ଏକ କାର୍(ଓଡି ୧୮ ଜି -୩୩୫୫) ମଧ ଜବତ କରାଯାଇଛି। ଚଢ଼ାଉବେଳେ ଏସ୍‌ଟିଏଫ୍ ଟିମ୍ ସହ ରାୟଗଡ଼ା ଟାଉନ୍ ଥାନା ପୋଲିସ ସାମିଲ ଥିଲେ। ଏ ନେଇ ଟାଉନ୍ ଥାନାରେ ୩୯୦/୨୦ରେ ଏକ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିବା ରାୟଗଡ଼ା ଏସ୍‌ପି ସର୍ବଣା ବିବେକ୍ ଏମ୍. ସୂଚନା ଦେଇଛନ୍ତି।

# ଦିନେ ଘୁଞ୍ଚିଲା ଇକୋ ରିଟ୍ରିଟ୍ ଉଦ୍‌ଘାଟନ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ପର୍ଯ୍ୟଟନ ପକ୍ଷରୁ ଆୟୋଜିତ ହେଉଥିବା ଗ୍ଲାମ୍ପିଂ ଇଭେଣ୍ଟ 'ଇକୋ ରିଟ୍ରିଟ୍'ର ଉଦ୍‌ଘାଟନୀ ଉତ୍ସବକୁ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି। ଡିସେମ୍ବର ୮ ମଙ୍ଗଳବାର ପରିବର୍ତ୍ତେ ବୁଧବାରଠାରୁ ରାଜ୍ୟର ୫ଟି ସ୍ଥାନରେ ଇକୋ-ରିଟ୍ରିଟ୍ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ମଙ୍ଗଳବାର ଚାଷୀ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ୯ ତାରିଖ ପୂର୍ବାହ୍ଣ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ସମସ୍ତ ଇକୋ-ରିଟ୍ରିଟ୍‌କୁ ଲୋକାର୍ପଣ କରିବେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ, ଓଟିଡିସି ଅଧକ୍ଷ ଶ୍ରୀମୟୀ ମିଶ୍ର ଓ ସ୍ଥାନୀୟ ଜିଲାପାଳମାନେ ଅତିଥି ଭାବେ ଯୋଗଦେବେ। ପୂର୍ବ ଭାରତର ପ୍ରଥମ ଓ ଏକମାତ୍ର ଗ୍ଲାମ୍ପିଂ ଫେଷ୍ଟିଭାଲ ପୂର୍ବବର୍ଷ କେବଳ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ହୋଇଥିଲା। ଏହାର ସଫଳତା ପରେ ଚଳିତବର୍ଷ ଚନ୍ଦ୍ରଭାଗା ସମେତ ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଓ ସାତକୋଶିଆରେ ଆୟୋଜିତ ହେବ।

# ଏକାମ୍ର କ୍ଷେତ୍ର ପରିଦର୍ଶନ କଲେ ୫-ଟି ସଚିବ


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ସୋମବାର ଭୁବନେଶ୍ୱର ଏକାମ୍ର କ୍ଷେତ୍ର ପ୍ରକଳ୍ପ ଅଞ୍ଚଳର ସ୍ଥିତି ତଦାରଖ କରୁଛନ୍ତି।

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

**ବ୍ୟବସାୟୀଙ୍କ ପୁନଃ ଥଇଥାନକୁ ଗୁରୁତ୍ୱ**

୫-ଟି ସଚିବ ଭି.କେ. ପାଣ୍ଡିଆନ୍ ସୋମବାର ଭୋରରୁ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ପ୍ରକଳ୍ପ ଅଞ୍ଚଳର ସ୍ଥିତି ତଦାରଖ କରିଛନ୍ତି। ସେ ଲିଙ୍ଗରାଜ ମନ୍ଦିରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ମେଗା ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ବରିଷ୍ଠ ଅଧିକାରୀଙ୍କ ସହିତ ପ୍ରକଳ୍ପ ଅଗ୍ରଗତି ନେଇ ମଧ ଆଲୋଚନା କରିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ନିମନ୍ତେ ଉଚ୍ଛେଦ ହୋଇଥିବା କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପୁନଃ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ବିକଳ୍ପ ରାସ୍ତାର ବିକାଶ ଏବଂ ଆବର୍ଜନା ସଫା କରିବା ଉପରେ ମଧ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ୫-ଟି ସଚିବଙ୍କ ସହ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ବିଏମ୍‌ସି କମିଶନର୍ ପ୍ରେମ୍‌ଚନ୍ଦ୍ର ଚୌଧାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରେ ଏବେ ଏକାମ୍ର କ୍ଷେତ୍ରର ବିକାଶ ରାଜ୍ୟ ସରକାରଙ୍କ ଫୋକସରେ ରହିଛି। ତେଣୁ ଏକାମ୍ର କ୍ଷେତ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସପ୍ତାହରେ ଏହି ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିବା ସହ ଅଗ୍ରଗତିର ସମୀକ୍ଷା କରିଥିଲେ। କାର୍ଯ୍ୟର ଅଗ୍ରଗତି ନେଇ ସେ ସନ୍ତୋଷ ବ୍ୟକ୍ତ କରିବା ସହ ସେବାୟତମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏକାମ୍ର କ୍ଷେତ୍ର ବୁଲି ଦେଖିବା ପରେ ଲିଙ୍ଗରାଜ ମନ୍ଦିର ପାଇଁ ଶ୍ରୀମନ୍ଦିର ଢାଞ୍ଚାରେ ସ୍ୱତନ୍ତ୍ର ଆଇନ ଆସିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

# 'ନାଗାର୍ଜୁନ ବେଶ ସାମଗ୍ରୀ ସୁରକ୍ଷିତ'

ପୁରୀ ଅଫିସ, ୭।୧୨

**ଚନ୍ଦ୍ର-ସୂର୍ଯ୍ୟ ଗାଏବ ଘଟଣା**

ଚଳିତବର୍ଷ ନାଗାର୍ଜୁନ ବେଶର ଚନ୍ଦ୍ର-ସୂର୍ଯ୍ୟ ଗାଏବ ନେଇ ଲାଗିରହିଥିବା ବିବାଦରେ ନୂଆ ମୋଡ଼ ଆସିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏହି ଘଟଣାର ତଦନ୍ତ ଲାଗି ନୀତି ପ୍ରଶାସକଙ୍କୁ ଦାୟିତ୍ୱ ଦେଇଥିଲେ। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏହାର ତଦନ୍ତ ଶେଷ କରିଛନ୍ତି। ସୋମବାର ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି ଯେ, ଚର୍ଚ୍ଚା ତଥା ଅଭିଯୋଗ ହୋଇଥିବା ଚନ୍ଦ୍ର- ସୂର୍ଯ୍ୟ ଶ୍ରୀଜୀଉଙ୍କ ବେଶର ଅଂଶବିଶେଷ ନୁହେଁ। ବେଶ ଓଲାଗି ପରେ ସମସ୍ତ ସାମଗ୍ରୀକୁ ସୁରକ୍ଷିତ ଭାବେ ନୀଳାଦ୍ରି ବିହାର ସଂଗ୍ରହାଳୟରେ ରଖାଯାଇଛି। ଉକ୍ତ ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି ଯେ, ନୀତି ପ୍ରଶାସକଙ୍କ ତଦନ୍ତ ମୁତାବକ, ଚଳିତବର୍ଷ ହରଚଣ୍ଡି ସାହିର ଚକ୍ରକୋଟ ବଳରାମ ଖୁଣ୍ଟିଆ ନାଗାର୍ଜୁନ ବେଶ ସାମଗ୍ରୀ ଶ୍ରୀମନ୍ଦିରକୁ ଯୋଗାଇଥିଲେ। ତାଙ୍କ ବାସଭବନରେ ଖୁଣ୍ଟିଆ କାରିଗର ନିୟୋଜିତ କରାଯାଇ ବେଶ ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିର କମାଣ୍ଡର ୧୯୯୪ରେ ଅନୁଷ୍ଠିତ ନାଗାର୍ଜୁନ ବେଶ ସାମଗ୍ରୀ ତାଲିକା ଆଧାରରେ ମୁଖ୍ୟ କାରିଗରମାନଙ୍କୁ ବେଶ ସାମଗ୍ରୀ ଦେଇଥିଲେ। ସେହି ବେଶ ସାମଗ୍ରୀରେ ସୋଲ ନିର୍ମିତ ସୂର୍ଯ୍ୟ-ଚନ୍ଦ୍ର ଲାଗିଥିଲା। ମହାପ୍ରଭୁଙ୍କ ନାଗାର୍ଜୁନ ବେଶରେ ସୁବର୍ଣ୍ଣ ଚନ୍ଦ୍ର-ସୂର୍ଯ୍ୟ ଲାଗିକରାଯାଉଥିବାର ବିଧି ଥିବାରୁ ଶ୍ରୀମନ୍ଦିର ମେକାପ ସେବକ ସେହି ସୋଲର ବେଶ ସାମଗ୍ରୀରୁ ବାହାର କରିବାକୁ କାରିଗରଙ୍କୁ ପରାମର୍ଶ ଦେଇଥିଲେ। ନାଟମଣ୍ଡପରେ ବେଶ ସାମଗ୍ରୀ ରଖାଯାଇଥିବାବେଳେ କାରିଗର ସେହି ସୋଲର ବେଶ ସାମଗ୍ରୀ ବାହାର କରିନେଇଥିଲେ। କମାଣ୍ଡର ପୂର୍ବରୁ ଦେଇଥିବା ତାଲିକା ଅନୁସାରେ ହିଁ ମହାପ୍ରଭୁଙ୍କ ବେଶରେ ସାମଗ୍ରୀମାନ ଲାଗିକରାଯାଇଥିଲା। ଏହାପରେ ବାହାର କରାଯାଇଥିବା ସୋଲର ୨ଟି ସେଟ୍ ସୂର୍ଯ୍ୟ-ଚନ୍ଦ୍ର ମଧ୍ୟରୁ ଗୋଟିଏକୁ ଭଣ୍ଡାର ମେକାପ ମଧୁସୂଦନ ମେକାପ ବ୍ୟକ୍ତିଗତ ଅନୁରୋଧରେ କାରିଗରଙ୍କ ଠାରୁ ନୀଳମାଧବଙ୍କୁ ଲାଗିକରିବାକୁ ନେଇଥିଲେ। ଲାଗି ହେବାପରେ ଏହାକୁ ଦାସ ମହାପାତ୍ର ଶ୍ରୀମନ୍ଦିର ଗାରଦରେ ରଖିଥିଲେ ଏବଂ ନଭେମ୍ବର ୨୮ ତାରିଖ ସକାଳେ ନିଜ ଘରକୁ ସମ୍ପୃକ୍ତ ବ୍ୟକ୍ତି ଦ୍ୱାରା ମଗାଇ ନେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ସେହି ସୋଲର ଚନ୍ଦ୍ର-ସୂର୍ଯ୍ୟ ଦାସ ମହାପାତ୍ରଙ୍କୁ ଦେବାକୁ ନେବାବେଳେ ଗଣମାଧମ ଦୃଷ୍ଟିରେ ପଡ଼ିଥିଲା।

# ଆଖି ବୁଜିଲା ଚିକିତ୍ସାଧୀନ ହାତୀ

ଦେବଗଡ଼,୭।୧୨(ଡି.ଏନ୍.ଏ)

ଦେବଗଡ଼ ବନାଞ୍ଚଳ କଂସର ସେକ୍ସନ ଅଧୀନ ବିରିୟାମ ଗ୍ରାମ ନାଳରେ ପଡି ଚିକିତ୍ସାଧୀନ ଥିବା ବୟସ୍କା ମାଈହାତୀଟି ସୋମବାର ଆଖି ବୁଜିଛି। ତିଲେଇବଣୀ ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ମିଶ୍ର ମୃତହାତୀର ବ୍ୟବଚ୍ଛେଦ କରିବା ପରେ ସେଠାରେ ଏକ ଗାତ ଖୋଳି ପୋତି ଦିଆଯାଇଥିବା ଜଣାପଡିଛି । ଏହି ସମୟରେ ଦେବଗଡ ଏସିଏଫ୍ (ୱାଇଲ୍ଡ ଲାଇଫ୍) ରଶ୍ମି ଚୌଧୁରୀ, ଦେବଗଡ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଓ ଦେବଗଡ ଫରେଷ୍ଟର ପ୍ରସନ୍ନ କୁମାର ସାହୁ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୩୦ ତାରିଖ ସନ୍ଧ୍ୟାରେ ଉକ୍ତ ମାଈହାତୀଟି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବିରିୟାମ ଗ୍ରାମକୁ ଚାଲିଆସିଥିଲା ଏବଂ ରାତିରେ ସେଠାରେ ଥିବା ଏକ ନାଳରେ ପଡିଯାଇ ଆଉ ଉଠି ପାରି ନ ଥିଲା । ମଙ୍ଗଳବାର ସକାଳେ ସୂଚନା ପାଇ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ସେଠାକୁ ଯାଇ ମେଶିନ ସାହାଯ୍ୟରେ ଉକ୍ତ ନାଳକୁ କାଟି ଜଳ ନିଷ୍କାସନ କରାଇଥିଲେ। ଏହାସହ ପ୍ରାଣୀ ଚିକିତ୍ସା ବିଭାଗ ଉପ ନିର୍ଦ୍ଦେଶକ ଡ. ନୀରୋଦ ଦାସ ଓ ଭିଏସ୍ ସତ୍ୟବ୍ରତ ମିଶ୍ର ହାତୀଟିର ଚିକିତ୍ସା କରିଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ହାତୀଟିର ମୃତ୍ୟୁ ଘଟିଥିଲା। ଉକ୍ତ ହାତୀର ବୟସ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏବଂ କିଡ୍‌ନୀ ଓ ଲିଭରଜନିତ ରୋଗରେ ତା'ର ମୃତ୍ୟୁ ଘଟିଥିବା ଷଡଙ୍ଗୀ ପ୍ରକାଶ କରିଛନ୍ତି ।


ଦେବଗଡ଼ ବନାଞ୍ଚଳ କଂସର ସେକ୍ସନ ଅଧୀନ ବିରିୟାମ ଗ୍ରାମ ନାଳରେ ପଡ଼ିଥିବା ମୃତ ମାଈହାତୀ।

# ସୀମା ଚିହ୍ନଟ ପାଇଁ ୩ କର୍ମଚାରୀ ନିଯୁକ୍ତ

ପଟ୍ଟାଙ୍ଗୀ,୭।୧୨(ଡି.ଏନ.ଏ.)

**ଆନ୍ଧ୍ର-ଓଡ଼ିଶା ସୀମା ବିବାଦ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ସୁନାବେଡା ଗ୍ରାମକୁ ନେଇ ପଡୋଶୀ ଆନ୍ଧ୍ରରରାଜ୍ୟର ୫ଟି ଗ୍ରାମର ଗ୍ରାମବାସୀଙ୍କ ମଧରେ ଲାଗି ରହିଥିବା ବିବାଦ ସ୍ଥଳରେ ସୀମା ଚିହ୍ନଟ ପାଇଁ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ୩ଜଣ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ ସେଟେଲମେଣ୍ଟ ସର୍ଭେ ବିଭାଗର ଇନ୍ସପେକ୍ଟର ରମେଶ ଚନ୍ଦ୍ର ଗୌଡ, ଅମିନ ବିଜୟ କୁମାର ମିଶ୍ର ଓ ରମାକାନ୍ତ ପ୍ରହରାଜ। ଆନ୍ଧ୍ରର ବିଶାଖାପାଟଣା ଜିଲା ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ ନେଇ କୌଣସି କର୍ମଚାରୀ ନିଯୁକ୍ତି ହୋଇ ନ ଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ କୋରାପୁଟ ଜିଲା ପ୍ରଶାସନ ତଥା ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ ଏପରି ପଦକ୍ଷେପ ନିଆଯାଇଛି। ଇତି ମଧରେ ମାଡ୍ରାସ ପ୍ରେସିଡେନ୍ସି ଅମଳରେ ସେଟେଲମେଣ୍ଟ ସର୍ଭେ ସମୟରେ ରହିଥିବା ଟ୍ରାଇ ଜଙ୍ଗସନ ତଥା ତିନିକୋଣିଆ ପଥର ଚିହ୍ନଟ କାର୍ଯ୍ୟ ସରିଛି । ଅନ୍ୟପକ୍ଷରେ ଓଡିଶା-ମାଡ୍ରାସ ପ୍ରେସିଡେନ୍ସି ସେଟେଲମେଣ୍ଟ ସର୍ଭେ ଅନୁସାରେ ସୀମା ଚିହ୍ନଟ ସେଟେଲମେଣ୍ଟ ସର୍ଭେ ବିଭାଗ ଦ୍ୱାରା କରାଗଲେ ସଠିକ ସୀମା ଚିହ୍ନଟ ହୋଇପାରିବ ବୋଲି ଜିଲାପାଳ ମିଶ୍ର ଚିନ୍ତା କରି ଏନେଇ ଏକ ଚିଠି ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଲେଖିଥିଲେ। ଜିଲାପାଳଙ୍କ ଚିଠିର ଗୁରୁତ୍ୱକୁ ବିଚାର କରି ଆରଡିସି କାର୍ଯ୍ୟାଳୟ ପକ୍ଷରୁ ଉପରୋକ୍ତ ୩ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏହି ତିନି କର୍ମଚାରୀଙ୍କୁ ନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସୀମା ଚିହ୍ନଟ ପାଇଁ ସୀମାନ୍ତ ସୁନାବେଡା ଗ୍ରାମରେ ପହଞ୍ଚି ଚିହ୍ନଟ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି ।

# ଓଏସ୍‌ଆର୍‌ଟିସି ଏମ୍‌ଡିଙ୍କୁ ତଦନ୍ତ ଭାର ନେଇ ପ୍ରଶ୍ନ

ନୟାଗଡ ଅଫିସ,୭।୧୨

■ ପୋଲିସର ହାତ ବାନ୍ଧି ଦିଆଯିବାରୁ ରହୁନି ସ୍ୱଚ୍ଛତା

■ ପରୀ ହତ୍ୟାକାଣ୍ଡକୁ ନେଇ ଭାଜପାର ରିଲେ ଅନଶନ ତୃତୀୟ ଦିନରେ

ପରୀକୁ ନ୍ୟାୟ ଦେବା ଦାବିରେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଦୁର୍ଗାମଣ୍ଡପରେ ଭାଜପା ପକ୍ଷରୁ ଚାଲିଥିବା ରିଲେ ଅନଶନ ତୃତୀୟ ଦିବସରେ ପହଞ୍ଚିଛି। ସୋମବାର ଏହି ଅନଶନରେ ସାମିଲ ହୋଇଥିବା ନେତାମାନେ ନୟାଗଡରେ ଅନ୍ଧାରୀ ଶାସନ ଚାଲିଛି ବୋଲି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ଭାଜପା ନେତା ତଥା ପୂର୍ବତନ ଡିଜି ପ୍ରକାଶ ମିଶ୍ର କହିଛନ୍ତି, ଶିଶୁକନ୍ୟା ପରୀର ହତ୍ୟା ଦୁଃଖଦ ଖବର। ଓଡିଶାରେ ଶିଶୁ ଅତ୍ୟାଚାର ଓ ନାରୀ ନିର୍ଯାତନା ବଢ଼ି ଚାଲିଛି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ଏହି ରିପୋର୍ଟ ଉଦ୍‌ବେଗର ବିଷୟ। ମୁଁ ପୋଲିସରେ କାର୍ଯ୍ୟ କରିଥିବାରୁ ପୋଲିସର ଦକ୍ଷତା ପ୍ରତି ପ୍ରଶ୍ନ କରୁନି। ଆଗରୁ ପୋଲିସ ଯେପରି ଦକ୍ଷ ଥିଲା ଏବେବି ରହିଛି। ହେଲେ ପୋଲିସର ହାତକୁ ଧିରେ ଧିରେ ଏପରି ବାନ୍ଧି ଦିଆଯାଉଛି ଯେ, ସେମାନେ କାର୍ଯ୍ୟ ଠିକ୍‌ରେ କରି ପାରୁନାହାନ୍ତି। ପୋଲିସ ତଦନ୍ତ କ୍ଷେତ୍ରରେ ସ୍ୱାଧୀନତା ପାଇଥିଲେ ପରୀ ମାମଲାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁ ନ ଥାନ୍ତା। ପୋଲିସକୁ ଠିକ୍ ଭାବେ କାମ କରାଇ ଦିଆଯାଉନି। ପୋଲିସଠାରୁ ଦାୟିତ୍ୱ କାଢ଼ି ଏସ୍‌ଆଇଟିକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଲ'ରେ ଏସ୍‌ଆଇଟିର କୌଣସି ଷ୍ଟାଟସ ନାହିଁ। ଏସ୍‌ଆଇଟି ମୁଖ୍ୟ ଓଏସ୍‌ଆରଟିସିର ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି)। ସେ ପୋଲିସରେ ଚାକିରି କରିନାହାନ୍ତି। ସେ କିପରି ତଦନ୍ତ କରିବେ। ସେ ସତ୍ୟ କାଢ଼ି ପାରନ୍ତି। କିନ୍ତୁ ସେହି ତଥ୍ୟ ଉପସ୍ଥାପନ କଲେ କୋର୍ଟ ଗ୍ରହଣ କରିବେ ନାହିଁ। କାରଣ ତାଙ୍କର ତଦନ୍ତ କରିବାର କ୍ଷମତା ନାହିଁ। ସିଆରପିସିରେ ଉଲ୍ଲେଖ ଅଛି ଥାନା କେବଳ ଅନୁସନ୍ଧାନ କରିପାରିବେ। ସିବିଆଇ, କ୍ରାଇମବ୍ରାଞ୍ଚ ମଧ ଥାନାର ମାନ୍ୟତା ପାଇଛନ୍ତି। ବସ୍ ଚଳାଇବା ଦାୟିତ୍ୱରେ ଥିବା ଅଫିସର କିପରି ତଦନ୍ତ କରିବେ ସରକାର ଆଗେ ସ୍ପଷ୍ଟ କରନ୍ତୁ। ମୁଁ ଭାବୁଛି ଏହା କେବଳ ଲୋକଙ୍କୁ ଭୁଆଁ ବୁଲାଇବାକୁ କରାଯାଉଛି। ଏଣୁ ପରୀ ହତ୍ୟାକାଣ୍ଡକୁ ଏସ୍‌ଆଇଟି ତଦନ୍ତ କଲେ ନିପେକ୍ଷତା ହେବ ନାହିଁ। ନିରପକ୍ଷେ ତଦନ୍ତ ପାଇଁ ଭାଜପାର ଦାବି ସିବିଆଇ ତଦନ୍ତକୁ ସରକାର ମାନନ୍ତୁ।

ଗାଁ ସଭାପତି ଜୟକୃଷ୍ଣ ପରିଡା କୁହନ୍ତି, ଯଦୁପୁରର ୨୮ ପରିବାର ସନ୍ଦେହ ଘେରରେ ଆସୁଛନ୍ତି। ସେମାନଙ୍କୁ ବାରମ୍ବାର ତଦନ୍ତ କରାଯାଉଛି। ପୁଣି ଏହି ପରିବାରର ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବ୍ଲଡ ସାମ୍ପୁଲ ସଂଗ୍ରହ କରାଯାଇଛି। ମୋର କହିବା କଥା ୨୮ ପରିବାର ସ୍ଥାନରେ ଗାଁର ୧୦୦ ପରିବାରକୁ ତଦନ୍ତରେ ସାମିଲ କରାଯାଉ। ଯିଏ ଦୋଷୀ ଦଣ୍ଡ ପାଉ। ପରୀ ନ୍ୟାୟ ପାଉ। ଆମେ ସବୁ ପ୍ରକାରର ତଦନ୍ତକୁ ସ୍ୱାଗତ କରୁଛୁ ଓ ସହଯୋଗ କରୁଛୁ। ଖୁବ କମ ଦିନରେ ହତ୍ୟାକାରୀ ଚିହ୍ନଟ ହେବ। ଯଦୁପୁରର କାହ୍ନା ବେହେରା କୁହନ୍ତି, ମୋ ପରି ୧୭ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ମୋତେ ପ୍ରାୟ ୧୫ରୁ ୧୬ ଥର ଡକାଇ ତଦନ୍ତ କରାଗଲାଣି। ଆମେ ତଦନ୍ତକୁ ସ୍ୱାଗତ କରୁଛୁ। ତେବେ ବାରମ୍ବାର ଆମକୁ ପଚରାଉଚୁରା ପାଇଁ ନିଆଯାଉଥିବାରୁ କାମକୁ ଯାଇ ପାରୁନି। ଘରେ ଚୂଲି ଜଳୁନି। ଆମେ ଗରିବ ଲୋକ। ଚଳିବୁ କିପରି। ଖାଇବୁ କ'ଣ। ଆମେ ହତ୍ୟାରେ ସାମିଲ ନାହୁଁ। ଗାଁ ଛାଡିବୁନି। ଆମେ ନିର୍ଦ୍ଦୋଷ। ଧର୍ମ ଅଛି। ପରୀ ଅପହରଣ ଦିନ ନୟାଗଡରେ ଥିଲି। ଯେତେବେଳେ ଡାକିବେ ସେତେବେଳେ ଯିବୁ ବୋଲି କହିଥିଲେ।

# ପରୀକୁ ନ୍ୟାୟ ଦାବି: ରାଜଭବନ ସମ୍ମୁଖରେ ଭାଜପାର ଗଣଧାରଣା

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ନୟାଗଡ ଜିଲା ପରୀ ହତ୍ୟାକାଣ୍ଡର ସିବିଆଇ ଦ୍ୱାରା ତଦନ୍ତ ଦାବି କରି ରାଜଭବନ ସମ୍ମୁଖରେ ରାଜ୍ୟ ଭାଜପା ପକ୍ଷରୁ ଗଣଧାରଣା କରାଯାଇଥିଲା। ଗଣ ଧାରଣାରେ ଯୋଗ ଦେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ସ୍ଥାନୀୟ ଥାନାଧିକାରୀ ଘଟଣାକୁ ଗୁରୁତର ସହ ଗ୍ରହଣ କରିନାହାନ୍ତି । ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଭାଜପା ବିଧାନସଭା ଅଧିବେଶନରେ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ ସୁଦ୍ଧା ରାଜ୍ୟ ସରକାର ବିଧାନସଭା ଗୃହରେ ନୀରବ ରହିବା ଏବଂ ବିବୃତି ଦେଇ କାର୍ଯ୍ୟ ସାରିଦେବା ଘଟଣାକୁ ଜଟିଳ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ତଦନ୍ତ ପ୍ରକ୍ରିୟା ହାଇକୋର୍ଟର କେଉଁ ବିଚାରପତିଙ୍କ ତତ୍ତ୍ୱାବଧାନରେ ହେଉଛି। ଏହାକୁ ନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି । ସେ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି ।

ଏହି ଗଣଧାରଣାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପସଭାପତିଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଥିଲେ । ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।



ବିବାହ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଚର୍ଚ୍ଚିତ ଉପାୟ ଆପଣାଇଛନ୍ତି ରାଜସ୍ଥାନ ବିକାନେରର ଯୁବକ ରୋହିତାଶ ବିଶା। ହଟ୍ ଏୟାର ବେଲୁନରେ ବସି ତାଙ୍କ ଜୀବନସାଥୀଙ୍କୁ ପ୍ରେମ ନିବେଦନ କରିବା ସହ ପରସ୍ପର ପରସ୍ପରକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ମୁଦି ପିନ୍ଧାଇ ନିର୍ବନ୍ଧ ରାତି ସମ୍ପନ୍ନ କରିଛନ୍ତି। ସମ୍ପର୍କୀୟମାନେ ଉଭୟଙ୍କୁ ଛାତ ଉପରୁ ଦେଖି ଶୁଭକାମନା ଜଣାଇଥିଲେ। ରୋହିତାଶ ହେଉଛନ୍ତି ପର୍ବତାରୋହୀ ମଗନ ବିଶାଙ୍କ ପୁତ୍ର। ଦୁଃସାହସିକ ଖେଳ ପାଇଁ ରୋହିତାଶଙ୍କ ରୁଚି ରହିଛି।

# ସୁନ୍ଦର ସଂସଦ ଭବନ

**ସଂସଦ ଭବନ। ଯେଉଁଠୁ ପରିଚାଳିତ ହୁଏ ଦେଶ। ନିର୍ଦ୍ଧାରିତ ହୁଏ ନୀତି। ପ୍ରଣୟନ ହୁଏ ଆଇନ୍। ନିଆଯାଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଗଣତନ୍ତ୍ର ହେଉ କି ଏକଚ୍ଛତ୍ରବାଦ ଅବା ରାଜତନ୍ତ୍ର ସବୁ ଶାସନ ବ୍ୟବସ୍ଥାରେ ଏଭଳି ଏକ ସୌଧ ଥାଏ। ରାଷ୍ଟ୍ର ଶାସନର କେନ୍ଦ୍ରସ୍ଥଳ କୁହାଯାଉଥିବା ଏଭଳି ଅଟ୍ଟାଳିକା ଭବ୍ୟତାରେ ଭରପୂର ହେବା ସ୍ୱାଭାବିକ। ଅନନ୍ୟ ବାସ୍ତୁକଳାର ନିଦର୍ଶନ ଏଭଳି କିଛି ଆକର୍ଷଣୀୟ ସଂସଦ ଭବନକୁ ନେଇ ଏଇ ପ୍ରସ୍ତୁତି...**




ରୋମାନିଆ



ବ୍ରିଟେନ୍

**ବ୍ରିଟେନ:** ବ୍ରିଟେନର 'ପ୍ୟାଲେସ୍ ଅଫ୍ ୱେଷ୍ଟମିନିଷ୍ଟର'କୁ ସବୁ ସଂସଦ ଭବନର ମା' ବୋଲି କୁହାଯାଏ। ଏହାର ଡିଜାଇନ କରିଥିଲେ ଚାର୍ଲସ ବେରୀ ଏବଂ ଅଗଷ୍ଟସ୍ ବେଲ୍ବୀ ପୁଗିନ୍। ଥେମ୍ସ ନଦୀ କୂଳରେ ଅବସ୍ଥିତ ଏହି ବ୍ରିଟିଶ୍ ପାର୍ଲାମେଣ୍ଟ ହାଉସ୍ ନିଜର ଭବ୍ୟତା ପାଇଁ ସୁପ୍ରସିଦ୍ଧ। ନିଆରା ନିର୍ମାଣ ଶୈଳୀ ପାଇଁ ଏହା ଲକ୍ଷାଧିକ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ୟୁରୋପୀୟ ଶୈଳୀରେ ନିର୍ମିତ ଏହି ସୌଧ ଅନନ୍ୟ ବାସ୍ତୁକଳାର ସମାହାର। ନିଆରା କାରୁକାର୍ଯ୍ୟ ଏବଂ ଗଠନ ଶୈଳୀ ପାଇଁ ଏହାକୁ ୧୯୮୭ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଛି। ଥେମ୍ସ ନଦୀ ତଟରେ ଅବସ୍ଥିତ ଏହି ସଂସଦ ଭବନ ନିକଟରେ ଶୋଭାବର୍ଦ୍ଧନ କରୁଛି ଅନେକ ପାର୍କ ଏବଂ ରେଷ୍ଟୁରାଣ୍ଟ। ଆଗନ୍ତୁକଙ୍କ ଲାଗି ଏଠାରେ ଅବସ୍ଥାନ କରିବା ଲାଗି ସମସ୍ତ ସୁବିଧା ଉପଲବ୍ଧ।

**ଶ୍ରୀଲଙ୍କା:** ଭାରତର ପଡ଼ୋଶୀ ଦ୍ୱୀପ ଦେଶ ଶ୍ରୀଲଙ୍କାରେ ପୃଥିବୀର ଅନ୍ୟତମ ସୁନ୍ଦର ପାର୍ଲାମେଣ୍ଟ ରହିଛି। ସିଂହଳୀ ବାସ୍ତୁବିତ୍ ଜୋଫ୍ରି ବାବାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏହାର ନକ୍ସା। ବୌଦ୍ଧ କଳା ଏବଂ ଆଧୁନିକତାର ଛାପର ସମ୍ମିଶ୍ରଣ ଏହି ସଂସଦ ଭବନକୁ ଅନନ୍ୟ କରିଛି। ମାତ୍ର ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୭୯ରୁ ୧୯୮୨ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା, ଯାହା ଅନ୍ୟ ଦେଶର ସଂସଦ ଭବନ ନିର୍ମାଣ ଅବଧି ତୁଳନାରେ ବହୁତ୍ କମ୍। ଏହି ଭବନର ସବୁ କବାଟରେ କରାଯାଇଛି ଆକର୍ଷଣୀୟ ଚାନ୍ଦି କାମ, ଯାହା ଆଲୁଅ ସଂସ୍ପର୍ଶରେ ଆସିଲେ ଝଲସି ଉଠେ। ସଂସଦର ଆଭ୍ୟନ୍ତରୀଣ ନିର୍ମାଣରେ ବ୍ରିଟିଶ ସଂସଦର ଛାପ ସ୍ପଷ୍ଟ ବାରି ହୁଏ। ଏକ ହ୍ରଦ ପାଖରେ ନିର୍ମିତ ଏହି ଭବ୍ୟ ଅଟ୍ଟାଳିକାର ଚତୁଃପାର୍ଶ୍ୱକୁ ଘେରି ରହିଥିବା ସବୁଜ ବନାନୀ ଏହାର ଅନ୍ୟତମ ଆକର୍ଷଣ।



ଶ୍ରୀଲଙ୍କା

**ବାଂଲାଦେଶ:** ଏସିଆ ମହାଦେଶର ସୁନ୍ଦରତମ ସଂସଦ ଭବନ ମଧ୍ୟରୁ ଗୋଟିଏ ରହିଛି ବାଂଲାଦେଶରେ। ରାଜଧାନୀ ଢାକାରେ ଥିବା ପାର୍ଲାମେଣ୍ଟ ହାଉସ୍ ଏକ କୃତ୍ରିମ ହ୍ରଦ ତଟରେ ନିର୍ମିତ। ୧୯୬୧ରେ ଏହାର ନିର୍ମାଣ ଆରମ୍ଭ ହୋଇଥିବାବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ୧୦ ବର୍ଷ ଲାଗିଯାଇଥିଲା। ବାହାରୁ ଏକ ବଡ଼ କୋଠା ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ଏହାର ଭିତରେ ୮ ଇମାରତ ପରସ୍ପର ମଧ୍ୟରେ ଯୋଡ଼ି ହୋଇଛି। ସ୍କଟଲାଣ୍ଡର କିଲ୍ଲାରୁ ପ୍ରେରିତ ହୋଇ ଆମେରିକାର ମୂଳ ବାସିନ୍ଦା ତଥା ବାସ୍ତୁବିତ୍ ଲୁଇସ୍ କହ୍ନ ଏହାର ନକ୍ସା ପ୍ରସ୍ତୁତ କରିଥିଲେ।

**ରୋମାନିଆ:** ୟୁରୋପୀୟ ଦେଶ ରୋମାନିଆ ପାର୍ଲାମେଣ୍ଟ ପୃଥିବୀର ସବୁଠାରୁ ମଜଭୁତ୍ ସଂସଦ ଭବନ ମଧ୍ୟରୁ ଅନ୍ୟତମ। ଏହାର ନିର୍ମାଣ କାର୍ଯ୍ୟ ୧୯୮୪ରୁ ଆରମ୍ଭ ହୋଇ ୧୯୯୭ରେ ସମାପ୍ତ ହୋଇଥିଲା। ବୁଖାରେଷ୍ଟରେ ନିର୍ମିତ ଏହି ଭବ୍ୟ ଅଟ୍ଟାଳିକା ପଛରେ ରହିଛି ପ୍ରଖ୍ୟାତ ବାସ୍ତୁବିତ୍ ଆନ୍‌କା ପାଟ୍ରିସିଆଙ୍କ ମସ୍ତିଷ୍କ। ଶାସକ ନିକୋଲେଙ୍କ ପରାମର୍ଶକ୍ରମେ ଏହି ପାର୍ଲାମେଣ୍ଟ ଭବନ ନିର୍ମାଣ ହୋଇଥିଲା। ସବୁଠାରୁ ବଡ଼ କଥା ନକ୍ସା ପ୍ରସ୍ତୁତ ସମୟରେ ପାଟ୍ରିସିଆଙ୍କ ବୟସ ଥିଲା ମାତ୍ର ୩୨, ଯାହା ଏକ ରେକର୍ଡ। କାରଣ ଅଧିକାଂଶ ସମୟରେ ଏଭଳି ସୌଧର ନକ୍ସା ବୟସ୍କ ଧୁରୀଣ ଶିଳ୍ପୀଙ୍କ ଦ୍ୱାରା ହିଁ କରାଯାଇଥାଏ। ୨୦୦୦୦ ସୈନିକ ଏବଂ କଏଦୀଙ୍କ ଦିନରାତି ପରିଶ୍ରମର ଫଳ ରୋମାନିଆ ସଂସଦ ଭବନ। ସଂସଦର ଭିତର ପାର୍ଶ୍ୱ ଶଙ୍ଖମଲ ପଥରରେ ନିର୍ମିତ। ଜରୁରିକାଳୀନ ସମୟରେ ପ୍ରସ୍ଥାନ ଲାଗି ଏହା ଭିତରେ ୮ ଗୁପ୍ତ ସୁଡ଼ଙ୍ଗ ରହିଛି।

**ସ୍କଟଲାଣ୍ଡ:** ସୁନ୍ଦରତା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ସ୍କଟଲାଣ୍ଡ ସଂସଦ ଭବନ। ଏହା ବେଶି ପୁରୁଣା ନୁହେଁ। ୧୯୯୯ରୁ ୨୦୦୪ ମଧ୍ୟରେ ଏହାର ନିର୍ମାଣ କରାଯାଇଥିଲା। ତେବେ ଅଜସ୍ର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବାରୁ ପ୍ରଥମରୁ ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଆଭ୍ୟନ୍ତରରେ ନିର୍ମିତ ପ୍ରକୋଷ୍ଠଗୁଡ଼ିକ ପରସ୍ପରଠାରୁ ପୃଥକ୍। ଏହାର ଗୋଟିଏ କ୍ୟାମ୍ପସ ହଟାଇ ଦେଲେ ବି ସହଜରେ ଜାଣି ହେବନାହିଁ ବାସ୍ତୁବିତ୍ ଏନ୍‌ରିକ୍ ମିରାଲସ୍ ଏହାର ନକ୍ସା ତିଆରି କରିଥିଲେ। ନକ୍ସା ତିଆରି ହେବା ପରେ ରହସ୍ୟମୟ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ତଥାପି ନକ୍ସା ଅନୁଯାୟୀ ହିଁ ଏହାକୁ ତିଆରି କରାଯାଇଥିଲା।



ସ୍କଟଲାଣ୍ଡ



ବାଂଲାଦେଶ

## ବିରିୟାନି ଚଖାଇଲେ ମଦାଳସା



ମଦାଳସା ଶର୍ମା ଚକ୍ରବର୍ତ୍ତୀ

**ମୁମ୍ବାଇ:** ରାଜନ ଶାହିଙ୍କ ଶୋ 'ଅନୁପମା'ର କାଷ୍ଟ ଏବଂ କ୍ରୁ ମେମ୍ବର ମାନେ ଆଶ୍ଚର୍ଯ୍ୟ ହୋଇଥିଲେ ଯେତେବେଳେ ବୋହୂ ମଦାଳସା ଶର୍ମା ଚକ୍ରବର୍ତ୍ତୀଙ୍କ ସୁଟିଂ ସେଟ୍‌ରେ ଖାଦ୍ୟ ନେଇ ପହଞ୍ଚିଥିଲେ ମିଥୁନ ଚକ୍ରବର୍ତ୍ତୀ। ଶାକାହାରୀ ଖାଦ୍ୟ ବା ଭେଜ ବିରିୟାନିର ଆନନ୍ଦ କେବଳ ମଦାଳସା ନୁହେଁ ବରଂ ସମସ୍ତେ ଉପଭୋଗ କରିଥିଲେ। କାବ୍ୟା ଭୂମିକାରେ ଅଭିନୟ କରୁଥିବା ମଦାଳସା ମିଥୁନଙ୍କ ପୁଅ ମିମୋହଙ୍କୁ ବିବାହ କରିଛନ୍ତି। ସେ କହିଛନ୍ତି ଯେ, ମୋ ଶାଶୂ ବହୁତ ଭଲ ରାନ୍ଧନ୍ତି। ବିଭିନ୍ନ ରୋଷେଇ ବିଷୟରେ ତାଙ୍କର ଜ୍ଞାନ ଆଶ୍ଚର୍ଯ୍ୟଜନକ। ସେ ନିଜର ରେସିପି ନିଜେ ପ୍ରସ୍ତୁତ କରନ୍ତି ଏବଂ ଯେତେବେଳେ ବି ସେ କିଛି ରାନ୍ଧନ୍ତି ମୁଁ ତାହା ଖାଇବାକୁ ପସନ୍ଦ କରେ ଏବଂ ଏହାକୁ ଦୁନିଆର ସବୁଠାରୁ ସ୍ୱାଦିଷ୍ଟ ଖାଦ୍ୟ ବୋଲି ଭାବେ। ରାଜନ ଶାହିଙ୍କ ସହ କାମ କରିବାକୁ ନେଇ ସେ କହିଛନ୍ତି ଯେ, ଏହା ମୋ ପାଇଁ ଏକ ସ୍ୱପ୍ନ ପରି। ବର୍ଷ ବର୍ଷ ଧରି ତାଙ୍କ ପ୍ରତି ମୋର ଅପାର ସମ୍ମାନ ରହିଛି ଏବଂ ଶେଷରେ, ଯେତେବେଳେ ମୁଁ କାବ୍ୟାର ଚରିତ୍ର ଶୁଣିଲି ସେତେବେଳେ ଏହା ବହୁତ ଭଲ ଲାଗିଲା ଏବଂ ଏଥିପାଇଁ ସଙ୍ଗେ ସଙ୍ଗେ ରାଜି ହୋଇଯାଇଥିଲି।

## ସମୁଦ୍ର କୂଳରେ ସେଲ୍‌ଫି ନେଲେ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ:** ଦୁନିଆରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ମନଭରି ଉପଭୋଗ କରିବାକୁ ଇଚ୍ଛା ହୋଇଥାଏ। ସେଠରେ କିଛି ସମୟ ବିତାଇବା ସହ ସ୍ମୃତି ସାଉଣ୍ଟିବାକୁ ଫଟୋ ଏବଂ ସେଲ୍‌ଫି ନେବାକୁ ଭୁଲି ନ ଥାଉ। ବିଶେଷକରି ସମୁଦ୍ର କୂଳିଆ ଅଞ୍ଚଳରେ ସେଲ୍‌ଫି ନେବାର ସୁଯୋଗକୁ କିଏ ବା ହାତଛଡ଼ା କରିବାକୁ ଚାହିଁବ। ହେଲେ ଦୁନିଆରେ ଏମିତି ଏକ ସମୁଦ୍ର କୂଳ ରହିଛି, ଯେଉଁଠାରେ ସେଲ୍‌ଫି ନେଲେ ମୃତ୍ୟୁଦଣ୍ଡ ହୋଇପାରେ। ଥାଇଲାଣ୍ଡର 'ଫୁକେଟ୍' ବିଚ୍। ଏହି ବିଚ୍‌ର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଦେଶ ଏବଂ ବିଦେଶ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପହଞ୍ଚିବା ପରେ ସେଲ୍‌ଫିଟିଏ ନେବାକୁ ଅନୁମତି ନ ମିଳିଲେ କାହାକୁ ବା କଷ୍ଟ ନ ହେବ। ଏଠାରେ ସେଲ୍‌ଫି ଉପରେ ଲାଗିଛି କଟକଣା। ଏହାକୁ ଅମାନ୍ୟ କଲେ ମୃତ୍ୟୁଦଣ୍ଡ ମଧ୍ୟ ହୋଇପାରେ। ଏହା ପଛରେ ରହିଛି ଏକ ପ୍ରମୁଖ କାରଣ। ଏହି ବିଚ୍ ନିକଟରେ ଏକ ଏୟାରପୋର୍ଟ ରହିଛି। ଏଠାରେ ସବୁବେଳେ ବିମାନ ଚଳାଚଳ କରିଥାଏ। ଏଠାରେ ପର୍ଯ୍ୟଟକ ଉଡ଼ନ୍ତା ବିମାନ ସହ ସେଲ୍‌ଫି ନେବାକୁ ଉଦ୍ୟମ କରିଥାନ୍ତି। ଏଥିରେ ପାଇଲଟ୍‌ଙ୍କୁ ମଧ୍ୟ ଅସୁବିଧା ହୋଇଥାଏ। ତେଣୁ ବିପଦକୁ ଏଡ଼ାଇବା ପାଇଁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ସେଲ୍‌ଫି ଉପରେ କଟକଣା ଜାରି କରାଯାଇଛି।



## କଦଳୀଗଛରୁ ସାନିଟାରି ପ୍ୟାଡ୍

**ଅମୃତସର:** କଦଳୀ ଗଛରୁ ବି ପ୍ରସ୍ତୁତ ହୋଇପାରେ ସାନିଟାରି ପ୍ୟାଡ୍। ହଁ ଏଭଳି ଏକ କାମ କରି ଦେଖାଇଛନ୍ତି ପଞ୍ଜାବ ମ୍ୟାନେଜମେଣ୍ଟ ଏଜୁକେଶନ୍ ଟ୍ରଷ୍ଟ ଗ୍ରୁପ ଇନ୍‌ଷ୍ଟିଚ୍ୟୁଟର ଏମ୍‌ବିଏ ଛାତ୍ର। ଏହି ଇନ୍‌ଷ୍ଟିଚ୍ୟୁଟର କେତେଜଣ ଛାତ୍ରୀଛାତ୍ର ମିଶି ଏଭଳି ଏକ ନାପକିନ୍ ତିଆରି କରିଛନ୍ତି, ଯାହାର ନାଁ ରହିଛି ନ୍ୟାପେଡ୍‌ସ। କଦଳୀ ଗଛର ଅବଶିଷ୍ଟାଂଶରୁ ସେମାନେ ଏହି ନାପକିନ୍ ତିଆରି କରି ରେକର୍ଡ କରିଛନ୍ତି। କଦଳୀ ଗଛ ତରଳ ପଦାର୍ଥକୁ ଗ୍ରହଣ କରିବାର କ୍ଷମତା ଅଧିକ ରଖିଥାଏ। ତେଣୁ ଗଛର ଅଂଶକୁ ନେଇ ଛାତ୍ରୀ ଆଦିତି ଦ୍ୱିବେଦୀ ସହଯୋଗୀଙ୍କ ସହ ମିଶି ସେଥିରେ କପଡ଼ା ପକାଇ ତାହାକୁ ନାପକିନ୍‌ର ରୂପ ଦେଇଥିଲେ। ଏଥିରେ ସେ ଆଦୌ ପ୍ଲାଷ୍ଟିକ୍ ବ୍ୟବହାର କରି ନ ଥିଲେ। ଏହି ନାପକିନ୍ ମାର୍କେଟକୁ ଆସିବା ପାଇଁ ଆଉ କିଛି ମାସ ଲାଗିବ ବୋଲି ସେ କହିଛନ୍ତି।



## ସ୍ମାର୍ଟଫୋନରେ କୋଭିଡ୍ ଟେଷ୍ଟ

**ୱାଶିଂଟନ:** ସ୍ମାର୍ଟଫୋନର ବ୍ୟବହାରରେ କ୍ରିସ୍‌ପର (ସିଆର୍‌ଆଇଏସ୍‌ପିଆର୍) ଆଧାରିତ କୋଭିଡ୍-୧୯ ଟେଷ୍ଟ କରାଯିବାକୁ ବୈଜ୍ଞାନିକମାନେ ନୂଆ ଟେକ୍ନୋଲୋଜି ଆବିଷ୍କାର କରିଛନ୍ତି। ଏହି ଉପାୟରେ ମାତ୍ର ୩୦ ମିନିଟ୍ ମଧ୍ୟରେ କରୋନା ଟେଷ୍ଟ ଫଳାଫଳ ଜଣାପଡିବ ବୋଲି ଜର୍ନାଲ ସେଲରେ ଏକ ରିପୋର୍ଟରେ ପ୍ରକାଶ ପାଇଛି। ନୂତନ ଟେକ୍ନୋଲୋଜିରେ ଫୋନର କ୍ୟାମେରାକୁ ବ୍ୟବହାର କରାଯିବ। ସମସ୍ତ କ୍ରିସ୍‌ପର ଡାଇଗ୍ନୋଷ୍ଟିକରେ ଭୂତାଣୁର ଆର୍‌ଏନ୍‌ଏକୁ ଡିଏନଏରେ ପରିଣତ କରାଯାଇଥାଏ, ଯାହା କି ସମୟସାପେକ୍ଷ। କିନ୍ତୁ ନୂଆ ପଦ୍ଧତିରେ ସିଧାସଳଖ ଭାବେ ଭାଇରସ୍‌ର ଆରଏନ୍‌ଏକୁ ଚିହ୍ନଟ କରାଯାଇପାରିବ ବୋଲି ଗ୍ଲାଡଷ୍ଟୋନ ଇନଷ୍ଟିଚ୍ୟୁଟର ବରିଷ୍ଠ ଗବେଷକ ଜେନିଫର ଡୁଡନା କହିଛନ୍ତି। ବିଭିନ୍ନ କାରଣରୁ କୋଭିଡ୍ ଟେଷ୍ଟିଂ ହୋଇପାରୁ ନ ଥିବା ସ୍ଥାନରେ ଏହା ବିଶେଷ ଉପଯୋଗୀ ହେବ ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ଟେଷ୍ଟରେ ପ୍ରଥମେ କାସ୍-୩ ପ୍ରୋଟିନକୁ ଇଣ୍ଡିକେଟର ବା ରିପୋର୍ଟର ଅଣୁ ସହ ମିଶାଯାଇଥାଏ। ପରେ ରୋଗୀଙ୍କ ନମୁନା ସେଥିରେ ମିଶାଯାଇ ସ୍ମାର୍ଟଫୋନ ସହ ସଂଯୁକ୍ତ ଏକ ଡିଭାଇସ୍‌ରେ ରଖାଯାଏ। ଯଦି ସଂଗୃହୀତ ନମୁନାରେ କରୋନା ଭୂତାଣୁ ରହିଥାଏ ତେବେ କାସ୍-୩ ପ୍ରୋଟିନ୍ ଆକ୍ଟିଭେଟ ହୋଇଯିବ। ଫଳରେ ଉକ୍ତ ପ୍ରୋଟିନ ସହ ମିଶିଥିବା ରିପୋର୍ଟର ଅଣୁ ଅଲଗା ହୋଇ ଫ୍ଲୋରୋସେଣ୍ଟ ବା ରଙ୍ଗୀନ ସିଗ୍ନାଲ ପ୍ରଦାନ କରିବ। ସିଗ୍ନାଲକୁ ଫୋନ କ୍ୟାମେରାରେ ଚିହ୍ନଟ କରାଯାଇପାରିବ।

**6th Birthday**



Sneha Smita Mohanty
Many many happy returns of the day.
-:With best wishes:-
Father: Sangram Mohanty,
Mother: Liza Mohanty.
ଧ-୧୯୧୭୧

**ବିବାହ ଉପଲକ୍ଷେ ଶୁଭେଚ୍ଛା**



ଶ୍ରୀତମ୍ ଜଗଦେବ (ବଣ୍ଟି)
ସହିତ
ଭାଗ୍ୟଲକ୍ଷ୍ମୀ (ରିଙ୍କି)
ଜରିପୁଟ, ଖୋର୍ଦ୍ଧା – ଢେଙ୍କାନାଳ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
–:ଶୁଭେଚ୍ଛା ସହ:–
ମା',ବାପା, ବଡ଼ମା', ବଡ଼ବାପା, ଦାଦା, ଖୁଡୀ, ଭଉଣୀ, ଭିଣୋଇ, ଭାଇ, ଭାଉଜ ଓ ପରିବାରବର୍ଗ।
ଧ-୧୯୧୬୬

**ସମସ୍ତ ପୁରୁଣା ରୋଗର ପରମାନେଣ୍ଟ ସମାଧାନ**
ଆୟୁର୍ବେଦ ଆପଣାନ୍ତୁ ଜୀବନ, ଧନ ଓ ସମୟ ବଂଚାନ୍ତୁ

| Some of our Methods | କ୍ୟାନସର | Some Chronic List We Deal With |
|---|---|---|
| Ayurveda | ସମସ୍ତ ପ୍ରକାର କ୍ୟାନସର, | All types of CANCER |
| Diet Therapy | ରକ୍ତଚାପ ଓ ହାର୍ଟ ଜନିତ ରୋଗ | Neurology, Brain |
| Naturopathy | ଡାଇବେଟିସ, ସମସ୍ତ ଲିଭର ରୋଗ | Kidney Stone, Prostate |
| Immunity | କିଡନୀ, ଆଣ୍ଠୁଗଣ୍ଠି, ବାତ, ମୂର୍ଚ୍ଛା | Creatinine Dialysis, CKD |
| Detoxification | ରକ୍ତରୋଗ, ବହୁଦିନ ଛୁଆପିଲା | Arthritis, Joint Pain, |
| Essential oils | ନହେବା ଇତ୍ୟାଦି... | Fatty Liver, Cirrhosis |
| Antioxidants | | Thalassemia, Blood |
| & many more | | Asthma, Thyroid, Lung |
| | | Cardiology, BP, Heart |
| | | Infertility, Gynecology |
| | | Diabetes, Skin, AIDS |
| | | Addiction & etc... |

Time 10am - 3pm, 5pm - 10pm
ପ୍ରତ୍ୟେକ ଦିନ ଖୋଲାଥାଏ
Hudco Colony, Madhuban, Baripada Mayurbhanj 8480192719
Send Report on 8895581095
Also book appointment in this number
ଆୟୁର୍ବେଦ ଓଡିଶା। www.AyurvedOdisha.com

**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385
8637280816, 9338757574
7894447167, 9338226625

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
**Bansal Tower**
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ



ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିଯୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବ୍ରଜବାସୀ ମହାପାତ୍ର
ପ୍ରଭାତ ଲେନ୍ ପୁରୀ
ଆବିର୍ଭାବ: ୧୮।୦୬।୧୯୫୫
ତିରୋଧାନ: ୧୯।୧୧।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏମିତି କୌଣସି ଦିନ ନାହିଁ ଯେଉଁଦିନ ତୁମକଥା ମନେ ନପଡ଼ିଛି। ତୁମର କର୍ମନିଷ୍ଠା, ପ୍ରେରଣା ଓ ସ୍ନେହ ଆମ ଜୀବନର ପଥ ପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଭଲରେ ରଖିଥାନ୍ତୁ ଏତିକି ପ୍ରାର୍ଥନା।
–:ଶୋକସନ୍ତପ୍ତ:–
ପତ୍ନୀ, ପୁଅ, ବୋହୂ, ନାତି ଓ ଆତ୍ମୀୟସ୍ୱଜନ।
ଧ-୬୮୪୯

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସୁଶୀଲ କୁମାର ସ୍ୱାଇଁ
ଗ୍ରାମ: ଅଠିରା, ଅସ୍ତରଙ୍ଗ, ପୁରୀ
ତିରୋଧାନ: ୨୮।୧୧।୨୦୨୦
ଭାଇ, ଆପଣଙ୍କ ଅକାଳ ବିଚ୍ଛେଦକୁ ଆମେ ତିଳେ ବି ବିଶ୍ୱାସ କରିପାରୁନୁ। ଆପଣଙ୍କ ଶିକ୍ଷା, ଉପଦେଶ ଓ ମାର୍ଗଦର୍ଶନ ଆମକୁ ସଦା ଉଜ୍ଜୀବିତ କରି ରଖିବ। ଆପଣ ଛାଡ଼ି ଯାଇଥିବା ଟିକି ଦୁନିଆର ଭରପୂର ଯତ୍ନ ବି ନେବୁ। ଆପଣ ଯେଉଁଠି ଥାଆନ୍ତୁ, ଖୁସିରେ ଥାନ୍ତୁ ଓ ଆମକୁ ଆଶୀର୍ବାଦ କରୁଥାନ୍ତୁ।
–:ଆପଣଙ୍କର ସାନ ଭାଇମାନେ:–
ସୁଧାଂଶୁ, ସୌଭାଗ୍ୟ, ଲିଙ୍ଗରାଜ ଓ ବାପୁନି
ଧ-୬୯୬୫୩

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଲକ୍ଷ୍ମୀ ତ୍ରିପାଠୀ
ସ୍ୱାମୀ: ଶ୍ରୀ ବିଶ୍ୱନାଥ ତ୍ରିପାଠୀ
ରତ୍ନାକରବାଗ-୨, ଭୁବନେଶ୍ୱର
ଆବିର୍ଭାବ: ୧୯।୦୪।୧୯୩୬
ତିରୋଧାନ: ୨୯।୧୧।୨୦୨୦
ତୋର ଅନୁପସ୍ଥିତିର ପ୍ରତିଟି ମୁହୂର୍ତ୍ତ ଆମେ ଅନୁଭବ କରୁଅଛୁ। ତୋର ମୁଖ ମଣ୍ଡଳ ଆଜି ଆମ ପାଇଁ ଅପାସୋରା। ତୋର ଅମର ଆତ୍ମା ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ସମର୍ପିତ ଥିଲା। ତେଣୁ ପବିତ୍ର କାର୍ତ୍ତିକ ମାସ ସରିବା ପୂର୍ବରୁ ଠାକୁରେ ଆମମାନଙ୍କ ଠାରୁ ଛଡ଼ାଇ ନେଇ ତାଙ୍କ ଶ୍ରୀଚରଣରେ ସ୍ଥାନ ଦେଲେ, ସେ ତୋ' ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
–:ଶୋକସନ୍ତପ୍ତ:–
ପୁତ୍ର- ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ, ଅଣନାତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୯୪୬୦

**୨୭ତମ ଶ୍ରାଦ୍ଧ ବାର୍ଷିକୀ**



ସ୍ୱର୍ଗତ ବଳରାମ ପଟ୍ଟନାୟକ
ଆବିର୍ଭାବ- ୦୯.୦୮.୧୯୨୮
ତିରୋଧାନ- ୦୭.୧୨.୧୯୯୩
ଆଜି ଏହି ୨୭ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।
ତୁମର ଧର୍ମପତ୍ନୀ, ବାବୁ, ଟୁଟୁ, ସୁନା, ମନି ଏବଂ ପରିବାରବର୍ଗ।
ଧ-୬୭୭୭୧

# କଙ୍ଗାରୁ କେୟାର

ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ତଥା ବିଭିନ୍ନ ସମସ୍ୟା ଦୂର କରିବା ନିମନ୍ତେ କଙ୍ଗାରୁ କେୟାର ବା କେଏମ୍‌ସି ଏକ ସୁନ୍ଦର ବିକଳ୍ପ। ନବଜାତ ଶିଶୁକୁ କଙ୍ଗାରୁ ଭଳି ନିଜ ତ୍ୱଚା ସହ ଲଗାଇ ରଖିବାକୁ ହୋଇଥାଏ। ମାଆମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ମା'କୁ କୌଣସି ପ୍ରକାରର ରୋଗ ହୋଇ ନ ଥିବ, ସେ ପୋଷାକ ବଦଳାଉଥିବେ ଏବଂ ହାତକୁ ସଫା ରଖିବାକୁ ହେବ। ଯଦି ମାଆଟିଏ କେଏମ୍‌ସି ଦେବାକୁ ଅକ୍ଷମ ତେବେ ଶିଶୁର ପିତା କିମ୍ବା ଦାଦା ଅଥବା ପରିବାରର ଅନ୍ୟ ସଦସ୍ୟ ବି ଶିଶୁକୁ କେଏମ୍‌ସି ଦେଇପାରିବେ।

**କିପରି ଦେବେ କେଏମ୍‌ସି**

କେଏମ୍‌ସି ଦେବା ସମୟରେ ଆଗପଟରୁ ଖୋଲା ହୋଇପାରୁଥିବା ପୋଷାକ ପିନ୍ଧନ୍ତୁ। ଶିଶୁକୁ ମଧ୍ୟ ନ୍ୟାପକିନ୍ ପିନ୍ଧାଇବା ସହିତ ଆଗପଟରୁ ଖୋଲା ଥିବା ପୋଷାକ ପିନ୍ଧାନ୍ତୁ। ଶିଶୁକୁ କେଏମ୍‌ସି ଦେଉଥିବା



ବ୍ୟକ୍ତି ପୋଷାକ ଖୋଲି ଛାତିରେ ଜାକି ଧରନ୍ତୁ। ଏହି ପ୍ରକ୍ରିୟା ବସିବାବେଳେ କିମ୍ବା ଶୋଇବାବେଳେ ଦେଇପାରିବେ। ପ୍ରଥମେ ଅତିକମରେ ୧ଘଣ୍ଟା ଏବଂ ପରେ ସମୟ ବଢ଼ାଇ ପୂରା ଦିନ ଶିଶୁକୁ କେଏମ୍‌ସି ଦେବା ଉଚିତ। ଶିଶୁର ଓଜନ ଅଢେଇ କିଲୋଗ୍ରାମରୁ ଅଧିକ ହେଲେ କେଏମ୍‌ସି ବନ୍ଦ କରି ଦିଆଯାଇପାରେ।

**କେଏମ୍‌ସିର ଲାଭ:** କଙ୍ଗାରୁ କେୟାର ପଦ୍ଧତି ଦ୍ୱାରା ଶିଶୁର ଶୀଘ୍ର ଓଜନ ବୃଦ୍ଧି ହୋଇଥାଏ। ମା'ର କ୍ଷୀର ବଢ଼ିଥାଏ। ଶିଶୁର ତାପମାତ୍ରା ଠିକ୍ ରହିଥାଏ ଏବଂ ଇନ୍‌ଫେକସନରୁ ମୁକ୍ତି ମିଳିଥାଏ। ଠିକ୍‌ଭାବେ ପ୍ରକ୍ରିୟା କରିଲେ ମାତ୍ର ୩ ଦିନରେ ନବଜାତ ଶିଶୁର ବିକାଶ ହୋଇଥାଏ। ନବଜାତ ଶିଶୁର ମୃତ୍ୟୁହାର ବି କମ୍ ହୋଇଥାଏ।ବିଶେଷଜ୍ଞଙ୍କ କହିବା ଅନୁସାରେ ଇନ୍‌କ୍ୟୁବେଟର ତୁଳନାରେ କେଏମ୍‌ସି ଅତ୍ୟନ୍ତ ଫଳପ୍ରଦ।

| ଖାଦ୍ୟରୁଚି

# ଭେଜ୍ ମାଛ ତରକାରି

**ଆବଶ୍ୟକ ସାମଗ୍ରୀ:** ସୋୟାବିନ୍- ୧୦୦ଗ୍ରାମ୍, ବ୍ରେଡ- ୨ ଖଣ୍ଡ, କଞ୍ଚା କଦଳୀ- ଛୋଟ ୧ଟି ସିଝା, ଆଳୁ- ୪ଟି, ପିଆଜ- ୨ଟି ବଡ଼, ଅଦା- ଛୋଟ ଖଣ୍ଡେ, କଞ୍ଚାଲଙ୍କା- ୨/୩ଟି, ରସୁଣ- ୨ଟି ବଡ଼, ଜିରା ଓ ସୋରିଷ- ଅଳ୍ପ, ଲଙ୍କାଗୁଣ୍ଡ- ଅଧା ଚାମଚ, ଟମାଟୋ- ୧ଟା ବଡ଼, ଲୁଣ, ତେଲ ଓ ହଳଦୀ (ଆବଶ୍ୟକ ଅନୁସାରେ)।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ଭିଜାଇ ଚିପୁଡି ରଖନ୍ତୁ। କଞ୍ଚା କଦଳୀ ଓ ଆଳୁର ଚୋପା ଛଡ଼ାଇ ଲୁଣ ଓ ହଳଦୀ ଦେଇ ସିଝାଇ ନିଅନ୍ତୁ। ସୋୟାବିନ୍, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କାକୁ ହାଲ୍‌କା ଗ୍ରାଇଣ୍ଡିଂ କରି କିମା କରି ନିଅନ୍ତୁ। ଏଥିରେ ସିଝା ଆଳୁ ଓ କଦଳୀ, ଲୁଣ, ହଳଦୀଗୁଣ୍ଡ ପକାଇ ଭଲଭାବେ ଚକଟି ନିଅନ୍ତୁ। ସେଥିରେ ବ୍ରେଡକୁ ଛୋଟ ଛୋଟ କରି ମିଶାଇ ଦିଅନ୍ତୁ। ଏବେ ଏହି ପେଷ୍ଟକୁ ଛୋଟ ଛୋଟ ଗୁଳା କରି ମଝିରୁ କଣା କରି କଟା ମାଛ ଭଳି ସେପ୍ ଦିଅନ୍ତୁ ଓ ତାକୁ ମଇଦାରେ ଗଡ଼ାଇ କୋଟିଂ ଦିଅନ୍ତୁ। ଏହିପରି ସବୁତକ



ମାଛ ପିସ୍ ଭଳି କରି କଡ଼େଇରେ ତେଲ ପକାଇ ଧୀରେ ଧୀରେ ଭାଜି ଦିଅନ୍ତୁ। ଏହାପରେ ତରକାରି ନିମନ୍ତେ ପିଆଜ, ରସୁଣ, ସୋରିଷ ଓ ଜିରାକୁ ବାଟି ବେସର ମସଲା ଗ୍ରାଇଣ୍ଡିଂ କରି ଦିଅନ୍ତୁ। କଡେଇରେ ତେଲ ଗରମ କରି ସେଥିରେ କଟା ଆଳୁକୁ ଟିକେ ଭାଜି ଦିଅନ୍ତୁ। ପୁଣି ଥରେ କଡେଇରେ ତେଲ ଗରମ କରି ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ବାଦାମୀ ହୋଇଗଲେ ସେଥିରେ ବଟା ମସଲାକୁ ଅଳ୍ପ କଷି ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ଟମାଟୋ ଓ ଆଳୁ ପକାଇ କଷିବା ପରେ ସେଥିରେ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ। ଆଳୁ ସିଝିଗଲା ପରେ ସେଥିରେ ଭଜା ଭେଜ୍ ମାଛଗୁଡ଼ିକୁ ପକାନ୍ତୁ। ତେବେ ତରକାରି ଟିକେ ଥଣ୍ଡା ହେବା ପରେ ଏହି ମାଛକୁ ପକାଇଲେ ତାହା ଫିଟିବ ନାହିଁ।

# ଘରୋଇ ହେୟାର ମାସ୍କ

ଦୂଷିତ ପରିବେଶରେ କେଶ ଝଡ଼ିବା କିମ୍ବା ସମୟ ପୂର୍ବରୁ ଧଳା ହୋଇଯିବା ଭଳି ବିଭିନ୍ନ ସମସ୍ୟା ଦେଖାଯାଉଛି। ତେବେ ସୁନ୍ଦର ଲମ୍ବା, ଘନ କଳା କେଶ ଚାହୁଁଥିଲେ ଆପଣାନ୍ତୁ ଘରୋଇ ମାସ୍କ...

- ଦହିରେ କେଶ ମୂଳକୁ ଭଲଭାବେ ମସାଜ କରନ୍ତୁ। ଦହି ଶୁଖିଗଲା ପରେ ସାମ୍ପୁ କରାଇ ନିଅନ୍ତୁ।
- ରାତିରେ ମେଥିକୁ ଭିଜାଇ ସକାଳେ ତା'ର ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ କେଶ ମୂଳରେ ଲଗାଇ ଶୁଖିବା ପରେ ଭଲଭାବେ ଧୋଇ ନିଅନ୍ତୁ।
- ୨ଟି ପାଚିଲା କଦଳୀ, ୨ଟି ଅଣ୍ଡା ଓ ୩ ଚାମଚ ମହୁ ଓ ଅଲିଭ୍ ଅଏଲ ମିଶାଇ ମୁଣ୍ଡରେ ଲଗାନ୍ତୁ। ଏହି ହେୟାର ମାସ୍କକୁ ଲଗାଇବାର ୧ ଘଣ୍ଟା ପରେ କେଶକୁ ସାମ୍ପୁ କରି ଦିଅନ୍ତୁ।
- ଅଣ୍ଡାରେ ଅଲିଭ ଅଏଲ ଲଗାଇ ମୁଣ୍ଡରେ ଲଗାନ୍ତୁ। କିଛି ସମୟ ପରେ ସାମ୍ପୁ କରି ଦିଅନ୍ତୁ, କେଶ ଝଡ଼ିବା କମ୍ ହୋଇଯିବ।
- କେଶ ଦୋମୁହାଁ ହୋଇ ଯାଉଥିଲେ ୧ ଚାମଚ ବାଦାମ ତେଲରେ ଗୋଟିଏ ଅଣ୍ଡାର ଧଳା ଅଂଶକୁ ମିଶାଇ କେଶ ମୂଳରୁ ଶେଷଯାଏ ଲଗାନ୍ତୁ। ୧ଘଣ୍ଟା ପରେ ଧୋଇ ଦିଅନ୍ତୁ।
- ୨-୩ଟି ପାଚିଲା କଦଳୀକୁ ପେଷ୍ଟ କରି ତାକୁ ଷ୍ଟିମ୍ କରି କେଶରେ ମାସ୍କ ଭଳି ଲଗାନ୍ତୁ ଓ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। କେଶର ଉଜ୍ଜ୍ୱଳତା ବୃଦ୍ଧି ପାଇବ।
- ନଡିଆ ତେଲରେ ଲେମ୍ବୁ ମିଶାଇ ଲଗାଇବାର ୧ ଘଣ୍ଟା ପରେ ଧୋଇ ଦିଅନ୍ତୁ। କେଶ ମଜଭୁତ ହେବ। ଅଲିଭ ଅଏଲ ଏବଂ ସୋରିଷ ତେଲକୁ ମିଶାଇ କେଶରେ ଲଗାଇଲେ କେଶ ମଜଭୁତ ହୁଏ।
- କ୍ଷୀର ଓ ମହୁକୁ ସମାନ ମାତ୍ରାରେ ମିଶାଇ କେଶ ମୂଳରେ ମସାଜ କରି ୨୫ମିନିଟ ପରେ ଧୋଇ ଦିଅନ୍ତୁ। ଅଣ୍ଡାର ହଳଦିଆ ଅଂଶରେ ଦହି ମିଶାଇ କେଶରେ ଲଗାଇବାର ୧୫ ମିନିଟ୍ ପରେ ସାମ୍ପୁ କରନ୍ତୁ।







# ମାଆଝିଅର ବନ୍ଧୁତ୍ୱ

ଏମିତି ଏକ ସମ୍ପର୍କ ଯେଉଁଠି ଥାଏ ଭଲପାଇବାର ଅଲିଖିତ ଚୁକ୍ତି। ଅନାବିଳ ପ୍ରେମ ଆଉ ଅଯାଚିତ ସ୍ନେହର ପ୍ରତିଶ୍ରୁତି। ଭରସା, ବିଶ୍ୱାସ ଆଉ ସ୍ନେହ ମମତାର ଡୋରିରେ ବନ୍ଧା ମା'ଝିଅଙ୍କ ସମ୍ପର୍କ। ହେଲେ ସମାଜର ଜଟିଳ ପରିସ୍ଥିତିରେ ଭୁଲଠିକ୍, ଭଲମନ୍ଦର ବିଚାର କରିବାବେଳେ ମାଆ ହିଁ ପାଲଟିଥାଏ ପଥ ପ୍ରଦର୍ଶକ ଆଉ ଦରଦୀ ବନ୍ଧୁ। ସାଙ୍ଗ ଭଳି ସବୁ ସୁଖଦୁଃଖ ବାଣ୍ଟି ସହଜରେ ନିଜେ ସବୁ ସମସ୍ୟା ସମାଧାନ କରିପାରେ...




ଲୁବନା



ପ୍ରେମଲତା



ଦେବଦର୍ଶିନୀ



**ସାଙ୍ଗ ଭଳି:** ମା, ଝିଅର ସମ୍ପର୍କ ଅନେକ କ୍ଷେତ୍ରରେ ହୋଇଥାଏ ବନ୍ଧୁ ଭଳି। ଝିଅଟିଏ ବଡ଼ ହେଲେ ବିଭିନ୍ନ ପରିସ୍ଥିତି ଦେଇ ଗତିକରେ। ଆଉ ଜୀବନର ଭିନ୍ନ ଭିନ୍ନ ମୋଡରେ ସେ ନିଜ ମନକଥା ଖୋଲି କହିପାରେ କେବଳ ମାଆକୁ। ତେଣୁ ନିଜର ଅତି ନିକଟତମ ବନ୍ଧୁ ଭଳି ସେ ମାଆ ପାଖରେ ସବୁକିଛି ଖୋଲି କହିପାରେ। ତେଣୁ ପ୍ରତି କ୍ଷେତ୍ରରେ ମାଆମାନେ ନିଜ ଝିଅ ସହିତ ସେଭଳି ଭାବରେ ମିଶିବା ଉଚିତ; ଯାହାଫଳରେ ଝିଅଟିଏ ପ୍ରତି ମୁହୂର୍ତ୍ତରେ ତା' ମନ କଥା ଖୋଲି କହିପାରିବ।

**ସମସ୍ୟାରୁ ମୁକ୍ତି ସହଜ:** ମାଆ ଝିଅଙ୍କର ସମ୍ପର୍କ ବନ୍ଧୁଭଳି ହୋଇଥିଲେ ବହୁ ସମସ୍ୟାରୁ ମୁକ୍ତି ମିଳିଥାଏ। ଝିଅଟିଏ ବଡ଼ ହୋଇ କୌଣସି ଭୁଲ କାମ କରିବା ପୂର୍ବରୁ ମାଆ ତାକୁ ସଚେତନ କରାଇ ଭୁଲ୍ ସୁଧାରି ନେବାର ସୁଯୋଗ ଦେଇଥାଏ। ସେହିଭଳି ସମାଜରେ ପ୍ରତି ପାଦେ ପାଦେ କିଭଳି ବିପଦକୁ ଆଡ଼େଇ ନିଜକୁ ସୁରକ୍ଷିତ କରିହେବ ସେନେଇ ବି ମାଆର ପରାମର୍ଶ ଝିଅ ପାଇଁ ବରଦାନ ହୋଇଥାଏ। ସେହିପରି କୌଣସି ପ୍ରକାରର ଭୁଲ୍ କାମରେ ଯେଉଁଠି ବାହାର ବନ୍ଧୁମାନେ ଜାଣିପାରି ଫାଇଦା ନେବାକୁ ଚେଷ୍ଟା କରନ୍ତି ସେଠାରେ ମାଆଟିଏ ଢାଲ ଭଳି ଛିଡ଼ା ହୋଇ ଅଭୟ ପ୍ରଦାନ କରିଥାଏ। ମାଆ ଝିଅଙ୍କର ବନ୍ଧୁ ଭଳି ସମ୍ପର୍କ ରହିଲେ ଏମିତି ଅନେକ ସମସ୍ୟାର ସମାଧାନ ଠିକ୍ ସମୟରେ ହୋଇଯାଏ।

**ଉପଯୁକ୍ତ ପରାମର୍ଶ:** ନାରୀର ଅନେକ ରୂପ ଅଛି। କେତେବେଳେ ସେ କୁନି ଝିଅଟିଏ ହୋଇ ଗାଁ ଦାଣ୍ଡରେ ମୁକ୍ତ ବିହଙ୍ଗ ଭଳି ଉଡ଼ିବୁଲେ ତ କେବେ ଅନେକ କାଇଦା କଟକଣାରେ ତାକୁ ଚଳିବାକୁ ହୁଏ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଝିଅଟିଏ ଏମିତି ବିଭିନ୍ନ ପର୍ଯ୍ୟାୟରେ ସମ୍ପର୍କର ଡୋରି ସମ୍ଭାଳିଥାଏ। ହେଲେ ଏସବୁ ଭିତରେ ଠିକ୍ ଭୁଲ୍‌ର ନିଷ୍ପତ୍ତି ନେବାପାଇଁ ମାଆଙ୍କର ପରାମର୍ଶ ନିହାତି ଲୋଡ଼ା ହୋଇଥାଏ। ଆଉ ମାଆ ହିଁ ଝିଅର ଭବିଷ୍ୟତକୁ ସୁରକ୍ଷା ଦେବାପାଇଁ ଉପଯୁକ୍ତ ପରାମର୍ଶ ଦେଇଥାନ୍ତି।

**ପଥ ପ୍ରଦର୍ଶକ:** କଥାରେ ଅଛି ସତସଙ୍ଗ ଦ୍ୱାରା ହିଁ ମଣିଷ ଅନେକାଂଶରେ କୁମାର୍ଗରୁ ନିଜକୁ ରକ୍ଷା କରିପାରେ। ତେଣୁ ମାଆ ହିଁ ଝିଅ ପାଇଁ ପଥ ପ୍ରଦର୍ଶକ ହୋଇପାରନ୍ତି। ସମ୍ପର୍କ ବନ୍ଧୁ ଭଳି ହୋଇଥିଲେ ମାଆଟିଏ ତା' ଝିଅ ପାଇଁ ପଥ ପ୍ରଦର୍ଶକ ହୋଇପାରନ୍ତି। ପ୍ରତି ମୁହୂର୍ତ୍ତରେ ସେ ଝିଅ ଜୀବନରେ ଘଟୁଥିବା ଘଟଣା ସମ୍ପର୍କରେ ଜାଣି ତାକୁ ରକ୍ଷା କରିବା ସହିତ ତା'ର ମାର୍ଗଦର୍ଶନ କରିପାରନ୍ତି।



### ଏମାନେ ଯାହା କହନ୍ତି

**ଝିଅ ମତେ ସବୁ କଥା କହେ : ପ୍ରେମଲତା ସାମଲ** (ଗୃହିଣୀ, ବିକାଶ ନଗର, ବାଲେଶ୍ୱର)-ଝିଅ ମାମୁନ ସହିତ ମୋର ସାଙ୍ଗ ଭଳି ସମ୍ପର୍କ ଥିବାରୁ ସେ ମତେ ତା' ଜୀବନରେ ଘଟୁଥିବା ସବୁ କଥା କହେ। ତେଣୁ ମୁଁ ଠିକ୍ ସମୟରେ ତାକୁ ସଜାଡ଼ି ନେବାର ସୁଯୋଗ ପାଏ। ପାଠ ପଢ଼ିବାବେଳେ ବି ମୋ ଝିଅ ମତେ ତା'ର ସବୁ ବନ୍ଧୁମାନଙ୍କ କଥା ଆଉ ସେମାନଙ୍କ ସହିତ ଯୁଆଡ଼େ ବି ବୁଲିବାକୁ ଯାଏ ସବୁକଥା କହେ। ତେଣୁ ମୋ ଝିଅ କିଛି ଭୁଲ୍ କାମ କରୁନି ବୋଲି ମୁଁ ନିଶ୍ଚିତ ରହେ। ଆଉ ଯଦି ବି ସେ କେବେ କୌଣସି ଭୁଲ୍ କାମ କରୁଥିବାର ମୁଁ ଆଭାସ ପାଇବ ମାତ୍ରେ ବିଳମ୍ବ ନ କରି ତାକୁ ସଚେତନ କରାଇ ଦିଏ। ତେଣୁ ସବୁ ମାଆମାନେ ଝିଅମାନଙ୍କ ସହିତ ଏମିତି ମିଶିବା ଉଚିତ ଯେମିତି କି ଝିଅଟିଏ ତା'ର ସବୁ କଥା କହିବା ପାଇଁ ସଙ୍କୋଚବୋଧ କରିବ ନାହିଁ।

**କିଛି କଥା ଲୁଚାଇ ରଖିପାରେନି : ଲୁବନା ପଟ୍ଟନାୟକ** (ଏମ୍‌ବିଏ ଛାତ୍ରୀ, ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର)- ସ୍କୁଲରେ ପଢ଼ିବା ସମୟରୁ ସାଙ୍ଗମାନଙ୍କ ସହ ଝଗଡ଼ା ହେଉ କି ବୁଲିବାକୁ ଯିବାବେଳର କଥା ହେଉ ସବୁ କଥା ମୁଁ ମାମାକୁ କହିଥାଏ। ମୋର ସବୁ ସାଙ୍ଗ ଓ ତାଙ୍କ ସମ୍ପର୍କରେ ମାମା ଜାଣିଛି। ଏବେ କଲେଜରେ ବି ମୁଁ ଯେଉଁଠି ଯାହା କରେ ସବୁ ମାମାକୁ କହେ। ମାମା ମୋର ବେଷ୍ଟ ଫ୍ରେଣ୍ଡ। ମାମକୁ କିଛି କଥା ମୁଁ ଲୁଚାଇ ରଖିପାରେନି, ଆଉ ମାମା ବି ମତେ କେଉଁ କାମ କରିବା ଉଚିତ ନୁହେଁ କିମ୍ବା ମୁଁ କ'ଣ ଭୁଲ୍ କଲି ସେ ନେଇ ସଚେତନ କରାଇ ଦିଅନ୍ତି।

**ମୋ ବେଷ୍ଟ ଫ୍ରେଣ୍ଡ : ଦେବଦର୍ଶିନୀ ସାମନ୍ତରାୟ** (ରିସର୍ଚ୍ଚ ଆସୋସିଏଟ, ଆଇଆଇଏସ୍‌ସି, ବାଙ୍ଗାଲୋର)-ମୋ ମାମା ମୋର ବେଷ୍ଟ ଫ୍ରେଣ୍ଡ। ଯେତେ ଦୂରରେ ଥିଲେ ବି ମୁଁ ମାଆ ସହିତ ସବୁବେଳେ ଯୋଡ଼ି ହୋଇ ରହିଥାଏ। ତାକୁ ସବୁ କଥା କହିପାରେ। କିଛି ଜଟିଳ ପରିସ୍ଥିତି ଆସିବା ମାତ୍ରେ ମୋର ମାଆ କଥା ମନେପଡେ, ଆଉ ମୁଁ ତାକୁ ସାଙ୍ଗେ ସାଙ୍ଗେ ଫୋନ କରି କଥା ହେବା ପରେ ହିଁ ଶାନ୍ତି ପାଏ। ମାଆ ବିନା ମୁଁ କୌଣସି କାମରେ ସଫଳତା ।ପଇବା କଥା ଭାବି ପାରେନି।

**– ସସ୍ମିତା ନାୟକ**

## ମାଆକୁ ହିଁ ଆଗୁଆ ପଦକ୍ଷେପ ନେବାକୁ ହେବ

**– ପ୍ରଫେସର କଳ୍ପନା ସାହୁ**
*(ମନସ୍ତତ୍ତ୍ୱବିତ୍, ଜାଭିୟର ୟୁନିଭର୍ସିଟି, ଭୁବନେଶ୍ୱର)*



ମାଆ ଝିଅଙ୍କର ସମ୍ପର୍କ ସବୁଠୁ ନିବିଡ଼ ସମ୍ପର୍କ। ଏହି ସମ୍ପର୍କ ବନ୍ଧୁତାର ରୂପ ନେବା ନିହାତି ଆବଶ୍ୟକ। ଝିଅ ସହିତ ଏଭଳି ଏକ ନିବିଡ଼ ବନ୍ଧନ ଗଢ଼ିବା ପାଇଁ ମାଆକୁ ହିଁ ପ୍ରସ୍ତୁତ ହେବାକୁ ପଡ଼ିବ। ମାଆମାନଙ୍କୁ ହିଁ ସେଭଳି ଭାବରେ ଝିଅ ସହିତ ଆରମ୍ଭରୁ ମିଶିବାକୁ ହେବ ଯେପରି ଝିଅଟି ବଡ଼ ହେବା ପରେ ବି ତାର ମନ କଥା ଖୋଲି କହିପାରିବ। ଝିଅ ସହିତ ମାଆର ସାଙ୍ଗ ଭଳି ସମ୍ପର୍କ ସୃଷ୍ଟି ହେଲେ ଝିଅ ଜୀବନ ଅନେକାଂଶରେ ସୁଧୁରିଯିବ। ମାଆର ଉଚିତ୍ ପରାମର୍ଶ ଝିଅ ପାଇଁ ସୁରକ୍ଷା କବଚ ଭଳି କାମ କରିବ। କାରଣ ଝିଅ ବଡ଼ ହେଲା ପରେ ପରିବାରର ଅନ୍ୟମାନଙ୍କ ତୁଳନାରେ ମାଆ ଆଗରେ ହିଁ ନିଜର ସବୁ ପ୍ରକାରର ସମସ୍ୟାକୁ ଖୋଲି କହିପାରେ। ଏହା ସହିତ ଝିଅଟିଏ ସବୁ କଥା କହିପାରିଲେ ମାଆ ତାକୁ ଭୁଲ ଠିକ୍‌ର ମାର୍ଗ ଦେଖାଇପାରିବ। ତେଣୁ ଝିଅଟି କିଛି ଭୁଲ କରିବା ଆଗରୁ ହିଁ ସଚେତନ ହୋଇ ଜୀବନକୁ ସୁନ୍ଦର କରି ଗଢ଼ି ତୋଳିବ।

ଫ୍ୟାଶନ

# ଶୀତ ପୋଷାକର ଷ୍ଟାଇଲିସ୍ ଲୁକ୍

ଏବେ ହାଇଟେକ୍ ଯୁଗ। ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନର ଧାରା ଜାରି ରହିଛି। ଠିକ୍ ସେହିପରି ଫ୍ୟାଶନ ଦୁନିଆରେ ବି ପୋଷାକ ପରିଧାନରେ ପରିବର୍ତ୍ତନ ହୋଇଥାଏ। ଶୀତଦିନେ ସ୍ୱେଟର, ଜ୍ୟାକେଟ୍, ଶାଲ୍ ଆଦି ପିନ୍ଧିବାକୁ ପଡ଼ିଥାଏ। ତେବେ ଫ୍ୟାଶନ ଟ୍ରେଣ୍ଡରେ ସାମିଲ ହେବାକୁ ଚାହୁଁଥିଲେ କାହା ସହିତ କ'ଣ ପିନ୍ଧିବେ ଜାଣି ରଖନ୍ତୁ...

- ଶୀତଦିନେ ଅଫିସ୍ ଯାଉଥିଲେ ଆପଣ ଡେନିମ୍ ଜ୍ୟାକେଟ୍ ପିନ୍ଧିଲେ ଭଲ ଲାଗିବ। ଯଦି ଡେନିମ ଜ୍ୟାକେଟ୍ ପିନ୍ଧିବାକୁ ଆପଣ ପସନ୍ଦ କରୁନାହାନ୍ତି ତେବେ ଫୁଲ୍ ହାତଥିବା ଉଲେନ୍ ଟି-ଶାର୍ଟ ବା ଟପ୍ ସହିତ ମ୍ୟାଚିଂ ଶ୍ରଗ ପିନ୍ଧିପାରିବେ।
- କେବେକେବେ ଅଲଗା ଲୁକ୍ ନିମନ୍ତେ ସିଲ୍କ ଶୁଟ୍ କିମ୍ବା ଶାଢ଼ି ସହିତ କଣ୍ଟ୍ରାଷ୍ଟ ଶାଲ୍ ମଧ୍ୟ ପିନ୍ଧିପାରିବେ।
- ଏହି ଋତୁରେ ପ୍ରାୟତଃ ଲେୟରଥିବା ପୋଷାକ ଭଲ ଲାଗିଥାଏ।
- ଯେକୌଣସି ଡ୍ରେସ ସହିତ କଲରଫୁଲ ସ୍ୱେଟର ବି ଆପଣଙ୍କୁ ସ୍ମାର୍ଟଲୁକ୍ ଦେବ।
- ଅତ୍ୟଧିକ ଶୀତରେ ଯଦି କୌଣସି ପାର୍ଟି ଯାଉଛନ୍ତି ତେବେ ସେହି ଅନୁସାରେ ପୋଷାକ ପିନ୍ଧନ୍ତୁ। ଅର୍ଥାତ୍ ଯଦି ପାର୍ଟି କୌଣସି ଖୋଲାସ୍ଥାନ କିମ୍ବା ଲନ୍‌ରେ ହେଉଥାଏ ଏବଂ ଆପଣଙ୍କୁ ଅଧିକ ସମୟ ରହିବାକୁ ଥାଏ ତେବେଶାଢି କିମ୍ବା ଡ୍ରେସ ସହିତ ଆପଣ ପୋଞ୍ଚୁ ପିନ୍ଧିପାରିବେ। ଏଥିରେ ଶରୀରର ଉପରିଭାଗ କଭର ହୋଇ ରହିବ ଓ ସୁନ୍ଦର ଦିଶିବ।
- ଲମ୍ବା, ଷ୍ଟାଇଲିସ୍ ଏବଂ କ୍ଲାସି ଓଭରକୋଟ୍ ମଧ୍ୟ ଶୀତରୁ ରକ୍ଷା କରିବା ସହିତ ସ୍ମାର୍ଟ ଲୁକ୍ ଦେଇପାରିବ।
- ପାରମ୍ପରିକ ଫ୍ୟାଶନ ଅନୁସାରେ କିଛି ଲୋକ ଭାବନ୍ତି କି ଫ୍ଲୋରାଲ ପ୍ରିଣ୍ଟ କେବଳ ଖରାଦିନେ ଭଲ ଲାଗେ। କିନ୍ତୁ ଶୀତରେ ବି ଫ୍ଲୋରାଲ ପ୍ରିଣ୍ଟର ଟ୍ରେଣ୍ଡ ଚାଲିଛି।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୮/୨୦୨୦ Rayagada, Tuesday, December 8/ 2020

# ପେରେଜଙ୍କୁ ପ୍ରଥମ ଫର୍ମୁଲା ୱାନ୍ ଟାଇଟଲ

**ସାଖୀର (ବାହାରିନ୍),୭।୧୨:** ରବିବାର ଅନୁଷ୍ଠିତ ସାଖୀର ଗ୍ରାଁପ୍ରିରେ ରେସିଂ ପଏଣ୍ଟର ସର୍ଗିଓ ପେରେଜ ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ବିଜୟ ହାସଲ କରିଛନ୍ତି। ଫର୍ମୁଲା ୱାନ୍‌ରେ ଏହା ଥିଲା ତାଙ୍କର ୧୯୦ତମ ରେସ୍। ମର୍ସିଡିଜ୍ ଟିମ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଟିମ୍ ତରଫରୁ ପ୍ରଥମ ପଦାର୍ପଣରେ ଜର୍ଜ ରସେଲଙ୍କ ପାଇଁ ଟାଇଟଲ ସୁଯୋଗ ରହିଥିଲା। ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ କରୋନା ସଂକ୍ରମିତ ହେବାରୁ ତାଙ୍କ ସ୍ଥାନରେ ବ୍ରିଟେନର ଏହି ୨୨ବର୍ଷୀୟ ଡ୍ରାଇଭର ମର୍ସିଡିଜରୁ ପ୍ରତିନିଧିତ୍ୱ କରିଥିଲେ। ଲେଟ୍ ରେସ୍ ସେଫ୍ଟି କାର୍ ପାଇଁ ରେସ୍‌ରେ ସେ ୯ମ ସ୍ଥାନରେ ରହିଥିଲେ। ଟିମ୍‌ମେଟ୍ ଭାଲଟେରୀ ବୋଟାସ ୮ମ ସ୍ଥାନ ଅଧିକାର କରିଥିଲେ। ରେନଲ୍ଟର ଏଷ୍ଟିବାନ ଓକନ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ପୋଡିୟମ ଫିନିଶ। ପେରେଜଙ୍କ ରେସିଂ ପଏଣ୍ଟ ଟିମ୍‌ମେଟ ଲାନ୍ସ ଷ୍ଟ୍ରୋଲ୍ ତୃତୀୟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଲୋସ ସେଞ୍ଜ୍ ଜୁନିୟର (ମ୍ୟାକଲରେନ), ଡାନିଏଲ ରିକାର୍ଡୋ(ରେନଲ୍ଟ), ଆଲେକ୍‌ଜାଣ୍ଡର ଆଲବନ (ରେଡ୍‌ବୁଲ୍) ଏବଂ ଡାନିଲ କ୍ୟାତ୍ (ଆଲ୍‌ଫା ଟାଉରି) ଯଥାକ୍ରମେ ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରିଥିଲେ। ମ୍ୟାଲରେନର ଲାଣ୍ଡୋସ ନୋରିସ୍ ୧୦ମ ସ୍ଥାନରେ ରହିଥିଲେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ସିଡ୍‌ନୀ, ୭।୧୨(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦୁଇଟି ମ୍ୟାଚ୍ ଜିତିବା ସହ ଭାରତ ସିରିଜ ବିଜୟୀ ହୋଇସାରିଛି। ଆତ୍ମବିଶ୍ୱାସ ବହୁ ଉପରେ ଥିବାରୁ ଦଳ ଏବେ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ଦଳ ଦୁର୍ବଳ ହୋଇଛି। ଏଥିରୁ ଫାଇଦା ଉଠାଇବା ଉପରେ ବିରାଟ କୋହଲିଙ୍କ ଦଳର ନଜର ରହିବ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ୨୦୧୬ ପରି ଏଥର ମଧ୍ୟ ଇତିହାସ ସୃଷ୍ଟି ସମ୍ଭାବନାକୁ ଉଜ୍ଜୀବିତ କରିଛି। ସେତେବେଳେ ଭାରତ ଦିନିକିଆରେ ଭଲ ଖେଳିପାରି ନ ଥିଲେ ହେଁ ଟି୨୦ ସିରିଜରେ ୩-୦ରେ ବିଜୟୀ ହୋଇଥିଲା। ପ୍ରଥମ ୨ଟି ଦିନିକିଆରେ ବୃହତ୍ ପରାଜୟ ପରେ ଭାରତ କାନ୍‌ବେରାରେ ତୃତୀୟ ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରବୀନ୍ଦ୍ର ଜାଡେଜାଙ୍କ ପରି ଦକ୍ଷ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଦ୍ୱିତୀୟ ଟି୨୦ରେ ଦଳ ୬ ଉଇକେଟରେ ବିଜୟୀ ହୋଇଥିଲା। ଯଶପ୍ରୀତ୍ ବୁମ୍‌ରା ଏବଂ ମହମ୍ମଦ ସାମିଙ୍କୁ ବିଶ୍ରାମ ଦେବା ସତ୍ତ୍ୱେ ଏପରି ବିଜୟ ଭାରତୀୟ ଦଳର ମନୋବଳକୁ ଦୃଢ଼ କରି ଦେଇଛି। ଭାରତର ନୂଆ ହ୍ୱାଇଟ୍-ବଲ୍ ସେନ୍‌ସେଶନ ଥଙ୍ଗାରାସୁ ନଟରାଜନଙ୍କ ଅନ୍ତର୍ଜାତୀୟ ପଦାର୍ପଣ ଧମାକାଦାର ରହିଛି। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ଏପର୍ଯ୍ୟନ୍ତ ତାଙ୍କ ବୋଲିଂକୁ ଖେଳିବାରେ ଅସୁବିଧା ଅନୁଭବ କରୁଛନ୍ତି। ଗତ ରବିବାର ନଟରାଜନଙ୍କ ସ୍ପେଲ୍ ମ୍ୟାଚ ଫଳାଫଳରେ ପ୍ରଭେଦ ଆଣିଲା ବୋଲି ପାଣ୍ଡ୍ୟା ପ୍ରକାଶ କରିଛନ୍ତି। ଉଭୟ ଦଳ ମଧ୍ୟରେ ମିଡିଲ ଓଭର ବ୍ୟାଟିଂରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଛି। କାମଚଳା ଅଧିନାୟକ ମାଥ୍ୟୁ ୱାଡେଙ୍କ ଉଇକେଟ ହରାଇବାପରେ ଅଷ୍ଟ୍ରେଲିଆ ମୋମେଣ୍ଟମ୍ ହରାଇଥିଲା। ଅନ୍ୟପକ୍ଷରେ ବିରାଟ କୋହଲି ପାୱାରପ୍ଲେରେ ବଡ଼ ଶଟ୍ ଖେଳି ଦଳକୁ ଫାଇଦାରେ ରଖିଲେ। ଆହତ ମନୀଷ ପାଣ୍ଡେଙ୍କ ସ୍ଥାନରେ ଶ୍ରେୟାସ ଆୟାରଙ୍କୁ ନିଆଯିବା ମଧ୍ୟ କାମଦେଲା। ପ୍ରଭାବୀ ପ୍ରଦର୍ଶନ କରୁଥିବା ଯୁଜବେନ୍ଦ୍ର ଚହଲଙ୍କ ପାଇଁ ସେଦିନ ଖରାପ ଥିଲା। ୬ଷ୍ଠ ବୋଲର ବିକଳ୍ପ ନ ଥିବାରୁ ଅଧିନାୟକ ବାଧ୍ୟହୋଇ ଏହି ଲେଗ୍ ସ୍ପିନରଙ୍କ କୋଟା ପୂରଣ କଲେ। ଭାରତ ଯଦି ୩-୦ରେ ସିରିଜ ମୂଳପୋଛ କରେ ତେବେ ଟେଷ୍ଟ ସିରିଜ ପୂର୍ବରୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଫାଇଦାରେ ରହିବ।

ଅଷ୍ଟ୍ରେଲିଆ ଦଳରେ ନିୟମିତ ଅଧିନାୟକ ଆରୋନ ଫିଞ୍ଚ, ଡେଭିଡ ୱାର୍ନର, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଏବଂ ଜୋଶ୍ ହାଜେଲଉଡ୍‌ଙ୍କ ଅନୁପସ୍ଥିତି ଅନୁଭୂତ ହେଉଛି। ଏମାନଙ୍କ ମଧ୍ୟରୁ ୩ ଜଣ ପ୍ରଥମ ଟି୨୦ରେ ଖେଳିଥିଲେ ହେଁ ଭାରତ ୧୧ ରନରେ ବିଜୟୀ ହୋଇଥିଲା। ଓପନରଭାବେ ଡି'ଆର୍ସି ଶର୍ଟ ପ୍ରଭାବୀ ହୋଇପାରି ନାହାନ୍ତି। ଏ କ୍ଷେତ୍ରରେ ସିନିୟର ଖେଳାଳିଭାବେ ମାର୍କୁସ ଷ୍ଟୋଇନିସ ଓ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଅଧିକ ଦାୟିତ୍ୱ ନେବାକୁ ପଡ଼ିବ।


ବିରାଟ କୋହଲି

**ତୃତୀୟ ଟି୨୦ ଆଜି**
ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୦
ପ୍ରସାରଣ: ସୋନୀ ନେଟ୍‌ୱର୍କ

# ଜାମସେଦପୁରର ପ୍ରଥମ ବିଜୟ

**ଭାସ୍କୋ, ୭।୧୨:** ନେରିଜୁସ୍ ଭାଲ୍ସକିସଙ୍କ ଡବଲ ଗୋଲ ବଳରେ ଜାମସେଦପୁର ଏଫସି ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ)ର ସୋମବାର ଅନୁଷ୍ଠିତ ମ୍ୟାଚରେ ଏଟିକେ ମୋହନବାଗାନକୁ ୨-୧ ଗୋଲରେ ପରାସ୍ତ କରିଛି। ଚଳିତ ଆଇଏସ୍ଏଲରେ ଜାମସେଦପୁରର ଏହାଥିଲା ପ୍ରଥମ ବିଜୟ ଏବଂ ମୋହନବାଗାନର ପ୍ରଥମ ପରାଜୟ। ବିଜୟୀ ଦଳ ପକ୍ଷରୁ ଭାଲ୍ସକିସ୍ ୩୦ ଓ ୬୬ତମ ମିନିଟରେ ଗୋଲ ଦୁଇଟି ଦେଇଥିଲେ। ମୋହନ ବାଗାନର ରୟ କ୍ରିଷ୍ଣା ୮୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଜାମସେଦପୁର ପୂର୍ବରୁ ୩ ମ୍ୟାଚ ଖେଳି ୨ ଡ୍ର ରଖିଥିଲା ଏବଂ ୧ ପରାଜୟ ବରଣ କରିଥିଲା।


ନେରିଜୁସ୍ ଭାଲ୍ସକିସ

# ସଂକ୍ଷେପରେ...

➤ମୁଣ୍ଡରେ ଆଘାତ ଓ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

➤ସ୍କଟିଶ ମହିଳା ପ୍ରିମିୟର ଲିଗ୍‌ରେ ଭାରତର ଷ୍ଟାର ଫୁଟ୍‌ବଲର ବାଲା ଦେବୀ ବ୍ୟକ୍ତିଗତ ପ୍ରଥମ ଗୋଲ୍ ଦେଇଛନ୍ତି। ସେ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟରେ ରେଞ୍ଜର୍ସ ଏଫ୍‌ସି ତରଫରୁ ଖେଳୁଛନ୍ତି।

➤ଆଉ ଏକ କୋଭିଡ୍ ପଜିଟିଭ୍ ଘଟଣା ନଜରକୁ ଆସିବା ପରେ ଇଂଲଣ୍ଡ-ଦକ୍ଷିଣଆଫ୍ରିକା ଦିନିକିଆ କ୍ରିକେଟ ସିରିଜକୁ ଶେଷରେ ବାତିଲ କରିଦିଆଯାଇଛି।

➤କେନ୍ ୱିଲିୟମସନ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗର ବ୍ୟାଟିଂ ତାଲିକାରେ ବିରାଟ କୋହଲିଙ୍କ ସହ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।




# କ୍ୟାଚିଂ ଓ ଗ୍ରାଉଣ୍ଡ ଫିଲ୍ଡିଂ ଚିନ୍ତାଜନକ

**ଭିଭିଏସ୍ ଲକ୍ଷ୍ମଣ**

ପୂର୍ବାନୁମାନ ଅନୁସାରେ ଟି୨୦ ଅନ୍ତର୍ଜାତୀୟ ସିରିଜରେ ଭାରତ ଚମତ୍କାର ପ୍ରଦର୍ଶନ କରିଛି। ପ୍ରଥମ ୨ଟି ମ୍ୟାଚରେ ଦଳ ସିରିଜ ବିଜୟୀ ଅଗ୍ରଣୀ ହାସଲ କରି ସାରିଛି। ଦଳ ପକ୍ଷରୁ ଖେଳୁଥିବା ପ୍ରତି ସଦସ୍ୟ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ନିଜ ଫ୍ରାଞ୍ଚାଇଜ୍ ପକ୍ଷରୁ ଅତିକମ୍‌ରେ ଡଜନେ ଲେଖାଏ ମ୍ୟାଚ ଖେଳିଛନ୍ତି। ପାଖାପାଖି ସମସ୍ତେ ନିଜ ନିଜ ଦଳର ପ୍ରମୁଖ ଖେଳାଳି ରହିଥିଲେ। ୟୁଏଇରେ ଅଢ଼େଇ ମାସ ଖେଳିବା ଏବଂ ଦିନିକିଆ ସିରିଜର ଅନ୍ତିମ ମ୍ୟାଚ ବିଜୟ ସେମାନଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ସବୁଠାରୁ ବଡ଼ କଥା ହେଲା ଦଳ ବ୍ୟାଟିଂ କ୍ଷେତ୍ରରେ କୌଣସି ଜଣେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁନାହିଁ। ଟି୨୦ ବିଶ୍ୱକପ ପୂର୍ବରୁ ଏକ ମିଳିତ ବ୍ୟାଟିଂ ଗ୍ରୁପ୍ ସୃଷ୍ଟି ହେବା ଭାରତ ପାଇଁ ଭଲ। ଦଳରେ ରୋହିତ ଶର୍ମା ଯୋଗଦେଲେ ବ୍ୟାଟିଂ ବିଭାଗ ଅଧିକ ଶକ୍ତିଶାଳୀ ହୋଇଯିବ।

ନିଜ ପାୱାର ପ୍ୟାକେଡ ପ୍ରଦର୍ଶନ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଚର୍ଚ୍ଚାରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ଟାଇଟଲ ଜିତିବାରେ ପାଣ୍ଡ୍ୟା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଏବେ ଲୋୟର ଅର୍ଡରରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନଭାବେ ଫିନିଶର ଦାୟିତ୍ୱକୁ ଅତି ଦକ୍ଷତାର ସହ ନିର୍ବାହ କରୁଛନ୍ତି। ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାପରେ ଭାରତ ପାଇଁ ଏହି ଭୂମିକା କିଏ ତୁଲାଇବ ତାହାକୁ ନେଇ ପ୍ରଶ୍ନ ରହିଥିଲା। ଟପ୍ ଅର୍ଡର ଭଲ ଖେଳୁଥିବାବେଳେ ପାଣ୍ଡ୍ୟାଙ୍କ ସ୍ଥିର ପ୍ରଦର୍ଶନ ଟିମ୍ ମ୍ୟାନେଜମେଣ୍ଟକୁ ଆଶ୍ୱସ୍ତ କରିଛି। ପ୍ରଥମ ଟି୨୦ରେ ରବୀନ୍ଦ୍ର ଜାଡେଜା ପୁଣିଥରେ ନିଜ ବ୍ୟାଟିଂ ଦକ୍ଷତା ଦେଖାଇ ଅଧିନାୟକଙ୍କୁ ଅତିରିକ୍ତ ବିକଳ୍ପ ସୁଯୋଗ ଦେଇଥିଲେ। ଟି. ନଟରାଜନ ଜାତୀୟ ଜର୍ସି ପିନ୍ଧିବାପରେ ପ୍ରଭାବୀ ପ୍ରଦର୍ଶନ କରି ଚାଲିଛନ୍ତି। ସେ ନିଜ ଯୋଜନାରେ କେବଳ ୟର୍କରକୁ ସାମିଲ କରୁ ନାହାନ୍ତି, ବୋଲିଂରେ ବିବିଧତା ଦେଖାଇଛନ୍ତି। ଗତ ଶୁକ୍ରବାର ସେ ଯେପରି ଭାବରେ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଲେଗ୍ ବିଫୋର କଲେ ସେଥିରେ ମୁଁ ପ୍ରଭାବିତ। ସୀମିତ ଓଭର କ୍ରିକେଟରେ ଦୁଇ ଶ୍ରେଷ୍ଠ ପ୍ରଦର୍ଶନକାରୀ ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ମଧ୍ୟ ଭାରତ ଏହି ଦୁଇ ବିଜୟ ହାସଲ କରିଛି। ୨୦୧୬ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ ପରଠାରୁ ଭାରତ ଏକ ଭିନ୍ନ ଦଳରେ ପରିଣତ ହୋଇଛି। କାହିଁକି ତାହା ପ୍ରଦର୍ଶନରୁ ସ୍ପଷ୍ଟ ହୋଇଯାଉଛି।

ଅଷ୍ଟ୍ରେଲିଆରେ ଭାରତ କ୍ଲିନ୍ ସୁଇପର ଦ୍ୱାରରେ ପହଞ୍ଚିଥିଲେ ହେଁ କ୍ୟାଚିଂ ଏବଂ ଗ୍ରାଉଣ୍ଡ ଫିଲ୍ଡିଂ ଚିନ୍ତାଜନକ ରହିଛି। କେତେଜଣ ଶ୍ରେଷ୍ଠ ଫିଲ୍ଡର ସହଜ କ୍ୟାଚ ହାତଛଡ଼ା କରିଥିବାବେଳେ ଏକାଧିକ ଓଭରଥ୍ରୋ ଦେଖିବାକୁ ମିଳିଛି। ଏହା ନିଶ୍ଚିତ ସେମାନଙ୍କୁ ବାଧୁଥିବ କାରଣ ସେମାନେ କଠିନ ପରିଶ୍ରମ କରୁଛନ୍ତି ଏବଂ ଭଲ ଫିଲ୍ଡିଂ ପାଇଁ ପରିଚିତ ମଧ୍ୟ। ତେଣୁ ଏ କ୍ଷେତ୍ରରେ ଶୃଙ୍ଖଳିତ ହୋଇ ସେମାନେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଆଶା।

-(ଗେମ୍ ପ୍ଲାନ)




# ପୁରସ୍କାର ଫେରାଇବା ପାଇଁ ଅଗ୍ରସର ହେଲେ ଆଥଲେଟ୍


**ନୂଆଦିଲ୍ଲୀ, ୭।୧୨ (ପି.ଟି.):** ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ରାଜଧାନୀ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କୃଷକମାନଙ୍କ ପ୍ରତି ପଞ୍ଜାବର କେତେଜଣ ଆଥଲେଟ୍ ସେମାନଙ୍କର ସମର୍ଥନ ଜଣାଇଛନ୍ତି। ଏପରିକି ସେମାନେ ସୋମବାର ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ପୂର୍ବତନ ରେସଲର କର୍ତାର ସିଂଙ୍କ ନେତୃତ୍ୱରେ ୩୫ଟି ଜାତୀୟ କ୍ରୀଡ଼ା ପୁରସ୍କାର ଫେରାଇବାଲାଗି ରାଷ୍ଟ୍ରପତିଙ୍କ ବାସଭବନ ଆଡକୁ ଅଗ୍ରସର ହେଉଥିବାବେଳେ ପୋଲିସ ସେମାନଙ୍କୁ ବାଟରେ ଅଟକାଇଛି। କର୍ତାର ୧୯୮୨ରେ ଅର୍ଜୁନ ଏବଂ ୧୯୮୭ରେ ପଦ୍ମଶ୍ରୀ ପାଇଥିଲେ। ତାଙ୍କ ସହିତ ରହିଥିଲେ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ପୂର୍ବତନ ହକି ଖେଳାଳି ଗୁର୍‌ମେଲ୍ ସିଂ ଓ ପୂର୍ବତନ ମହିଳା ହକି ଅଧିନାୟିକା ରଜବୀର କୌର ଏବଂ ଅନ୍ୟମାନେ। ଗୁର୍‌ମେଲ ୨୦୧୪ରେ ଧ୍ୟାନଚାନ୍ଦ ପୁରସ୍କାର ପାଇଥିବାବେଳେ ରଜବୀର ୧୯୮୪ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୧୯୭୮ ଓ ୧୯୮୬ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ କର୍ତାର କହିଛନ୍ତି, କୃଷକମାନେ ସେମାନଙ୍କୁ ସବୁବେଳେ ସମର୍ଥନ କରି ଆସିଛନ୍ତି। ନୂଆଦିଲ୍ଲୀରେ ସେମାନଙ୍କ ପାଇଁ ସମସ୍ତ ରାସ୍ତା ବନ୍ଦ କରିଦିଆଯାଇଛି। ପ୍ରବଳ ଶୀତ ସତ୍ତ୍ୱେ ସେମାନେ ସେମାନଙ୍କ ଦାବି ପୂରଣ କରିବା ଲାଗି ରାସ୍ତାକଡ଼ରେ ବସି ରହିଛନ୍ତି। କୃଷକ ଭାଇମାନଙ୍କ ଉପରେ ଲାଠିମାଡ଼କୁ ସହ୍ୟ କରିହେଉ ନାହିଁ।

# ଗୋଟିଏ କିଡ୍‌ନୀ ସତ୍ତ୍ୱେ ସଫଳତା ପାଇଥିଲେ ଅଞ୍ଜୁ

**କୋଚି, ୭।୧୨ (ପି.ଟି.):** ଅଲିମ୍ପିଆନ ଅଞ୍ଜୁ ବବି ଜର୍ଜ ଏକ ଟୁଇଟ୍‌ରେ ତାଙ୍କର ଏକ ବ୍ୟକ୍ତିଗତ ଗୋପନ କଥା ସାଧାରଣରେ ପ୍ରକାଶ କରିଛନ୍ତି। ୨୦୦୩ରେ ପ୍ୟାରିସ୍‌ରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଲଙ୍ଗ୍‌ଜମ୍ପ୍‌ରେ ଅଞ୍ଜୁ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେତେବେଳେ ତାଙ୍କର ଗୋଟିଏ କିଡ୍‌ନୀ କାର୍ଯ୍ୟକ୍ଷମ ଥିଲା ବୋଲି ସେ କହିଛନ୍ତି। ଆଇଏଏଏଫ୍ ୱାର୍ଲ୍ଡ ଆଥଲେଟିକ୍ସ ଫାଇନାଲ୍ସ (ମୋନାକୋ ୨୦୦୫)ରେ ମଧ୍ୟ ଏହି ଟପ୍ ଆଥଲେଟ୍ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଅଞ୍ଜୁ କହିଛନ୍ତି, ଗୋଟିଏ କିଡ୍‌ନୀ ଥିବାରୁ ତାଙ୍କ ପାଇଁ ବହୁ କଟକଣା ଥିଲା। ଆଲର୍ଜି ସତ୍ତ୍ୱେ ତାଙ୍କୁ ପେନ୍ କିଲର ନେବାକୁ ହେଉଥିଲା। ଉପରକୁ ଗୋଡ଼ ଟେକିବା ବିପଦ ଥିଲା। ଏହା ସତ୍ତ୍ୱେ ଗୋଟିଏ କିଡ୍‌ନୀ ଥାଇ ଯେଉଁ ହାତଗଣତି ଆଥଲେଟ ବିଶ୍ୱର ଟପ୍‌ରେ ପହଞ୍ଚିପାରିଛନ୍ତି, ସେମାନଙ୍କ ମଧ୍ୟରେ ସେ ଅନ୍ୟତମ ହୋଇ ପାରିଛନ୍ତି। କୋଚ୍‌ଙ୍କ ମ୍ୟାଜିକ୍ କିମ୍ବା ତାଙ୍କ ଦକ୍ଷତା ବଳରେ ଏହା ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରେ। ସ୍ୱାମୀ ରବର୍ଟ ବବି ଜର୍ଜଙ୍କ କୋଚିଂରେ ତାଙ୍କ କ୍ୟାରିୟର ପ୍ରସ୍ଫୁଟିତ ହୋଇଛି। ପୂର୍ବତନ ଷ୍ଟାର ଆଥଲେଟ୍‌ଙ୍କ ଟୁଇଟ୍‌ର ଜବାବ ରଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଦୃଢ ସଂକଳ୍ପ, ଅଧ୍ୟବସାୟ ଓ କଠିନ ପରିଶ୍ରମ ଯୋଗୁ ଅଞ୍ଜୁ ଦେଶପାଇଁ ଗୌରବ ଆଣି ଦେଇଛନ୍ତି।

# ଗ୍ରୀନ୍‌ଙ୍କ ଶତକ: ଅଷ୍ଟ୍ରେଲିଆ 'ଏ' ଅଗ୍ରଣୀ

**ସିଡ୍‌ନୀ, ୭।୧୨:** କାମେରନ ଗ୍ରୀନ୍‌ଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ 'ଏ' ଏଠାରେ ଚାଲିଥିବା ଭାରତ 'ଏ' ବିପକ୍ଷ ୱାର୍ମଅପ୍ ମ୍ୟାଚରେ ୩୯ ରନରେ ଅଗ୍ରଣୀଲାଭ କରିଛି। ଭାରତ ଏହାର ପ୍ରଥମ ଇନିଂସକୁ ୨୪୭/୯ରେ ଘୋଷଣା କରିଥିବାବେଳେ ସୋମବାର ଦ୍ୱିତୀୟ ଦିବସ ଶେଷସୁଦ୍ଧା ଅଷ୍ଟ୍ରେଲିଆ 'ଏ' ୮ ଉଇକେଟ ହରାଇ ୨୮୬ ରନ ସ୍କୋର କରିଛି। ୧୭୩ଟି ବଲ୍ ଖେଳିଥିବା ଗ୍ରୀନ୍ ୧୧୪ ରନରେ ଅପରାଜିତ ଅଛନ୍ତି। ଭାରତର ଉମେଶ ଯାଦବ ପ୍ରଭାବୀ ବୋଲିଂ କରି ଅଷ୍ଟ୍ରେଲିଆ 'ଏ'ର ଦୁଇ ଓପନର ୱିଲ୍ ପୁକୋଭସ୍କି (୧) ଏବଂ ଜୋ ବର୍ନ୍ସ(୪)ଙ୍କୁ ମାତ୍ର ୫ ରନ ମଧ୍ୟରେ ପ୍ୟାଭିଲିୟନ ପଠାଇ ଭାରତୀୟ ଶିବିରରେ ଉତ୍ସାହ ଭରିଥିଲେ। ମାର୍କୁସ ହାରିସଙ୍କ ୩୫, ଟିମ୍ ପେନ୍‌ଙ୍କ ୪୪ ଏବଂ ମାଇକେଲ ନେସରଙ୍କ ୩୩ ରନ ସହାୟତାରେ ଅଷ୍ଟ୍ରେଲିଆ 'ଏ' ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ